


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର


# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani


website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର, ୦୬ ସେପ୍ଟେମ୍ବର ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 06 SEPTEMBER 2022
Vol.No. 35 ■ No. 234 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022





ପ୍ରକାଶକ : ସୁବର୍ଣ୍ଣଶ୍ରୀ ପ୍ରକାଶିନୀ ବାଲେଶ୍ୱର-୧



ସୃଷ୍ଟିଧର ପରିଡ଼ାଙ୍କର ଏମିତି ଚାଲିଥିବ

ସୈରିନ୍ଧ୍ରୀ ସାହୁଙ୍କର ରଫ୍‌ଖାତାର ଚିତ୍ର

ପ୍ରାପ୍ତିସ୍ଥାନ


ନଲେଜ୍ କର୍ଣ୍ଣର, ସହଦେବଖୁଣ୍ଟା ବସ୍‌ଷ୍ଟାଣ୍ଡ ସାମନା ବାଲେଶ୍ୱର-୧


## ବ୍ରିଟେନର ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ହେବେ ଲିଜ୍ ଟ୍ରସ୍



ନୂଆଦିଲ୍ଲୀ, ୦୫/୦୯ : ବ୍ରିଟେନ୍ ପ୍ରଧାନମନ୍ତ୍ରୀ ରେସରେ ହାରିଯାଇଛନ୍ତି ଭାରତୀୟ ବଂଶୋଦ୍ଭବ ଋଷି ସୁନକ ଆଉ ବିଜୟୀ ହେଇଛନ୍ତି ଲିଜ୍ ଟ୍ରସ୍ । ବ୍ରିଟେନର ଏହି ପୂର୍ବତନ ବିଦେଶ ମନ୍ତ୍ରୀ ବ୍ରିଟେନର ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ଭାବେ ନିର୍ବାଚିତ ହେଇଛନ୍ତି । ଯିଏକି ବର୍ତ୍ତମାନର ପ୍ରଧାନମନ୍ତ୍ରୀ ବୋରିସ୍ ଜନସନଙ୍କ ସ୍ଥାନ ନେବେ । ତେବେ ବ୍ରିଟେନରେ ଶାସନ କରୁଥିବା କଞ୍ଜରଭେଟିଭ୍ ପାର୍ଟି ଲିଜ୍ ଟ୍ରସଙ୍କୁ ନିଜର ନେତା ନିର୍ବାଚିତ କରିଛି । ୪୨ ବର୍ଷୀୟ ଭାରତୀୟ ବଂଶୋଦ୍ଭବ ଋଷି ସୁନକ ନିର୍ବାଚନରେ ପରାଜିତ ହେଇଛନ୍ତି । ୪୭ ବର୍ଷୀୟ ଲିଜ୍ ଟ୍ରସ୍ ଏହି ନିର୍ବାଚନରେ ବିଜୟୀ ହେଇଛନ୍ତି । ତେବେ ଏହି ନିର୍ବାଚନରେ କଞ୍ଜରଭେଟିଭ୍ ପାର୍ଟିର ପ୍ରାୟ ୧ ଲକ୍ଷ ୬୦ ହଜାର ସଦସ୍ୟ ଭୋଟ୍ ଦେଇଥିଲେ । ନିର୍ବାଚନ ଆରମ୍ଭରୁ ଆସୁଥିବା ସର୍ଭେରେ ହିଁ ଋଷି ସୁନକ ପଛରେ ପଡିବା କଥା ପକ୍କା ହେଇଥିଲା । ତେବେ କଞ୍ଜରଭେଟିଭ୍ ପାର୍ଟିର ଏହି ନେତା ଚୟନ ପ୍ରକ୍ରିୟା ଅଗଷ୍ଟ ମାସରୁ ଆରମ୍ଭ ହେଇଥିଲା । ଏଥିରେ ୧.୬୬ ଲକ୍ଷ ପାର୍ଟି ସଦସ୍ୟ ଭାଗ ନେଇଥିଲେ । ଆଉ ପ୍ରାୟ ୨୦ ହଜାରରୁ ଅଧିକ ଭୋଟରେ ଲିଜ୍ ଟ୍ରସ୍ ଏହି ନିର୍ବାଚନକୁ ଜିତି ନେଇଛନ୍ତି । ବିଦାୟୀ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍ସନଙ୍କଠାରୁ କ୍ଷମତା ହସ୍ତାନ୍ତର ଲଣ୍ଡନର ବକିଂହାମ୍ ପ୍ୟାଲେସ୍ ବଦଳରେ ସ୍କଟଲାଣ୍ଡର ବାଲମୋରାଲ କ୍ୟାସଲରେ ଅନୁଷ୍ଠିତ ହେବ । ରାଣୀ ଏଲିଜାବେଥ୍ ଦ୍ୱିତୀୟ ବର୍ତ୍ତମାନ ସ୍କଟଲାଣ୍ଡରେ ଗ୍ରୀଷ୍ମ ଛୁଟି କଟାଉଥିବାରୁ ପାରମ୍ପରିକ ନିୟମରେ ପରିବର୍ତ୍ତନ କରାଯାଇଛି ।

## ଗୁଜରାଟ ନିର୍ବାଚନ ପାଇଁ ରାହୁଲ ଗାନ୍ଧୀଙ୍କ ବଡ ଘୋଷଣା
## ଚାଷୀଙ୍କୁ ଋଣ ଛାଡ, ମାଗଣା ବିଜୁଳି ଓ ୫୦୦ ଟଙ୍କାରେ ଗ୍ୟାସ



ନୂଆଦିଲ୍ଲୀ, ୦୫/୦୯ : ରାହୁଲ ଗାନ୍ଧୀଙ୍କ ବଡ ଘୋଷଣା । ଗୁଜରାଟ ବିଧାନସଭା ନିର୍ବାଚନକୁ ଆଖି ଆଗରେ ରଖି ଆଜି କଂଗ୍ରେସ ନେତା ରାହୁଲ ଗାନ୍ଧୀ ବଡ ଘୋଷଣା କରିଛନ୍ତି । ଅହମ୍ମଦାବାଦ ସହରରେ ହେଉଥିବା ପରିବର୍ତ୍ତନ ରାଲିରେ ଯୋଗ ଦେଇ ରାହୁଲ କହିଛନ୍ତି, ଯଦି ଗୁଜରାଟରେ କଂଗ୍ରେସର ସରକାର ଆସେ ତେବେ ତୁରନ୍ତ ଚାଷୀ ଭାଇମାନଙ୍କର ଋଣ ଛାଡ କରାଯିବ । ସେହିପରି ଏଲପିଜି ସିଲିଣ୍ଡର ଦାମ କମ କରାଯାଇ ଏହାକୁ କେବଳ ୫ ଶହ ଟଙ୍କାରେ ଦିଆଯିବ ବୋଲି ରାହୁଲ କହିଛନ୍ତି । ଅନ୍ୟପଟେ କଂଗ୍ରେସ କୃଷକମାନଙ୍କୁ ମାଗଣାରେ ବିଜୁଳି ପ୍ରଦାନ କରିବ । ତା ସହିତ ସାଧାରଣ ଉପଭୋକ୍ତାଙ୍କୁ ୩ ଶହ ୟୁନିଟ୍ ମାଗଣା ବିଜୁଳି ପ୍ରତିଶ୍ରୁତି ଦେଇଛନ୍ତି ରାହୁଲ ଗାନ୍ଧୀ । ଏବେ ଯେଉଁ ଗ୍ୟାସ ହଜାରେ ଟଙ୍କାରେ ମିଳୁଛି ସେହି ଗ୍ୟାସକୁ ୫ ଶହ ଟଙ୍କାରେ ଉପଲବ୍ଧ କରାଯିବ । ଯାହା ଫଳରେ ସାଧାରଣ ଲୋକଟିଏ ମହଙ୍ଗା ମାଡରୁ ମୁକ୍ତି ପାଇବ ବୋଲି ରାହୁଲ କହିଛନ୍ତି । ଗୁଜରାଟରେ କଂଗ୍ରେସ ସରକାର ଗଠନ କରିବା ପରେ ମହାମାରୀରେ ପ୍ରାଣ ହରାଇଥିବା ଲୋକଙ୍କୁ ମଧ୍ୟ ତୁରନ୍ତ କ୍ଷତିପୂରଣ ଦିଆଯିବ । ମହାମାରୀ ସମୟରେ ପ୍ରାଣ ହରାଇଥିବା ଲୋକଙ୍କ ପରିବାରବର୍ଗଙ୍କୁ ୪ ଲକ୍ଷ ଲେଖାଏଁ ଟଙ୍କା ଦିଆଯିବ । ସେହିପରି ଗୁଜରାଟରେ ୩ ହଜାର ଇଂରାଜୀ ମିଡିୟମ୍ ସ୍କୁଲ ଖୋଲାଯିବ ବୋଲି ରାହୁଲ ଗାନ୍ଧୀ ନିର୍ବାଚନ ପ୍ରତିଶ୍ରୁତି ଦେଇଛନ୍ତି । ତେବେ ଗୁଜରାଟରେ ପରିବର୍ତ୍ତନ ଆଣିବା ପାଇଁ ରାହୁଲ ଗାନ୍ଧୀ ଆଜି ଅନେକ ବଡ ବଡ ଘୋଷଣା କରିଛନ୍ତି । ଯାହା ଭିତରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା ଚିକିତ୍ସା ଏବଂ ଔଷଧ ସେବା । ଚାଷୀଙ୍କ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଛାଡ । କର୍ପୋରେଟିଭ୍ ସୋସାଇଟରେ ଦୁଗ୍ଧ ଉପରେ ୫ ଟଙ୍କା ପ୍ରତି ଲିଟର ସବସିଡି ଆଦି ରହିଛି । ସୂଚନାଯୋଗ୍ୟ ଯେ, ଗୁଜରାଟରେ ଚଳିତବର୍ଷ ବିଧାନସଭା ନିର୍ବାଚନ ହେବାକୁ ଅଛି । ଯେଉଁଠି ବିଜେପିକୁ ମାତ୍ ଦେଇ କଂଗ୍ରେସ ଶାସନ କ୍ଷମତା ଅକ୍ତିଆର କରିବା ଲକ୍ଷ୍ୟରେ ରହିଛି । ଅନ୍ୟପଟେ ଆମ୍ ଆଦମୀ ପାର୍ଟି ମଧ୍ୟ ଗୁଜରାଟରେ ଜୋରସୋରରେ ପ୍ରଚାର ଅଭିଯାନ ଜାରି ରଖିଛି ।

## ନର୍ସିଂ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ଘଟଣାରେ ମିଳିଲା ହାତଲେଖା ଚିଠି

ଭୁବନେଶ୍ୱର,୦୫/୦୯ (ନି.ପ୍ର): ରାଜଧାନୀରେ ନର୍ସିଂ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ଘଟଣାରେ ହଷ୍ଟେଲ ରୁମରୁ ଏକ ହାତ ଲେଖା ଚିଠି ମିଳିଛି । ଏଥିରେ ନିଦ ନ ହେବାରୁ ଆତ୍ମହତ୍ୟା କରୁଥିବାର ଲେଖାଯାଇଛି । ସେଥିରେ ଲେଖା ଅଛି ଗୋଟିଏ ମିନିଟ ବି ନିଦ ହେଉନି । ନିଦ ହେଉନଥିବାରୁ ବହୁତ କଷ୍ଟ ଲାଗୁଛି, କିଛି କରିବାକୁ ଇଚ୍ଛା ହେଉନି । ଏଥିରେ କାହାର ଦୋଷ ନାହିଁ, ପୁଲିସ କାହାରିକୁ ହଇରାଣ କରନ୍ତୁନି'। ତେବେ ହାତ ଲେଖାଟି ମୃତ ଛାତ୍ରୀଙ୍କର କି ନୁହେଁ ତାହା ସ୍ପଷ୍ଟ ହୋଇନାହିଁ । ହାତଲେଖା ମେଳକ ପାଇଁ ପୁଲିସ ଚିଠିଟିକୁ ଲ୍ୟାବକୁ ପଠାଇବ ବୋଲି ଜଣାପଡିଛି । ସୂଚନା ଥାଉ କି ଗତକାଲି ସନ୍ଧ୍ୟାରେ ଭୁବନେଶ୍ୱର ଏୟାରଫିଲ୍ଡ ଥାନା ଜାମୁକୋଲି ନିକଟରେ ଥିବା ଏକ ନର୍ସିଂ କଲେଜର ହଷ୍ଟେଲ୍ ରୁମ୍‌ରୁ ଛାତ୍ରୀଙ୍କ ମୃତଦେହ ଉଦ୍ଧାର ହୋଇଥିଲା । ମୃତ ଛାତ୍ରୀଙ୍କ ନାଁ କୁନି କହଁର, ଘର ବଲାଙ୍ଗିର ରେ ଏବଂ ସେ ନର୍ସିଂ ପ୍ରଥମ ବର୍ଷର ଛାତ୍ରୀ ଥିଲେ । ତେବେ କିପରି ଓ କେଉଁ ପରିସ୍ଥିତିରେ ଛାତ୍ରୀ ଜଣଙ୍କ ଆତ୍ମହତ୍ୟା କଲେ ସେ ନେଇ ଛାନଭିନ୍ ଚାଲିଛି । ଘଟଣାସ୍ଥଳରେ ଆଜି ଫୋରେନସିକ୍ ଟିମ୍ ଓ ପୁଲିସ ପହଂଚି ତଦନ୍ତ କରିଛନ୍ତି ।

## ଗୁରୁଦିବସରେ ୪୬ ଜଣ ଶିକ୍ଷକଙ୍କୁ ସମ୍ମାନିତ କଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ



ନୂଆଦିଲ୍ଲୀ, ୦୫/୦୯ : ଗୁରୁଦିବସରେ ଶିକ୍ଷକଙ୍କୁ ଜାତୀୟ ପୁରସ୍କାରରେ ସମ୍ମାନିତ କରିଛନ୍ତି ରାଷ୍ଟ୍ରପତି । ମନୋନୀତ ଶିକ୍ଷକମାନଙ୍କୁ ଜାତୀୟ ପୁରସ୍କାରରେ ସମ୍ମାନିତ କରିଛନ୍ତି ରାଷ୍ଟ୍ରପତି ଦୌପ୍ରଦୀ ମୁର୍ମୁ । ଦେଶର ୪୬ ଜଣ ଶିକ୍ଷକ ପୁରସ୍କାର ପାଇଥିବାବେଳେ ଏମାନଙ୍କ ମଧ୍ୟରେ ଓଡିଶାର ପୁରୀ ଜିଲ୍ଲାର ଇଶ୍ୱର ଚନ୍ଦ୍ର ନାୟକ ସମ୍ମାନିତ ହୋଇଛନ୍ତି । ଏହି ଅବସରରେ ନିଜ ପାଠପଢା ସମୟର ଅନୁଭୂତି ବଖାଣିଛନ୍ତି ରାଷ୍ଟ୍ରପତି । ଦିଲ୍ଲୀ ବିଜ୍ଞାନ ଭବନରେ ଯେତେବେଳେ ଜାତୀୟ ଶିକ୍ଷକତା ପୁରସ୍କାର ପାଇଁ ଓଡିଶାର ଶିକ୍ଷକ ଇଶ୍ୱର ଚନ୍ଦ୍ର ନାୟକଙ୍କ ନାଁ ଡକାଯାଉଥିଲା, ସେହି ମୁହୂର୍ତ୍ତ ସାରା ରାଜ୍ୟ ପାଇଁ ଗର୍ବର ମୁହୂର୍ତ୍ତ ଥିଲା । ଆଉ ଗୁରୁଦିବସ ଅବସରରେ ମଞ୍ଚ ଉପରେ ଓଡିଶାର ଏହି ଶିକ୍ଷକଙ୍କୁ ଜାତୀୟ ଶିକ୍ଷକତା ପୁରସ୍କାରରେ ସମ୍ମାନିତ କରିଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ଟେକ୍ସଟାଇଲ ଇଞ୍ଜିନିୟରିଂ କରିଥିବା ଇଶ୍ୱର କର୍ପୋରେଟ ଚାକିରି ଛାଡି ଗାଁକୁ ଆସି ପ୍ରାଥମିକ ସ୍କୁଲରେ ଶିକ୍ଷକ ଭାବେ ଯୋଗ ଦେବା ଓ ଦୈନନ୍ଦିନ ଜୀବନ ସହ ଯୋଡି ପିଲାମାନଙ୍କୁ ଶିକ୍ଷାଦାନ କରିବା ପାଇଁ ତାଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯାଇଛି । ପୁରୀ ଜିଲ୍ଲା ନିମାପଡା ଅଞ୍ଚଳର ଇଶ୍ୱର ଚନ୍ଦ୍ର ନାୟକ । ବୟସ ୫୦ ବର୍ଷ । ସେ ପୁରୀ ଜିଲ୍ଲା କାନପୁର ପ୍ରାଥମିକ ବିଦ୍ୟାଳୟରେ ସହକାରୀ ଶିକ୍ଷକ ଭାବେ କାର୍ଯ୍ୟରତ ଅଛନ୍ତି । ସ୍କୁଲରେ ଶିକ୍ଷକତା ▶▶ପୃଷ୍ଠା ୭

## ୭ରେ ବଙ୍ଗୋପ ସାଗରରେ ଘୂର୍ଣ୍ଣିବଳୟ, ୯ରୁ ପ୍ରବଳ ବର୍ଷା


ଭୁବନେଶ୍ୱର,୦୫/୦୯ (ନି.ପ୍ର): ଆସନ୍ତା ୭ ତାରିଖରେ ପୂର୍ବ କେନ୍ଦ୍ରୀୟ ବଙ୍ଗୋପ ସାଗରରେ ଘୂର୍ଣ୍ଣିବଳୟ ସୃଷ୍ଟି ହେବ । ପରବର୍ତ୍ତୀ ୪୮ ଘଂଟା ମଧ୍ୟରେ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗର ଅଂଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ୮ ତାରିଖରୁ ଦକ୍ଷିଣ ଓଡିଶାରେ ଏବଂ ୯ ତାରିଖରୁ ସାରା ରାଜ୍ୟରେ ବର୍ଷା ହେବ । କିଛି କିଛି ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ ବୋଲି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି । ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନା ଅନୁଯାୟୀ ଆସନ୍ତା ୨୪ ଘଂଟା ମଧ୍ୟରେ ଦକ୍ଷିଣ ଓଡ଼ିଶା, ଉତର ଆଭ୍ୟନ୍ତରୀଣ ଓଡ଼ିଶା ଏବଂ ଉତର ଉପକୂଳ ଓଡିଶାର ଜିଲ୍ଲାଗୁଡ଼ିକର କିଛି ସ୍ଥାନରେ ହାଲୁକାରୁ ମଧ୍ୟମ ବର୍ଷା କିମ୍ବା ବଜ୍ରପାତ ହେବାର ସମ୍ଭାବନା ରହିଛି । ରାଜ୍ୟର ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି, ଗଂଜାମ, କଳାହାଣ୍ଡି, କନ୍ଧମାଳ, ବୌଦ୍ଧ, ନୟାଗଡ଼, ଅନୁଗୁଳ, ଢ଼େଙ୍କାନାଳ, କେନ୍ଦୁଝର, ମୟୂରଭଂଜ, କଟକ, ଖୋର୍ଦ୍ଧା, ପୁରୀ, ଯାଜପୁର, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ▶▶ପୃଷ୍ଠା ୭

## ବଦଳିବ ରାଜପଥର ନାଁ, ହେବ 'କର୍ତ୍ତବ୍ୟ ପଥ'



ନୂଆଦିଲ୍ଲୀ, ୦୫/୦୯ : ମୋଦୀ ସରକାର ବଡ ପଦକ୍ଷେପ ନେଇ ଦିଲ୍ଲୀ ରାଜପଥର ନାଁ ବଦଳାଇବାକୁ ଘୋଷଣା କରିଛନ୍ତି । ଏବେଠୁ ରାଜପଥର ନାଁ କର୍ତ୍ତବ୍ୟ ପଥ ହୋଇଯିବ । ସେପ୍ଟେମ୍ବର ୭ ତାରିଖରେ ଏନଡିଏମସିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ହେବାର ଅଛି ସେହି ବୈଠକରେ ଏହି ନିଷ୍ପତ୍ତି ଉପରେ ମୋହର ବାଜିବ । ନୌସେନାର ପତାକାରେ ଥିବା କିଙ୍ଗସ କ୍ରସ୍ ହଟାଇବାର କିଛି ଦିନ ପରେ ହିଁ ବିଜେପି ସରକାର ଏହି ନିଷ୍ପତ୍ତି ନେଇଛନ୍ତି । ବିଜେପି ନିୟନ୍ତ୍ରଣରେ ଥିବା ନୂଆଦିଲ୍ଲୀ ମୁନିସପାଲ କାଉନସିଲ (ଏନଡିଏମସି) ବୈଠକରେ ଏ ନେଇ ଏକ ପ୍ରସ୍ତାବ ଆଗତ କରିବାକୁ ନିଷ୍ପତ୍ତି ନିଆଯାଇଛି । ଏହି ପ୍ରସ୍ତାବ ଆଗତ କରିବାକୁ ଆସନ୍ତା ୭ ତାରିଖରେ ଏକ ସ୍ୱତନ୍ତ୍ର ଅଧିବେଶନର ଆୟୋଜନ କରାଯାଇଛି । ରାଜପଥକୁ ବ୍ରିଟିଶ ସରକାର ସମ୍ରାଟ ୫ମ ଜର୍ଜଙ୍କ ସମ୍ମାନରେ ନାମିତ କରାଯାଇଥିଲା । ଏହାର ମୂଳ ନାମ ଥିଲା କିଙ୍ଗସ ୱେ, ଯାହାର ଅନୁବାଦ ହେବ 'ରାଜପଥ' । ୧୯୧୧ରେ ବ୍ରିଟିଶ ସରକାର ନୂଆଦିଲ୍ଲୀକୁ ବ୍ରିଟିଶ ଭାରତର ରାଜଧାନୀ କରିବା ପରେ ୫ମ ଜର୍ଜ ଭାରତ ଆସିଥିଲେ । ତାଙ୍କ ସମ୍ମାନରେ ଏହି ରାସ୍ତାର ଏପରି ନାମକରଣ ହୋଇଥିଲା । ସ୍ୱାଧୀନତା ପରେ କିଙ୍ଗସୱେର ନାମକୁ ଅନୁବାଦ କରି ରାଜପଥ କରାଗଲା । ଏବେ ମୋଦୀ ସରକାର ଏହାର ନାମକୁ ବଦଳେଇ 'କର୍ତ୍ତବ୍ୟ ପଥ' କରିବାକୁ ନିଷ୍ପତ୍ତି ନେଇଛନ୍ତି ।

## ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରିବେ ୫୦ ହଜାର ଲୋକ



ଭୁବନେଶ୍ୱର,୦୫/୦୯ (ନି.ପ୍ର): ଦିଲ୍ଲୀରେ ଲାଇଫ୍ ଟାଇମ୍ ଆଚିଭମେଂଟ ଆୱାର୍ଡ ପାଇବା ପରେ ଆସନ୍ତାକାଲି (ମଙ୍ଗଳବାର) ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡିଶା ଫେରିବେ । ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରିବାକୁ ବିଜୁପଟ୍ଟନାୟକ ବିମାନବନ୍ଦରରେ ପ୍ରବଳ ଜନସମାଗମ ହେବ । ଏଥିପାଇଁ କମିଶନରେଟ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି । ଏସମ୍ପର୍କରେ ସୂଚନା ଦେଇ ଭୁବନେଶ୍ୱର ଡିସିପି ପ୍ରତୀକ ସିଂହ କହିଛନ୍ତି ଯେ ଆସନ୍ତାକାଲି ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା ପାଇଁ ୫୦ ହଜାର ଲୋକଙ୍କ ସମାଗମ ସାମ୍ଭାବନା ରହିଛି । ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ୩୦ ପ୍ଲାଟୁନ ଫୋର୍ସ ମୁତୟନ ରହିବେ । ଭିଡ଼ ନିୟନ୍ତ୍ରଣ ପାଇଁ ଟ୍ରାଫିକ ବ୍ୟବସ୍ଥା କଡାକଡି ପାଳନ ହେବ । ବିଭିନ୍ନ ସ୍ଥାନରେ ୩ଟି ଅତିରିକ୍ତ ଟ୍ରାଫିକ୍ ପାର୍କିଂ ବ୍ୟବସ୍ଥା କରାଯିବ । ଆବଶ୍ୟକସ୍ଥଳେ ଟ୍ରାଫିକ୍ ଡାଇଭର୍ସନ ଓ ▶▶ପୃଷ୍ଠା ୭

## ଦିଲ୍ଲୀରେ ରାହୁଲ ଗାନ୍ଧୀଙ୍କୁ ଭେଟିଲେ ନୀତିଶ କୁମାର



ନୂଆଦିଲ୍ଲୀ, ୦୫/୦୯ : ସୋମବାରଠୁ ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କ ୩ଦିନିଆ ଦିଲ୍ଲୀଗସ୍ତ ଆରମ୍ଭ ହୋଇଛି । ବିଜେପି ବିରୋଧରେ ବଡ ମୋର୍ଚ୍ଚା ଖୋଲିବା ସହ ୨୦୨୪ ନିର୍ବାଚନରେ ବିରୋଧୀଙ୍କୁ ଏକାଠି କରିବା ଲକ୍ଷ୍ୟରେ ଦିଲ୍ଲୀ ପହଁଚିଛନ୍ତି ନୀତିଶ । ବିରୋଧୀ ଏକତାକୁ ମଜବୁତ କରିବା ପାଇଁ ବିଭିନ୍ନ ଦଳର ବରିଷ୍ଠ ନେତାଙ୍କୁ ଭେଟି ନୀତିଶ ମାନସମନ୍ଥନ କରୁଛନ୍ତି । ତେବେ ଆଜି ରାହୁଲ ଗାନ୍ଧୀଙ୍କୁ ମଧ୍ୟ ଭେଟିଛନ୍ତି ନୀତିଶ କୁମାର । ଦିଲ୍ଲୀରେ ପହଁଛି ନୀତିଶ ପ୍ରଥମେ ସାମ୍ବାଦିକମାନଙ୍କୁ ଭେଟିଥିଲେ । ଏହି ସମୟରେ ସେ କହିଥିଲେ ମୁଁ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ନୁହେଁ । ମୋ ମନରେ ସେମିତି କିଛି ଇଚ୍ଛା ନାହିଁ । ମୋର କେବଳ ଏମିତି ଇଚ୍ଛା ଅଛି କି ବିପକ୍ଷ ଦଳ ଏକାଠି ହୋଇଯାଆନ୍ତୁ । ୨୦୨୪ଲୋକସଭା ନିର୍ବାଚନକୁ ଦୃଷ୍ଟିରେ ରଖି ନୀତିଶ ବିରୋଧୀଙ୍କୁ ଗୋଟିଏ ପ୍ଲାଟଫର୍ମରେ ଆଣିବାକୁ ଚେଷ୍ଟା କରୁଛନ୍ତି । ବିରୋଧୀ ଏକତା ପାଇଁ କାମ କରିବ ବୋଲି ନୀତଶ ପୂର୍ବରୁ ସ୍ପଷ୍ଟ କରିସାରିଛନ୍ତି । ନୀତିଶ ଏକଥା ମଧ୍ୟ କହିସାରିଛନ୍ତି କି ଯଦି ୨୦୨୪ରେ ବିରୋଧୀଙ୍କ ଏକତା ମଜବୁତ ହୁଏ ତେବେ ନିର୍ବାଚନରେ ଭଲ ଫଳାଫଳ ବାହାରିବ । ସେପଟେ ଚର୍ଚ୍ଚା ହେଉଛି କି ଏନଡିଏ ମେଂଟରୁ ଓହରିବା ପଛରେ ଗୋଟେ ବଡ କାରଣ ମଧ୍ୟ ରହିଛି ।

## ବିଜେପିର ଫୋକସ ରାଜ୍ୟରେ ଓଡିଶା : ରୋଡମ୍ୟାପ ଧରି ଓଡିଶାରେ ବଂଶଲ



ନୂଆଦିଲ୍ଲୀ, ୦୫/୦୯ : ବିଜେଡିକୁ ଟକ୍କର ଦେବା ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଲାଣି ବିଜେପି । ଆସନ୍ତା ୨୦୨୪ ନିର୍ବାଚନ ପାଇଁ ରାଜ୍ୟ ବିଜେପିକୁ ତୃଣମୂଳ ସ୍ତରରୁ ସଶକ୍ତ କରିବା ପାଇଁ ଓଡିଶା ଆସିଛନ୍ତି ଓଡିଶା ପ୍ରଭାରୀ ସୁନିଲ ବଂଶଲ । ଓଡିଶାରେ ପହଞ୍ଚି ପ୍ରଥମ ପର୍ଯ୍ୟାୟରେ ରାଜ୍ୟ ସଭାପତି ଓ ସାଧାରଣ ସମ୍ପାଦକମାନଙ୍କ ସହ ଆଲୋଚନା କରିଛନ୍ତି ସୁନିଲ ବଂଶଲ । କ୍ଷେତ୍ରୀୟ ପ୍ରଭାରୀ ହେବା ପରେ ୨୦୨୪ ରଣନୀତି ପ୍ରସ୍ତୁତ ପାଇଁ ପ୍ରଥମ ଥର ପାଇଁ ଭୁବନେଶ୍ୱର ଆସିଛନ୍ତି ସୁନୀଲ ବଂଶଲ । ଆଉ ତା ସହିତ ରାଜ୍ୟ ବିଜେପି ପାଇଁ ନେଇ ଆସିଛନ୍ତି ରାଜନୈତିକ ରୋଡମ୍ୟାପ । ଦୁଇଦିନିଆ ଗସ୍ତରେ ସେ ଏହି ରୋଡମ୍ୟାପ ନେଇ ଦଳୀୟ ନେତାଙ୍କ ସହ ଆଲୋଚନା କରିବେ । ତାଙ୍କର ମୁଖ୍ୟତଃ ଦଳୀୟ ସଙ୍ଗଠନ ଉପରେ ନଜର ରହିବ ଓ ସେ ସ୍ଥିତିର ସମୀକ୍ଷା କରିବେ । ପ୍ରଥମ ଦିନରେ ସେ ରାଜ୍ୟ ସଭାପତି ଓ ସାଧାରଣ ସମ୍ପାଦକଙ୍କ ସହ ରାଜ୍ୟ ବିଜେପି ନେଇ ଆଲୋଚନା କରିଛନ୍ତି । ଗତ ମାସରେ ଅମିତ ଶାହ ଓଡିଶା ଆସି ଫେରିଯିବା ପରେ ସୁନୀଲ ବଂଶଲଙ୍କୁ କ୍ଷେତ୍ରୀୟ ପ୍ରଭାରୀ ଭାବେ ନିଯୁକ୍ତି ମିଳିଥିଲା । ୟୁପିରେ ଦ୍ୱିତୀୟ ଥର ଲାଗି ବିଜେପିକୁ ପ୍ରଚଣ୍ଡ ବହୁମତ ଦେବାରେ ସୁନୀଲଙ୍କ ରଣନୀତି କାମ କରିଥିବା କୁହାଯାଉଛି । ତେଣୁ ଆଗାମୀ ନିର୍ବାଚନରେ ତାଙ୍କ ଭୂମିକା ନିର୍ଣ୍ଣାୟକ ହେବ ବୋଲି ଚର୍ଚ୍ଚା ହେଉଛି । କୁହାଯାଉଛି, ୨୦୨୪ରେ ଓଡିଶା ଦଖଲ ପାଇଁ ୟୁପି ଫର୍ମୁଲା ପ୍ରୟୋଗ କରିବ ବିଜେପି । ୟୁପିରେ ପ୍ରଭାରୀ ଦାୟିତ୍ୱରେ ଥିଲେ ସୁନୀଲ ବଂଶଲ । ସେଠାରେ ସେତିକି ଆସନର ଦାୟିତ୍ୱ ତାଙ୍କ ଉପରେ ଥିଲା ଠିକ ଓଡିଶା ସମେତ ତେଲେଙ୍ଗାନା ଓ ପଶ୍ଚିମବଙ୍ଗର ସେତିକି ଆସନର ଦାୟିତ୍ୱ ତାଙ୍କୁ ଦିଆଯାଇଛି । ଆଗାମୀ ଦିନରେ ଓଡିଶାରେ ମୁଖ୍ୟତଃ ୪ଟି ଦିଗ ଉପରେ ଫୋକସ କରିବ ରାଜ୍ୟ ବିଜେପି । ବିଜେପିର କ୍ଷେତ୍ରୀୟ ପ୍ରଭାରୀ ବୁଧବାର ଦିନ ଜିଲ୍ଲା ସଭାପତି, ପଦାଧିକାରୀ, କୋର୍ କମିଟି ସହ ସଙ୍ଗଠନକୁ ମଜବୁତ କରିବା ନେଇ ଆଲୋଚନା କରିବେ । ଆଉ ଏହାର ଫିଡବ୍ୟାକ ନେଇ ସେ ସଭାପତି ନଡ୍ଡାଙ୍କୁ ଦେବେ । ଆଉ ଏହାକୁ ଆଧାର କରି ବିଜେପି ରାଷ୍ଟ୍ରୀୟ ସଭାପତି ଏଇ ମାସ ଶେଷରେ ଓଡିଶା ଆସି ରାଜ୍ୟ ବିଜେପିକୁ ବିଜୟର ମନ୍ତ୍ର ଦେବେ ।

## ପିପିଲି ଚନ୍ଦ୍ରାଦେଇପୁର ଅଞ୍ଚଳରେ ନାଲି ପିମ୍ପୁଡ଼ି ଭୟ

ଭୁବନେଶ୍ୱର,୦୫/୦୯ (ନି.ପ୍ର): ପିପିଲି ଚନ୍ଦ୍ରଦେଇପୁର ବ୍ରାହ୍ମଣ ସାହିରେ ପିମ୍ପୁଡ଼ି ଘଉଡ଼ାଇବା ପାଇଁ ପ୍ରଶାସନ ପକ୍ଷରୁ ଆରମ୍ଭ ହୋଇଛି ଉଦ୍ୟମ । ଗାଁରେ ମେଡ଼ିକାଲ ଟିମ୍ ପହଞ୍ଚି ପିମ୍ପୁଡ଼ି ମାରିବା କାମ ଆରମ୍ଭ କରିଛନ୍ତି । ବିଡ଼ିଓ, ପେଷ୍ଟ କଂଟ୍ରୋଲର, ଓୟୁଏଟି ଟିମ୍ ପହଞ୍ଚି ଏହାର ଅନୁଧ୍ୟାନ କରିଛନ୍ତି । ତେବେ ପରୀକ୍ଷା ପାଇଁ ପିମ୍ପୁଡ଼ିର ସାମ୍ପୁଲ ନେଇଛନ୍ତି ଓୟୁଏଟି ଟିମ୍ । ଗତ କିଛି ଦିନ ଗାଁରେ ହେଲା ଲାଲ ପିମ୍ପୁଡି ଆତଙ୍କ ଖେଳାଇଛନ୍ତି । ପିମ୍ପୁଡି ଦାଉରୁ ରକ୍ଷା ପାଇବା ପାଇଁ କୀଟନାଶକ ଔଷଧର ଗାର ଟାଣି ବସିରହିଛନ୍ତି ଲୋକେ । ସ୍ଥାନୀୟ କେନାଲ ବନ୍ଧ ନିକଟରୁ ଲକ୍ଷ ଲକ୍ଷ ନାଲି ପମ୍ପୁଡି ଆସିବା ଲୋକଙ୍କ ଚିନ୍ତା ବଢାଇଦେଇଛି । ଭୟରେ ଘର ତାଲା ପକାଇ ଗାଁ ଛାଡ଼ିଛନ୍ତି ୩ଟି ପରିବାର । ୨୦ ଦିନ ହେବ ଗାଁରେ ବଢ଼ିଚାଲିଛି ପିମ୍ପୁଡିର ଉତ୍ପାତ । ଏହି ନାଲି ପିମ୍ପୁଡି ଦେହରେ ଚଢିଯିବା ଫଳରେ ଦେହ କୁଣ୍ଡାଇ ହୋଇ ଫଳିଯାଉଛି । ଗୋଡରେ ଘା ହୋଇ ଫୁଲିଯାଉଛି । ଲାଲ ପିମ୍ପୁଡି ଆତଙ୍କ ନେଇ ପ୍ରଶାସନକୁ ▶▶ପୃଷ୍ଠା ୭

## ଜୁଆ ଆଡ୍ଡା ଉପରେ ଚଢ଼ଉ : ୧୫ ଜୁଆଡ଼ି ଗିରଫ

ଗଞ୍ଜାମ,୫/୦୯ (ନି.ପ୍ର): ଗଞ୍ଜାମ ଜିଲ୍ଲା ହିଞ୍ଜିଳିକାଟୁ ଥାନା ଅନ୍ତର୍ଗତ ଶାରୁ ଗ୍ରାମରେ ଚାଲିଥିବା ଏକ ଜୁଆ ଆଡ୍ଡା ଉପରେ ପୋଲିସ ଚଢ଼ଉ କରି ସେଠାରୁ ୧୫ ଜଣ ଜୁଆଡ଼ିଙ୍କୁ ଗିରଫ କରିଛି । ସେମାନଙ୍କ ଠାରୁ ନଗଦ ୧ ଲକ୍ଷ ୫୩ ହଜାର ଟଙ୍କା ଏବଂ ୧୮ଟି ମୋବାଇଲ ଜବତ କରିଛି । ଏ ସଂକ୍ରାନ୍ତରେ ହିଞ୍ଜିଳିକାଟୁ ଥାନାରେ ଏକ ମାମଲା ରୁଜୁ ହୋଇଛି । ଗିରଫ ଅଭିଯୁକ୍ତ ମାନଙ୍କୁ ଆଜି କୋର୍ଟଚାଲାଣ କରାଯାଇଛି । ଦୀର୍ଘ ଦିନ ଧରି ଏଠାରେ ବଡ ଧରଣର ଜୁଆ ଆଡ୍ଡା ଚାଲିଥିବା ପୋଲିସ ନିକଟରେ ଅଭିଯୋଗ ହୋଇ ଆସୁଥିଲା ।

## ଜାତୀୟ ଚକ୍ଷୁଦାନ ପକ୍ଷ ପାଳନ

ଗଞ୍ଜାମ,୫/୦୯ (ନି.ପ୍ର): ଗଞ୍ଜାମ ଜିଲା ବ୍ରହ୍ମପୁର ରୁବି ଆଇ ହସପିଟାଲ ପକ୍ଷରୁ ଜାତୀୟ ଚକ୍ଷୁଦାନ ପକ୍ଷ ଓ ଜନ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବହୁ ଡାକ୍ତର, ସମାଜସେବୀ, ଗଣମାଧ୍ୟମ ପ୍ରତିନିଧି ଓ ମହିଳା ଅଂଶଗ୍ରହଣ କରିଥିଲେ । ପ୍ରଫେସର ବି.ଏନ. ଆର. ସୁବୁଦ୍ଧି, ପ୍ରଫେସର ନାରାୟଣ ମିଶ୍ର, ଡାକ୍ତର ପ୍ରବୀଣ କୁମାର ସୁବୁଦ୍ଧି, ଡାକ୍ତର ଜୟନ୍ତ କୁମାର, ଡାକ୍ତର ହୃଷୀକେଶ ମହାନ୍ତି, ଡାକ୍ତର ସମରେନ୍ଦ୍ର କୁମାର ସାହୁ, ଡାକ୍ତର ସାଗର ରଂଜନ ତ୍ରିପାଠୀ, ଡାକ୍ତର ପ୍ରଶନ୍ନ କୁମାର କର ଓ ଡାକ୍ତର ରବିନ୍ଦ୍ର କୁମାର ଗନ୍ତାୟତ ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ ।

## କଳାହାଣ୍ଡି ବିକାଶ ପରିଷଦ ପକ୍ଷରୁ କଳାହାଣ୍ଡି ଆଦିବାସୀ ପରମ୍ପରାର ସୁରକ୍ଷା ନେଇ କର୍ମଶାଳା

ନୂଆପଡ଼ା,୫/୦୯ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସ୍ଥିତ ଲୋକଦୃଷ୍ଟି ଅଡିଟରିୟମ ପରିସର ମଧ୍ୟରେ କଳାହାଣ୍ଡି ବିକାଶ ପରିଷଦ ପକ୍ଷରୁ କଳାହାଣ୍ଡି ଆଦିବାସୀ ପରମ୍ପରାର ସୁରକ୍ଷା ନେଇ କର୍ମଶାଳା ଅନୁଷ୍ଠିତ ହୋଇଯାଇଅଛି । ଏହି କର୍ମଶାଳାକୁ ଡ଼ଃ. ସୁନୀତି ମୁଣ୍ଡ ଅଧ୍ୟକ୍ଷତା କରିଥିବାବେଳେ ମୁଖ୍ୟଅତିଥି ରୂପେ ଡ଼ଃ. ମହେନ୍ଦ୍ର ମିଶ୍ର ଯୋଗଦେଇ ଆଦିବାସୀ ପରମ୍ପରାର ଅନେକ ବିଷୟ ଲୋପ ପାଇବାରେ ବସୁଅଛି । କ୍ଷୁଦ୍ର ସଶ୍ୟ ଉତ୍ପାଦନ ଆଦିବାସୀଙ୍କ ଜୀବନଶୈଳୀର ଏକ ଅଙ୍ଗ ଥିବାବେଳେ ଏହାକୁ ଲୋପ କରିଥିଲେ । ବର୍ତ୍ତମାନ ପୁଣି ମିଲେଟ ମିଶନ କାର୍ଯ୍ୟ ହାତକୁ ନେଇଛନ୍ତି । ପ୍ରକୃତିକୁ ବଂଚାଇବା ପାଇଁ ଆଦିବାସୀ ଯାହା କରିଅଛି ଭୂମିକା, ବୈଜ୍ଞାନିକ ମଧ ତାହା କରିପାରିବେ ନାହିଁ । ଆଜି କର୍ମଶାଳାରେ ହଜି ଯାଉଥିବା ଜ୍ଞାନ ଏବଂ ଲୁଚି ଯାଉଥିବା ଭାଷାର ସୁରକ୍ଷା ଏବଂ ପୁନଃଉଦ୍ଧାର କରିବା ନେଇ କର୍ମଶାଳା ଅନୁଷ୍ଠିତ ଅଟେ । ଏଣୁ ଆଦିବାସୀଙ୍କ ସୁରକ୍ଷା ନିତାନ୍ତ ଆବଶ୍ୟକ । ଅନ୍ୟମାନଙ୍କ ମଧ୍ୟରେ ଗବେଷକ ଜିତାମିତ୍ର ସିଂ ଦେଓ, ଡ଼ଃ.ଫନିନ୍ଦମ ଦେଓ, ଡ଼ଃ.ରାମଚନ୍ଦ୍ର ମିଶ୍ର, ଏବଂ ଲୋକଦୃଷ୍ଟି ନିର୍ଦ୍ଦେଶକ ଅବନୀ ମୋହନ ମିଶ୍ର ପ୍ରମୁଖ ଉପସ୍ଥିତ ହୋଇଥିଲେ । ଶେଷରେ ପ୍ରଶ୍ନ ଉତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଅଛି ।

## କୁଲୁତା ସମାଜ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ

ବଲାଙ୍ଗୀର,୫/୦୯ (ନି.ପ୍ର): ରବିବାର ସକାଳ ଘ.୯ ସମୟରେ ସ୍ଥାନୀୟ ଅଗ୍ରସେନ ଭବନ ଠାରେ ବଲାଙ୍ଗୀର କୁଲୁତା ସମାଜର ନୂଆଁଖାଇ ଭେଟ୍‌ଘାଟ ପାଳିତ ହୋଇଅଛି । ସର୍ବପ୍ରଥମେ ଇଷ୍ଟଦେବୀ ଶ୍ରୀ ଶ୍ରୀ ରଣେଶ୍ୱର ରାମଚଣ୍ଡିଙ୍କର ପୂଜାର୍ଚ୍ଚନା ପରେ ଦିବଂଗତ ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ମୁଖ୍ୟଅତିଥି ଭାବରେ ଦେବକୀ ସାହୁ ଜିଲ୍ଲା ପରିଷଦ ଅଧ୍ୟକ୍ଷା ବଲାଙ୍ଗୀର, ସମ୍ମାନିତ ଅତିଥି ଭାବରେ ସରୋଜ କୁମାର ପଧାନ ବ୍ଲକ ଅଧ୍ୟକ୍ଷ ପୁଇଁନ୍ତଲା ବ୍ଲକ ଯୋଗଦାନ କରି ନୂଆଁଖାଇ ଭେଟ୍‌ଘାଟର ଶୋଭାବର୍ଦ୍ଧନ କରିଥିଲେ । ସମ୍ପାଦକ ଶାନ୍ତନୁ କୁମାର ଭୋଇ ତାଙ୍କର ସମ୍ପାଦକୀୟ ଅଭିଭାଷଣ ପରେ ପରେ ମାଟ୍ରିକ ପରୀକ୍ଷାରେ ୮୦ ପ୍ରତିଶତରୁ ଅଧିକ ମାର୍କ ରଖିଥିବା ୧୧ ଜଣ କୃତି ଛାତ୍ରଛାତ୍ରୀ, ଯୁକ୍ତ ଦୁଇ ପରୀକ୍ଷାରେ ୮୦ ପ୍ରତିଶତ ମାର୍କ ରଖି ଉତୀର୍ଣ୍ଣ ହୋଇଥିବା ୪ ଜଣ ଛାତ୍ର ଛାତ୍ରୀ ତଥା ମେଡ଼ିକାଲ ପରୀକ୍ଷାରେ ଉର୍ତୀର୍ଣ୍ଣ ହୋଇଥିବା ଜଣେ ଛାତ୍ରଙ୍କୁ ସମାଜ ତରଫରୁ ମାନପତ୍ର ସହ ସମ୍ବର୍ଦ୍ଧିତ କରାଯାଇଥିଲା । ସମାଜରେ ରହୁଥିବା ୭୫ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତି ଦେଶର ଅମୃତ ମହୋତ୍ସବ ଅବସରରେ ବିଶେଷ ଭାବରେ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ରାହାସ ବିହାରୀ ମାଝିଙ୍କୁ ପ୍ରେରଣା ସମ୍ମାନ, ସୁଦର୍ଶନ ସାହୁ, ଯୁବ ସଂଯୋଜକ କୁଲୁତା ସମାଜ ବଲାଙ୍ଗୀରଙ୍କୁ ଯୁବପ୍ରତିଭା ସମ୍ମାନ ଏବଂ ଶେଷକୃଷ୍ଣ ବାରିକଙ୍କୁ ବରିଷ୍ଠ ସେବା ସମ୍ମାନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଶଙ୍କର କୁମାର ପାତ୍ର ଜାତି ଉଦ୍ଦେଶ୍ୟରେ ତାଙ୍କର ଅଭିଭାଷଣ ଦେଲା ପରେ ମୁଖ୍ୟଅତିଥି, ସମ୍ମାନିତ ଅତିଥି ତଥା ସଭାପତି ସୁରଥ ପଧାନ ତାଙ୍କର ବକ୍ତବ୍ୟ ପ୍ରଦାନ କରିଥିଲେ । ଉପ-ସଭାପତି ଶାନ୍ତନୁ କୁମାର ପାତ୍ର ଧନ୍ୟବାଦ ଜ୍ଞାପନ କରିଥିଲେ । ସମସ୍ତଙ୍କ ଅଭିଭାଷଣ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା । କୁନି କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଆଜିକାର ନୂଆଁଖାଇ ଭେଟ ଅବସରରେ ବଲାଙ୍ଗୀର ସହରାଂଚଳ କୁଲତା ପରିବାର ଅଂଶଗ୍ରହଣ କରିଥିବାବେଳେ ଅନ୍ୟୁନ ୧୪୦୦ ଲୋକ ଅଂଶଗ୍ରହଣ କରିଥିଲେ । ସଭାକୁ ପରିଚାଳନା କରିଥିଲେ ମଧୁ ସାହୁ ଏବଂ କୁମାରୀ ଆରସ୍ମିକା ପ୍ରଧାନ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ସୁଧୀର କୁମାର ଭୋଇ, ରାମଚନ୍ଦ୍ର ଭୋଇ, ସୁଦର୍ଶନ ସାହୁ, ସୁନିଲ କୁମାର ମାଝି, କୋଷାଧ୍ୟକ୍ଷ ଗୋବର୍ଦ୍ଧନ ପ୍ରଧାନ, ରୋହିମ ସାହୁ, ବିଦେଶୀ ପଧାନ, ସଂଜୟ ଶେଖର ଭୋଇ, ଲକ୍ଷ୍ମଣ ବିଶ୍ୱାଳ, ନେତ୍ରାନନ୍ଦ ପଧାନ, ଆକାଶ ରଞ୍ଜନ ପଧାନ, ଲଳିତ ପଧାନ, ଦେବେନ୍ଦ୍ର ଗଡ଼ତ୍ୟା, ଅଜିତ କୁମାର ଭୋଇ ।

## ମୋହନାରେ ଡେଙ୍ଗୁ ଆତଙ୍କ : ମାସକରେ ୭ ମୃତ, ୫୦ରୁ ଅଧିକ ଆକ୍ରାନ୍ତ



ମୋହନା ,୫/୦୯ (ନି.ପ୍ର): ଗଜପତି ଜିଲ୍ଲା ମୋହନାରେ ଡେଙ୍ଗୁ ଜ୍ୱରର ଆତଙ୍କ ଦେଖାଦେଇଛି । ମାସକରେ ୭ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୫୦ରୁ ଅଧିକ ଆକ୍ରାନ୍ତ ହୋଇଛନ୍ତି । ଆକ୍ରାନ୍ତମାନେ ବ୍ରହ୍ମପୁର ବଡ଼ ଡାକ୍ତରଖାନା ସମେତ ବିଭିନ୍ନ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହୋଇଛନ୍ତି । ବର୍ତ୍ତମାନ ସୁଦ୍ଧା ଡେଙ୍ଗୁରେ ଖ୍ରୀଷ୍ଟିଆନ୍ ସାହିର ସୁରେଶ ନାୟକ, ରଞ୍ଜିତ କୁମାର ନାୟକ, ପ୍ରଣିତ ନାୟକ, କାମେଶ୍ୱରୀ ନାୟକ, ଆନନ୍ଦପୁରର ବସନ୍ତ ନାୟକ, ମୋହନା ହାଇସ୍କୁଲ୍ ଛକର ଆଭାରାଣୀ ଦତ୍ତ ଏବଂ କେରାଖାଲ ଗ୍ରାମର ପୁଷ୍ପା ଦୋରାଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି ।
ସୂଚନା ଅନୁସାରେ, ଅସ୍ୱାସ୍ଥ୍ୟକର ପରିବେଶ ଯୋଗୁଁ ମୋହନାରେ ଡେଙ୍ଗୁ ଭୟଙ୍କର ଭାବେ ବ୍ୟାପିବାରେ ଲାଗିଛି । ଡ୍ରେନ୍ ସୁବିଧା ନଥିବାରୁ ରାସ୍ତାର ବିଭିନ୍ନ ସ୍ଥାନରେ ବର୍ଷା ପାଣି ଜମି ରହୁଛି । ମଇଳା ପାଣି ନିଷ୍କାସିତ ହୋଇପାରୁନି । ବିଶେଷ କରି ଖ୍ରୀଷ୍ଟିଆନ ସାହି, ଜଗନ୍ନାଥମନ୍ଦିର ସାହି ଓ ପାତ୍ର ସାହିରେ ସାମାନ୍ୟ ବର୍ଷା ହେଲେ ଜଳ ଜମି ରହୁଛି । ଫଳରେ, ଏଡିସ୍ ମଶା ବଂଶ ବିସ୍ତାରରେ ଏହା ସହାୟକ ହେଉଛି । ପରିସ୍ଥିତି ଉଦ୍‌ବେଗଜନକ ହୋଇପଡ଼ିବାରୁ ରବିବାର ଦିନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଏକ ଡାକ୍ତରୀ ଦଳ ମୋହନାରେ ପହଞ୍ଚିଥିଲେ । ଖ୍ରୀଷ୍ଟିଆନ ସାହିର ସମସ୍ତ ଜଳଉତ୍ସରୁ ଜଳନମୁନା ସଂଗ୍ରହ କରି ପରୀକ୍ଷା ନିମନ୍ତେ ପଠାଇଥିଲେ ।
ଗଜପତି ଜିଲ୍ଲାପାଳ ଲିଙ୍ଗରାଜ ପଣ୍ଡାଙ୍କ ସୂଚନା ଅନୁସାରେ, ଆକ୍ରାନ୍ତଙ୍କ ଚିକିତ୍ସା ପାଇଁ ମୋହନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏକ ଡେଙ୍ଗୁ ୱାର୍ଡ଼ ବ୍ୟବସ୍ଥା କରାଯାଇଛି । ସ୍ଥିତିକୁ ନିୟନ୍ତ୍ରଣରେ ଆଣିବା ଲାଗି ପ୍ରୟାସ ଜାରି ରହିଛି ।
ଅନ୍ୟପକ୍ଷରେ, ଜିଲ୍ଲା ବିଜେଡି ସଭାପତି ପ୍ରଦୀପ ନାୟକ, ମୋହନା ବ୍ଲକ୍ ଅଧ୍ୟକ୍ଷ ରଞ୍ଜୀବ ଶବର, ଅନ୍ତର୍ଯ୍ୟାମୀ ଗମାଙ୍ଗ, ପୂର୍ଣ୍ଣବାସୀ ନାୟକ, ସାଂସଦ ପ୍ରତିନିଧି ଭାସ୍କର ସାହୁ ଓ ଜିଲ୍ଲା ପରିଷଦ ସୁନୀଲ କୁମାର ବିଷୋୟୀଙ୍କ ସମେତ ବିଜେଡି କର୍ମୀମାନେ ପହଞ୍ଚି ମୃତକଙ୍କ ପରିବାରକୁ ଭେଟିବା ସହ ସମବେଦନା ଜଣାଇଛନ୍ତି ।

## ଶିରାବାହାଲ ମହଲେଇ ଗ୍ରାମରେ ନୂଆଖାଇ ଭେଟଘାଟ

ବଲାଙ୍ଗୀର,୫/୦୯ (ନି.ପ୍ର): ଦେଓଗାଁ ବ୍ଲକ ଶିରାବାହାଲରେ ଭେଟ୍‌ଘାଟ୍ କାର୍ଯ୍ୟକ୍ରମରେ ଅତିଥି ଭାବେ ଦେବେନ୍ଦ୍ର ଭୋଇ, ପ୍ରଦୀପ ତ୍ରିପାଠୀ ଯୋଗ ଦେଇଥିଲେ । ଏହି ସଭାକୁ ବିଧାନ ବିଶ୍ୱାଳ ଓ ସାଂକୃତିକ କାର୍ଯ୍ୟକ୍ରମକୁ ଅବନୀ ପଧାନ ଓ ଅବନୀ ସାହୁ ପରିଚାଳନା କରିଥିଲେ । ପ୍ରଫୁଲ୍ଲ ପୋଡ଼ ଧନ୍ୟବାଦ ଦେଇଥିଲେ ।

## ବଲାଙ୍ଗିର ସିନିୟର ନକ୍‌ଆଉଟ ଫୁଟବଲ୍

ବଲାଙ୍ଗୀର,୫/୦୯ (ନି.ପ୍ର): ବଲାଙ୍ଗୀର ଜିଲ୍ଲା କ୍ରୀଡ଼ା ସଂସଦ ଆନୁକୂଲ୍ୟରେ ଆଜି ଚୁଡ଼ାପାଲି ପଡ଼ିଆରେ ଭାଲୁପିଟା ୩-୦ ଗୋଲରେ ଡଙ୍ଗାଘାଟକୁ ହରାଇ ବିଜୟୀ ହୋଇଛି । କ୍ରୀଡ଼ା ସଂସଦର ଟୁର୍ଣ୍ଣାମେଂଟ ଅଧ୍ୟକ୍ଷ ପ୍ରଭାତ କୁମାର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଟୁର୍ଣ୍ଣାମେଂଟକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । କ୍ରୀଡ଼ା ସଂସଦର ଫୁଟବଲ ସମ୍ପାଦକ ହେମନ୍ତ କୁମାର ବେହେରା ଓ ବରିଷ୍ଠ ସଦସ୍ୟ ଡ. ସିଦ୍ଧେଶ୍ୱର ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ । ସଂସଦ ବରିଷ୍ଠ ସଦସ୍ୟ ଶରତ କୁମାର ନନ୍ଦଙ୍କ ସଂଯୋଜନାରେ ଅନୁଷ୍ଠିତ ଖେଳରେ ରେଫରି ଭାବେ ଦେବରାଜ ନାହାକ, ଜଳନ୍ଧର ସାହୁ, ସୁଦର୍ଶନ ସେଠ ଓ ନିଶାରକାନ୍ତ ନାଗ ଦାୟିତ୍ୱ ତୁଲାଇଥିଲେ । ସେହିପରି ଖପ୍ରାଖୋଲ ପଡ଼ିଆରେ ମହରାପଦର ୧-୦ ଗୋଲରେ କୁହାବାଉଁଶକୁ ହରାଇ ବିଜୟୀ ହୋଇଛି । ଅତିଥି ଭାବେ ଖପ୍ରାଖୋଲ ସରପଂଚ ସତ୍ୟାନନ୍ଦ ସିନ୍ଧିଆ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ରେଫରି ଭାବରେ କ୍ଷୀରସିନ୍ଧୁ ବେହେରା, ରାଜେନ୍ଦ୍ର କୁମାର ଧରୁଆ, ଦୋଳଗୋବିନ୍ଦ ମୁଣ୍ଡା ଓ ଦିପକ ରାଜହଂସ ଦାୟିତ୍ୱ ତୁଲାଇଥିଲେ । ଲୋଇସିଂହା ଷ୍ଟାଡିୟମ ଠାରେ ଅନୁଷ୍ଠିତ ସଲତରପାଲି ବନାମ୍ ତେନ୍ତୁଲିଖୁଂଟି ଖେଳ ନିର୍ଦ୍ଧାରିତ ସମୟ ମଧ୍ୟରେ ଡ୍ର ରହିଥିଲା । ଟ୍ରାଇବ୍ରେକରରେ ସଲତର ପାଲି ୫-୪ ଗୋଲରେ ବିଜୟୀ ହୋଇଥିଲା । ଅତିଥି ଭାବରେ ଲୋଇସିଂହା ସରପଂଚ ନବ କିଶୋର ନାଏକ ଯୋଗ ଦେଇଥିଲେ । ରେଫରି ଭାବେ ବିଜୟ କୁମାର ରଣା, ସନ୍ଦିପ ତରିଆ, ଅଞ୍ଜନ ବେସ୍ରା ଓ ଜ୍ୟୋତିରଞ୍ଜନ ରାଉତ ଦାୟିତ୍ୱ ତୁଲାଇଥିଲେ । ୫ ତାରିଖ ସୋମବାର ଦିନ ମିଶନ ପଡ଼ିଆରେ ଚାଂଟିମୁଣ୍ଡା ଆରକେଓ୍ୱାଇଏସ୍ ବନାମ କନ୍ଧପାଲି ମାଣିକେଶ୍ୱରୀ, ହଳଦି ପଡ଼ିଆରେ ହଳଦି ଇବିଏଫ୍‌ଏ ବନାମ ପତ୍ରାପାଲି(ଖ) ଏଲ୍‌ବିଏସ୍, ଜରାସିଂହା ପଡ଼ିଆରେ ସିରାବାହାଲ ଏମ୍‌ଏମ୍‌ଏଫ୍‌ଏ ବନାମ ଘୁଚେପାଲି ପିଏଏଫ୍‌ଏ, ଲୋଇସିଂହା ଷ୍ଟାଡିୟମରେ ମାଣ୍ଡିଆ ପଦର ଆର୍‌ଏସ୍‌ଏଫ୍‌ଏ ବନାମ ଏବିଏଫ୍‌ଏ ଲୋଇସିଂହା, ଚୁଡ଼ାପାଲି ପଡ଼ିଆରେ ସୁନାମୁଦି ଆଦିବାସୀ କ୍ଲବ ବନାମ୍ ରୁଗୁଡ଼ିମୁଣ୍ଡା ଏନ୍‌ଓ୍ୱାଇଡିସି ଓ ଖପ୍ରାଖୋଲ ପଡ଼ିଆରେ ବେନକେରା ଆଦିବାସୀ କ୍ଲବ ବନାମ ଖପ୍ରାଖୋଲ ଟାଉନ ଟିମ୍ ମଧ୍ୟରେ ଖେଳ ହେବବୋଲି କ୍ରୀଡ଼ା ସଂସଦ ପକ୍ଷରୁ ସୂଚନା ଦିଆଯାଇଛି ।

## ସମୁଦ୍ରକୂଳ ରାସ୍ତା ଉପରେ ବାଲିଯୋଗୁ ଦୁର୍ଘଟଣା ବଢୁଛି

ପୁରୀ,୫/୦୯ (ନି.ପ୍ର): ବିଶ୍ୱ ଐତିହ୍ୟ ସହର ଶ୍ରୀକ୍ଷେତ୍ର । ଝଲମଲ ଆଲୋକରେ ଝଲସିବ ସମୁଦ୍ରକୂଳ ରାସ୍ତା । କୋଟି କୋଟି ଟଙ୍କା ସମୁଦ୍ରକୂଳ ରାସ୍ତା ଓ ପାଚେରିରେ ଖର୍ଚ୍ଚ ହେଉଛି । ଫନୀ ବାତ୍ୟାରେ ପାଚେରି ଭାଙ୍ଗି ଯାଇଥିବା ବେଳେ ତାହା ପୁନଃ ନିର୍ମାଣ କରାଯାଉଛି । ପବିତ୍ର ପୁରୀ ଗର୍ବ ଆମରି । ପବିତ୍ର ପୁରୀ ମାଟିରେ ଅପବିତ୍ର ଅଳିଆକୁ ସ୍ୱର୍ଶ କରିବାକୁ ଦେବା ନାହିଁ ବୋଲି ସକାଳୁ ସଫେଇ ଗାଡ଼ିରେ ବାଜା ବାଜେଣି ବାଜୁଛି । ଅଥଚ ଗତ ଦୁଇ ସପ୍ତାହ ହେଲାଣି ସାତଲହଡ଼ି ମଠ ଠାରୁ ଚାରିୟଟ ହୋଟେଲ ପର୍ଯ୍ୟନ୍ତ ରାସ୍ତା ଉପରେ ବାଲି କୁଢ କୁଢ ଗଦା ହୋଇଛି । ପର୍ଯ୍ୟଟକ ଓ ସହରବାସୀମାନେ ଗାଡ଼ି ଓ ବାଇକରେ ଯାଆସ ସମୟରେ ବାଲି ଯୋଗୁ ଗାଡ଼ି ସ୍ଲିପ୍ କରି ଦୁର୍ଘଟଣା ଗସ୍ତ ହେଉଛି । ପୌରସଂସ୍ଥା ସଫେଇ କରୁଛି ବୋଲି ଡ଼ିଣ୍ଡିମ ପିଟୁଥିବା ବେଳେ ପ୍ରକୃତ ପକ୍ଷରେ ସେହି ରାସ୍ତା ସଫେଇ କରାଯାଉନଥିବା ପର୍ଯ୍ୟଟକମାନେ ଅଭିଯୋଗ କରିଛନ୍ତି । ସେହି ରାସ୍ତାକୁ ୬ ଲାଇନ ବିଶିଷ୍ଟ କରାଯିବା ସହ ଚାରିଚକିଆ ଗାଡ଼ି ପାର୍କ ନକରିବା ପାଇଁ ସାଧାରଣରେ ଦାବି ହେଉଛି ।

## ଧର୍ମଶାଳାରେ ମୁଖ୍ୟମନ୍ତ୍ରୀଙ୍କୁ ଅଭିନନ୍ଦନ

ଧର୍ମଶାଳା,୫/୦୯ (ନି.ପ୍ର): ନୂଆଦିଲୀ ଇଣ୍ଡିଆ ଇଂଟରନ୍ୟାସନାଲ ସେଂଟରରେ କ୍ୟାପିଟାଲ ଫାଉଣ୍ଡେସନ ସୋସାଇଟି ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ "ଜୀବନବ୍ୟାପୀ ସାଧନା ସମ୍ମାନ"ରେ ସମ୍ମାନୀତ କରାଯାଇଛି । ଫଳରେ ଧର୍ମଶାଳାର ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କ ନିର୍ଦ୍ଦେଶକ୍ରମେ ଆଜି ଧର୍ମଶାଳା ବିଜୁ ଯୁବ ଜନତା ଦଳ ସଭାପତି କ୍ଷିତୀଶ କୁମାର ନାୟକଙ୍କ ନେତୃତ୍ୱରେ ଯୁବ ଜନତା ଦଳର କର୍ମକର୍ତାମାନେ ଏକ ଶୋଭା ଯାତ୍ରାରେ ବାହାରି ମୁଖ୍ୟମନ୍ତ୍ରୀଙ୍କୁ ଅଭିନନ୍ଦନ ଜଣାଇବା ସହ ସ୍ଲୋଗାନ ଦେଇ ଜାରକା ବଜାର ପରିକ୍ରମା କରିଥିଲେ । ସେହିପରି ଧର୍ମଶାଳା ବିଜେଡି ଗାର୍ଲସ ୱିଙ୍ଗ୍‌ର ସଭାନେତ୍ରୀ କ୍ଷିରାବ୍ଧି ତନୟା ମଲ୍ଲିକଙ୍କ ନେତୃତ୍ୱରେ ଜାରକା ତ୍ରିନାଥ ମନ୍ଦିରରେ ସମୂହ ଦୀପଦାନ କରି ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୀର୍ଘାୟୁ କାମନା କରିଥିଲେ । ଆଜି ସାରା ଧର୍ମଶାଳାବାସୀଙ୍କ ମନରେ ଆନନ୍ଦ ଉଲ୍ଲାସ ଖେଳିବା ସହିତ ବିଜୁ ଯୁବ ଜନତା ଦଳ ଏବଂ ଗାର୍ଲସ ୱିଙ୍ଗର କର୍ମକର୍ତାମାନେ ଏହି ସମ୍ମାନିତ ଉତ୍ସବକୁ ପାଳନ କରିଥିଲେ । ଯୁବ ବିଜେଡି ସଭାପତି ଶ୍ରୀ ନାୟକ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କର ଜୀବନବ୍ୟାପୀ ଓଡିଶାବାସୀଙ୍କ ପାଇଁ ଅକ୍ଳାନ୍ତ ପରିଶ୍ରମର ଫଳ "ଜୀବନବ୍ୟାପୀ ସାଧନା ସମ୍ମାନ"ରେ ସମ୍ମାନିତ ହୋଇଛନ୍ତି ବୋଲି କହିବା ସହିତ ମୁଖ୍ୟମନ୍ତ୍ରୀଙ୍କ ଦୀର୍ଘାୟୁ କାମନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବିଜୁ ଯୁବ ଜନତା ଦଳର ସମସ୍ତ କର୍ମକର୍ତା ଓ ଗାର୍ଲସ ୱିଙ୍ଗ୍‌ର ସମସ୍ତ କର୍ମକର୍ତା ମାନେ ଉପସ୍ଥିତ ରହି କାର୍ଯ୍ୟ୍ରକମ ପରିଚାନଳନାରେ ସହଯୋଗ କରିଥିଲେ ।

## ବେଆଇନ ପାନ, ଗୁଟଖା ବିକ୍ରି ଦୋକାନ ଉପରେ ଅବକାରୀ ବିଭାଗର ଚଢାଉ

କେନ୍ଦ୍ରାପଡ଼ା,୫/୦୯ (ନି.ପ୍ର): ବେଆଇନ ପାନ, ଗୁଟଖା ବିକ୍ରି ଦୋକାନ ଉପରେ ଅବକାରୀ ବିଭାଗର ଚଢାଉ ହୋଇଥିବା ଜଣାପଡିଛି । କେନ୍ଦ୍ରାପଡା ଜିଲ୍ଲାରେ ଶହ ଶହ ସଂଖ୍ୟାରେ ବେଆଇନ ଭାବରେ ବିଭିନ୍ନ ପ୍ରକାର ଗୁଟଖା, ତମ୍ବାଖୁ ବିକ୍ରି ହେଉଥିବା ଅଭିଯୋଗ ପାଇବା ପରେ ଜିଲ୍ଲା ଖାଦ୍ୟ ସୁରକ୍ଷା ଓ ଅବକାରୀ ବିଭାଗ ପକ୍ଷରୁ ମିଳିତ ଭାବେ ଚଢାଉ କରି ଜରିମାନା ଆଦାୟ କରାଯାଇଛି । ଜିଲ୍ଲାର କୋରୁଆ, ମାହାଳ, ଗରଦପୁର ବଜାର ଉପରେ ଦୁଇ ବିଭାଗ ପକ୍ଷରୁ ଅଚାନକ ଚଢାଉ କରି ସେମାନଙ୍କ ଠାରୁ ଅଢେଇ ହଜାର ଟଙ୍କା ଜରିମାନା ଆଦାୟ କରିବା ସହିତ ଗୁଟଖା ଓ ତମ୍ବାଖୁ ବିକ୍ରି ବନ୍ଦ କରିବା ପାଇଁ ଦୋକାନୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ନଚେତ୍ ଆଗାମୀ ଦିନରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଦୋକାନୀ ମାନଙ୍କୁ ଚେତାଇ ଦିଆଯାଇଛି । ଏହି ଚଢାଉ ସମୟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଖାଦ୍ୟ ସୁରକ୍ଷା ଅଧିକାରୀ, ଅବକାରୀ ଅଧିକାରୀ, ମହାମାରୀ ବିଶେଷଜ୍ଞ ପ୍ରମୁଖ ସାମିଲ ଥିଲେ ।

## ଏସ୍‌ସିବିକୁ ଆସିଲା ୪ ଅତ୍ୟାଧୁନିକ ସ୍ଲେଡ୍ ମେସିନ୍



କଟକ ,୫/୦୯ (ନି.ପ୍ର): ଏସ୍‌ସିବି ନେଫ୍ରୋଲୋଜି ବିଭାଗର ନବକଳେବର ପାଇଁ ଆସିଛି କୋଟିଏ ଟଙ୍କାର ଯନ୍ତ୍ରାଂଶ । ଆସିଛି, ୪ଟି ସ୍ଲୋ ଏଣ୍ଡ ଲୋ ଏଫିସିଏନ୍‌ସି ଡାଏଲିସିସ୍ (ସ୍ଲେଡ୍) ମେସିନ୍ । ସରକାରୀ ବ୍ୟବସ୍ଥାରେ ଏହା ପ୍ରଥମ ବୋଲି କୁହାଯାଉଛି । ଘରୋଇ ହସ୍ପିଟାଲ୍‌ରେ ଏଭଳି ଡାଏଲିସିସ୍ ପାଇଁ ପାଖାପାଖି ୧ଲକ୍ଷ ଟଙ୍କା ଖର୍ଚ୍ଚ ଆସୁଛି । ତାହା ମଧ ସବୁ ସ୍ଥାନରେ ନାହିଁ । ଏବେ କିନ୍ତୁ ଏହି ମେସିନ୍ ଦ୍ୱାରା ଏସ୍‌ସିବିରେ ଗତ ୧ତାରିଖରୁ ଚିକିତ୍ସା ଆରମ୍ଭ କରାଯାଇଛି । ସର୍ପାଘାତରେ ବିଷକ୍ରିୟା ଯୋଗୁଁ କଡ୍‌ନି ସମସ୍ୟା ଦେଖା ଦେଇଥିବା ଜଣେ ରୋଗୀଙ୍କୁ ଏହି ସ୍ଲେଡ୍ ମେସିନ୍‌ରେ ଚିକିତ୍ସା କରାଯାଉଛି । ସୂଚନା ମୁତାବକ, ସବୁ ରୋଗୀଙ୍କୁ ସାଧାରଣ ଡାଏଲିସିସ୍ କରାଯାଇ ପାରିବ ନାହିଁ । ରକ୍ତଚାପ କମ୍ ରହୁଥିବା, ହୃଦ୍‌ଘାତ ରୋଗୀ, ଛୋଟ ପିଲା, ଗର୍ଭବତୀ ମହିଳା, ସାପ କାମୁଡା, ବିଷକ୍ରିୟା ଯୋଗୁଁ କିଡ୍‌ନି ରୋଗରେ ଆକ୍ରାନ୍ତ ହେଉଥିବା ରୋଗୀଙ୍କୁ ସାଧାରଣ ଡାଏଲିସିସ୍ କରାଗଲେ ତାର କୁପ୍ରଭାବ ପଡ଼ିଥାଏ । ଫଳରେ, ଉପଯୁକ୍ତ ବ୍ୟବସ୍ଥା ନଥିବାରୁ ଏସ୍‌ସିବିରେ ସେମାନଙ୍କର ଡାଏଲିସିସ୍ ହୋଇପାରୁ ନଥିଲା । ବାଧହୋଇ ସେମାନଙ୍କୁ ଘରୋଇ ହସ୍ପିଟାଲ୍ ଉପରେ ନିର୍ଭର କରିବାକୁ ପଡୁଥିଲା । ତେବେ ଘରୋଇ ହସ୍ପିଟାଲ୍‌ରେ ମଧ ସବୁ ସ୍ଥାନରେ ଏହି ମେସିନ୍ ନଥିବାରୁ ତଥା ଯେଉଁଠି ଅଛି, ତାହା ବ୍ୟୟବହୁଳ ଥିବାରୁ ରୋଗୀମାନଙ୍କୁ ହଇରାଣ ହେବାକୁ ପଡୁଥିଲା । ଏହା ଅତିରିକ୍ତ, ଅତିକମ୍‌ରେ ଜଣେ ରୋଗୀଙ୍କୁ ୧୦ଥର ସ୍ଲେଡ୍ ମେସିନ୍‌ରେ ଡାଏଲିସିସ୍ କରିବାକୁ ପଡୁଥିବାରୁ ଏହାର ଖର୍ଚ୍ଚ ୧ଲକ୍ଷରୁ ଅଧିକ ପଡୁଥିଲା ବୋଲି କୁହାଯାଉଛି । ରାଜ୍ୟ ଔଷଧ ନିଗମ ପକ୍ଷରୁ କୋଟିଏ ଟଙ୍କା ବ୍ୟୟରେ ଏବେ ୪ଟି ସ୍ଲେଡ୍ ମେସିନ୍ ଏସ୍‌ସିବିକୁ ଆସିଛି । ଫଳରେ, ଚଳିତମାସ ପ୍ରଥମରୁ ହିଁ ଏହି ମେସିନ୍ ବ୍ୟବହାର କରାଯାଇ ଚିକିତ୍ସା କରାଯାଉଛି । ସର୍ପାଘାତ ପରେ କିଡ୍‌ନି ସମସ୍ୟା ଉପୁଜିଥିବା ଜଣେ ରୋଗୀଙ୍କର ଗତ ପହିଲାରୁ ୩ଥର ସ୍ଲେଡ୍ ମେସିନ୍‌ରେ ଡାଏଲିସିସ୍ କରାଯାଇଥିବା ଜଣାପଡିଛି ।

## ଶିମିଳିପାଳ ନଅଣାଠାରେ ହେବ ଇକୋ ଟୁରିଜିମ୍ କମ୍ପ୍ଲେକ୍ସ : ଜାଗା ଚିହ୍ନଟ ବେଳେ ଗ୍ରାମବାସୀଙ୍କ ବିରୋଧ



ଯଶିପୁର,୫/୦୯ (ନି.ପ୍ର): ଶିମିଳିପାଳ ଜୈବମଣ୍ଡଳର ମଧ୍ୟସ୍ଥଳୀ ଯଶିପୁରଠାରୁ ୬୫ କିମି ଦୂର ଅସ୍ତକୁମାର ପଞ୍ଚାୟତ ନଅଣା ଗ୍ରାମ ନିକଟରେ ଆକର୍ଷଣୀୟ ଇକୋ ଟୁରିଜିମ୍ କମ୍ପ୍ଲେକ୍ସ ନିର୍ମିତ ହେବା ନେଇ ଚୂଡ଼ାନ୍ତ ହୋଇଛି । ପୂର୍ବରୁ ନିର୍ମିତ ଶିମିଳିପାଳର ଗୁରୁଗୁଡ଼ିଆ, କୁମାରୀ ଓ ଜାମୁଆଣିଠାରେ କମ୍ପ୍ଲେକ୍ସ ଢାଞ୍ଚାରେ ନିର୍ମିତ ହେବାର ଲକ୍ଷ୍ୟ ରଖାଯାଇଛି । ଯଶିପୁରସ୍ଥିତ ଉତ୍ତର ଶିମିଳିପାଳ ବନ୍ୟପ୍ରାଣୀ ଡିଭିଜନର ଏସିଏଫ୍ ପ୍ରଦୀପ ଦେ ଆଜି ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ଏହି ନୂତନ କମ୍ପ୍ଲେକ୍ସ ବିଭାଗ ପକ୍ଷରୁ ପ୍ରସ୍ତୁତି ଆରମ୍ଭ କରାଯାଇଛି ଓ ସମ୍ପୃକ୍ତ ଗ୍ରାମ ନିକଟରେ ୫ ଏକର ଜାଗା ଚିହ୍ନଟ ସହିତ ଆନୁଷଙ୍ଗିକ ପ୍ରକ୍ରିୟା ଆରମ୍ଭ ହୋଇଛି । ତେବେ ଏହି କମ୍ପ୍ଲେକ୍ସ ନିର୍ମାଣ ପୂର୍ବରୁ ଏହାକୁ ନେଇ ସ୍ଥାନୀୟ ନଅଣା ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ଗତକାଲି କମ୍ପ୍ଲେକ୍ସର ଜାଗା ଚିହ୍ନଟ ପାଇଁ ରାଜସ୍ୱ ବିଭାଗ କର୍ମଚାରୀଙ୍କୁ ନେଇ ଏସିଏଫ୍ ପ୍ରଦୀପ ଦେ, ନଅଣା ରେଞ୍ଜ ଅଧିକାରୀ ଶୁକ୍ରା ବିନ୍ଧାଣୀଙ୍କ ସହ ସାରମସାହି ନିକଟରେ ପହଞ୍ଚିଥିଲେ । ସରପଞ୍ଚ ସୁଶ୍ରୀ ଟୁଟିଙ୍କ ସମେତ ଶତାଧିକ ଗ୍ରାମବାସୀ ପହଞ୍ଚି ବିରୋଧ କରିଥିଲେ । ଗ୍ରାମବାସୀଙ୍କ ଅଭିଯୋଗ, କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ଗ୍ରାମସଭା କରି ଗ୍ରାମବାସୀଙ୍କ ମତାମତ ନିଆ ଯାଇନାହିଁ । ସମ୍ପୃକ୍ତ ଜାଗାକୁ ଗ୍ରାମବାସୀ ଦୀର୍ଘ ୧୫୦ ବର୍ଷ ଧରି ଦଖଲ କରି ଚାଷବାସ କରି ଆସୁଛନ୍ତି । ଅଧିକନ୍ତୁ ଜଙ୍ଗଲ ଜମି ଅଧିକାର ଆଇନ ଅନୁଯାୟୀ ସ୍ଥାନୀୟ ଜନଜାତି ବାସିନ୍ଦାଙ୍କୁ ଜଙ୍ଗଲ ଜମି ପଟ୍ଟା ମିଳିସାରିଛି । ଏ ସଂକ୍ରାନ୍ତରେ ଏସିଏଫ୍ ଗ୍ରାମବାସୀଙ୍କୁ ବୁଝାସୁଝା କରାଇଥିଲେ । ସରକାରୀ ଭାବେ ଥିବା ପତିତ କିସମର ୨୬ ଏକର ଜମିରୁ ୫ ଏକର ପରିମିତ ଜମି ନିଆଯାଇ କଂପ୍ଲେକ୍ସ ନିର୍ମିତ ହେବ । ଗ୍ରାମବାସୀଙ୍କ ସହିତ ପୂର୍ବରୁ ଏ ସମ୍ପର୍କରେ ଆଲୋଚନା ହୋଇ ନିଷ୍ପତ୍ତି ନିଆଯାଇଛି । କମ୍ପ୍ଲେକ୍ସ ନିର୍ମାଣ ପରେ ସ୍ଥାନୀୟ ବାସିନ୍ଦା ହିଁ ପରିଚାଳନାରେ ଅଂଶଗ୍ରହଣ କରିବେ ଓ ଆର୍ଥିକ ବିକାଶରେ ଏହା ସହାୟକ ହୋଇପାରିବ ବୋଲି କହିଥିଲେ । ଗ୍ରାମବାସୀଙ୍କ ବିରୋଧ ସଂକ୍ରାନ୍ତରେ ବିଭାଗ ପକ୍ଷରୁ ଜିଲ୍ଲାପାଳଙ୍କୁ ଅବଗତ କରାଯାଇଛି । ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ପ୍ରଶାସନ ଜମି ଚିହ୍ନଟ କାର୍ଯ୍ୟ ସମ୍ପନ୍ନ କରିବେ ବୋଲି ଶ୍ରୀ ଦେ ସୂଚନା ଦେଇଛନ୍ତି ।

## ୧୯୯୮ ମସିହା ମ୍ୟାଟ୍ରିକ ବ୍ୟାଚର ବନ୍ଧୁ ମିଳନ ଉତ୍ସବ


ଧର୍ମଶାଳା,୫/୦୯ (ନି.ପ୍ର): ଯାଜପୁର ଜିଲା ରସୁଲପୁର ବ୍ଲକ ବ୍ରହ୍ମବରଦାସ୍ଥିତ ହାଜିରହିମିଆଁ ଉଚ୍ଚ ବିଦ୍ୟାଳୟର ୧୯୯୮ ମସିହା ମ୍ୟାଟ୍ରିକ ବ୍ୟାଚର ଏକ ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପୁରାତନ ଛାତ୍ର ନିରାକାର ବେହେରାଙ୍କ ସଭାପତିତ୍ୱରେ ଏହି ଉତ୍ସବରେ ପ୍ରାକ୍ତନଶିକ୍ଷକ ପଦ୍ମନାଭ ସାହୁ,ଆଲାଉଦ୍ଦିନ୍ ଖାଁନ,ଉପେନ୍ଦ୍ର ସାହୁ,ମହମ୍ମଦ ଇବ୍ରାହିମ୍,ସେକ୍ ଗୟାସଉର୍ଦ୍ଦିନ,ମଞ୍ଜୁଲତା ମଲ୍ଲିକ,ସୁଲୋଚନା ପାଢୀ,ଅଶୋକ କୁମାର ପାଢୀ,କେଦାର ନାଥ ରାଉତ, ବିଶ୍ୱବନ୍ଧୁ ଗିରି ଓ ହାଜିରହିମିଆଁ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ କୈଳାସ ଚନ୍ଦ୍ର ମିଶ୍ର ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ । ଗୁରୁ ଓ ଛାତ୍ର ମଧ୍ୟରେ ଯେଉଁ ସମ୍ପର୍କ ସ୍ଥାପନ ତାହା ମଣିଷ ଜୀବନରେ ସବୁ ଦିନ ପାଇଁ ମନେ ରହିବ । ଏହି ବନ୍ଧୁ ମିଳନ ଉତ୍ସବ ହେଉଛି ଏକ ମାଧ୍ୟମ । ଏହି ପୂଜ୍ୟପୂଜା ଉତ୍ସବ ଏକ ଆମ ଜୀବନ ପାଇଁ ଏକ ସ୍ମରଣୀ ଦିନ ହୋଇ ରହିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ପ୍ରାରମ୍ଭରେ କୁନିକୁନି କଳାକାରଙ୍କ ଦ୍ୱାରା ସ୍ୱାଗତ ସଂଗୀତ ଗାନ କରାଯାଇଥିଲା । ପୂଜ୍ୟ ଗୁରୁମାଗୁରୁଜୀମାନଙ୍କୁ ପୁରାତନ ଛାତ୍ରମାନେ ପୂଜାର୍ଚ୍ଚନା କରି ମଂଚକୁ ସ୍ୱାଗତ କରିଥିଲେ । ଛାତ୍ର ଅସମତ୍ ଖାଁ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଦିବାଙ୍ଗତ ଶିକ୍ଷକ ଓ ପୁରତନ ଛାତ୍ରଙ୍କ ଉଦ୍ଦେଶ୍ୟରେ ୨ ମିନିଟ୍ ନୀରବ ପ୍ରାର୍ଥନ କରାଯାଇଥିଲା । ଅନୁଷ୍ଠାନ ପକ୍ଷରୁ ଗୁରୁମା ଗୁରୁଜୀମାନଙ୍କୁ ପୁଷ୍ପଗୁଚ୍ଛ, ମାନପତ୍ର ଓ ଉପଢୌକାନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା ।

## ସିପିଆଇର ୨୩ତମ ଗଞ୍ଜାମ ଜିଲ୍ଲା ସମ୍ମିଳନୀ

ଗଞ୍ଜାମ,୫/୦୯ (ନି.ପ୍ର): ସ୍ୱାଧିନତା ଆନ୍ଦୋଳନର ପୃଷ୍ଠଭୂମି କୃଷକ ଓ ଛାତ୍ର ଅନ୍ଦୋଳନର ଅଗ୍ନିଗର୍ଭରୁ ଗଞ୍ଜାମ ଜିଲ୍ଲାରେ ସିପିଆଇର ସୃଷ୍ଟି । ଜିଲ୍ଲାରେ ଦଳକୁ ପୁଣି ଥରେ ସଶକ୍ତ କରି ପ୍ରାଧାନ୍ୟ ବଜାୟ ରଖିବାକୁ ସିପିଆଇର ୨୩ତମ ଜିଲ୍ଲା ସମ୍ମିଳନୀରେ ଆହ୍ୱାନ ଦିଆଯାଇଛି । ଆସିକା ଚିନି ଶିଳ୍ପ ସମ୍ପ୍ରସାରଣ, ସୂତାକଳ କାର୍ଯ୍ୟକ୍ଷମ, ଟାଟା ଅଧିଗୃହିତ ଜମିରେ ଶିଳ୍ପ ପ୍ରତିଷ୍ଠା, ଶିତଳଭଣ୍ଡାର ସ୍ଥାପନ କରି ଜିଲ୍ଲାରୁ ଦାଦନ ଚାଲାଣ ରୋକିବା ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ବ୍ରହ୍ମପୁର ପ୍ରକାଶମ୍ ହଲ୍ ରେ ଆଜି ଅନୁଷ୍ଠିତ ଜିଲ୍ଲା ସମ୍ମିଳନୀରେ ଦାବି କରିଛନ୍ତି ଦଳୀୟ ନେତୃବୃନ୍ଦ ।

# ସନ୍ତାନଙ୍କୁ ସୁଖୀ କରେ ମାତାପିତାଙ୍କ ସମର୍ଥନ





ଯେଉଁ ସନ୍ତାନମାନେ ମାତାପିତାଙ୍କ ଠାରୁ ସବୁ କ୍ଷେତ୍ରରେ ସହାୟତା ଓ ସମର୍ଥନ ପାଇଥାନ୍ତି ସେମାନେ ପାଠପଢ଼ାରେ ଭଲ କରିବା ସହ ଅଧିକ ରୋଜକାର କରିଥାନ୍ତି। ଏପରିକି ସେମାନେ ସୁଖରେ ରହିବା ସହ ମାନସିକ ସ୍ତରରେ ଦୃଢ଼ ଥାଆନ୍ତି ବୋଲି ଏକ ନୂଆ ଅଧ୍ୟୟନରୁ ଜଣାପଡ଼ିଛି। ଜାପାନର କୋବେ ଏବଂ ଦୋଶିଶା ବିଶ୍ୱବିଦ୍ୟାଳୟର ଗବେଷକମାନେ ବର୍ତ୍ତମାନର ପିତାମାତାଙ୍କ ଲାଳନପାଳନ ର ଧାରା ଅଧ୍ୟୟନ କରି ଏପରି ଏକ ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି। ସେମାନେ ୫ହଜାର ମହିଳା ଓ ପୁରୁଷଙ୍କୁ ସେମାନଙ୍କ ପିତାମାତାଙ୍କ ସହ ପିଲାଦିନର ସମ୍ପର୍କ ବିଷୟରେ ପ୍ରଶ୍ନ କରିବା ସହ ସେମାନଙ୍କ ଠାରୁ ବିଭିନ୍ନ ଉତ୍ତର ପାଇଥିଲେ। କିଏ କହିଥିଲେ, "ମୋ ପିତାମାତା ମୋତେ ବିଶ୍ୱାସ କରନ୍ତି'', ଅନ୍ୟ କିଏ କହିଥିଲେ "ମୋ ପ୍ରତି ମୋ ପିତାମାତାଙ୍କ ଶ୍ରଦ୍ଧା ନାହିଁ। ଏହାପରେ ଗବେଷକାମନେ ଅନାଗ୍ରହ, ନୀତିନିୟମ, ବିଶ୍ୱାସ ଭରସା ଏବଂ ସ୍ୱାଧୀନତାକୁ ମୁଖ୍ୟ ବିଷୟ ଭାବେ ଚିହ୍ନଟ କରିଥିଲେ। ଏଥି ସହ ପିଲାମାନଙ୍କ ସହିତ ଅଧିକ ସମୟ ବିତାଉଥିବା ଏବଂ ପିଲାଙ୍କୁ ଗାଳିଦେଉଥିବା ବିଷୟକୁ ମଧ ଗୁରୁତ୍ୱ ଦେଇଥିଲେ। ଏହିସବୁ ବିଷୟବସ୍ତୁକୁ ଆଧାରକରି ଗବେଷକମାନେ ପିଲାପାଳନ ପଦ୍ଧତିକୁ ୬ଟି ଗୋଷ୍ଠୀର ବିଭକ୍ତ କରିଥିଲେ। ସେଗୁଡ଼ିକ ହେଲା ସହାୟକ, କଡ଼ା ମିଜାଜ, କୋହଳ ମନୋଭାବ, ସହନଶୀଳ, ସାଧାର ଏବଂ ନିଷ୍ଠୁର। ପ୍ରଥମ ଗୋଷ୍ଠୀର ପିତାମାତା ପଲାମାନଙ୍କ ପ୍ରତି ଅଧିକ ସହାୟକ ଏବଂ ସମର୍ଥନକାରୀ ହେଇ ପିଲାଙ୍କ ସହିତ ଅଧିକ ସମୟ ବିତାଉଥିବା ବେଳେ ଶେଷ ଗୋଷ୍ଠୀର ପିତାମାତା ପିଲାମାନଙ୍କ ପ୍ରତି ନିର୍ଦ୍ଦୟ ତଥା ନିଷ୍ଠୁର ହୋଇଥାଆନ୍ତି। ଏହି ପିତାମାତାଙ୍କର ପିଲାମାନଙ୍କ ପ୍ରତି ଆଗ୍ରହର ମାତ୍ରା କମ ଏବଂ ପିଲାମାନଙ୍କ ପ୍ରତି ବିଶ୍ୱାସ ଓ ଭରସା ଊଣାଥାଏ ବୋଲି ଗବେଷକମାନେ ମତ ଦେଇଛନ୍ତି।

ଯେଉଁ ପିତାମାତାମାନେ ପିଲାମାନଙ୍କ ପ୍ରତି ଅଧିକ ଯତ୍ନବାନ ହୋଇଥାଆନ୍ତି ସେଭଳି ପିଲା ପରବର୍ତ୍ତୀ ଜୀବନରେ ଅଧିକ ରୋଜଗାର କରି ସୁଖରେ ରହିଥାଆନ୍ତି। ଅପରପକ୍ଷରେ କଡ଼ା ମିଜାଜର ପିତାମାତାମାନେ ପିଲାମାନଙ୍କୁ ଶୃଙ୍ଖଳିତ ଭାବେ ଗଢ଼ି ତୋଳିଲେ ବଡ଼ ଚାକିରି କରି ଅଧିକ ରୋଜଗାର କରିଥାଆନ୍ତି, ଅଥଚ ସେମାନଙ୍କର ସୁଖଶାନ୍ତି କମ ଏବଂ ଚାପର ମାତ୍ରା ବୃଦ୍ଧି ପାଇଥାଏ ବୋଲି ଗବେଷକମାନେ ମତ ଦେଇଛନ୍ତି।



# ଜିରାପାଣି ବେଶ୍ ଉପକାରୀ



ଜିରାରେ ପ୍ରଚୁର ମାତ୍ରାରେ ଭିଟାମିନ୍ ସି, ଏ ଏବଂ ଆଇରନ୍ ଭରପୂର ରହିଛି। ଏହା ବିଭିନ୍ନ ସଂକ୍ରମଣ ଜନିତ ରୋଗ ଦୂର କରିଥାଏ। ଏହାଦ୍ୱାରା ଚର୍ମ ଓ କେଶ ସୁସ୍ଥ ରହିଥାଏ।

ଦୈନିକ ଗୋଟେ ଗ୍ଲାସ୍ ପାଣିନେଇ ସେଥିରେ କିଛି ଜିରା ପକାନ୍ତୁ। ଏହାକୁ ରାତିସାରା ଭିଜାଇ ରଖନ୍ତୁ। ସକାଳେ ଏହି ପାଣି ପାନ କରନ୍ତୁ। ଏହାଦ୍ୱାରା ଶରୀରରୁ କାର୍ବୋହାଇଡ୍ରେଟ୍ ଏବଂ ମୋଟାପା ଦୂର ହୋଇଥାଏ। ଜୀର୍ଣ୍ଣଶକ୍ତିକୁ ବଢ଼ାଇବା ସହ ଡାଇରିଆ, ଚିଡଚିଡା, ଦୁର୍ବଳତା, ଗ୍ୟାସ୍ ଆଦି ରୋଗକୁ ଏହା କମ୍ କରିଥାଏ। ଏହା ଲିଭର ଏବଂ ପାକସ୍ଥଳୀ ପାଇଁ ବେଶ୍ ଉପକାରୀ।

ଏଥିରେ ପ୍ରଚୁର ପରିମାଣରେ ଆଇରନ୍ ଥିବାରୁ ରକ୍ତହୀନତା ଦୂର କରିଥାଏ। ଗର୍ଭବତୀ ମହିଳାଙ୍କ ପାଇଁ ଏହା ବେଶ୍ ଜରୁରୀ।

ଦୈନନ୍ଦିନ ଏହି ପାଣି ଯୁବପିଢ଼ି ସେବନ କଲେ ମସ୍ତିଷ୍କ କ୍ଷମତା ବୃଦ୍ଧି ହେବ। ଏହାସହ ସେମାନେ ନିଜକୁ ଫ୍ରେସ୍ ଅନୁଭବ କରିପାରିବେ।

ଚର୍ମର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଏହା ବଢ଼ାଇବାରେ ସାହାଯ୍ୟ କରେ। ଏଥିରେ କ୍ୟାଲସିୟମ୍, କପର, ପୋଟାସିୟମ୍ ଏବଂ ଭିଟାମିନ୍ ଇ ପ୍ରଚୁର ପରିମାଣରେ ଥିବାରୁ ତ୍ୱଚା ପାଇଁ ବେଶ୍ ଲାଭଦାୟୀ।

ପାଣିରେ କିଛି ଜୀରା ପକାଇ ଫୁଟାଇ ସେହି ପାଣିକୁ ରଖନ୍ତୁ। ସେଥିରେ କିଛି ଟୋପା ତଲେ ମିଶାଇ ଦେନିକ ମୁହଁରେ ଲଗାଇଲେ ଟୋନର ଭଳି କାମ କରିବ। ଏହାସହ ଏହାଦ୍ୱାରା ସୁନ୍ଦର ତ୍ୱଚା ପାଇ ପାରିବେ। ମୁହଁରେ ଥିବା ବ୍ରଣ ଦାଗକୁ ମଧ୍ୟ ଏହା ସହଜରେ ଦୂରେଇଥାଏ।

ପୋଡ଼ି ଯାଇଥିବା ସ୍ଥାନରେ ମଧ୍ୟ ଏହି ପାଣି ଲଗାଇ ପାରିବେ।

ଏଥିରେ ପ୍ରଚୁର ପରିମାଣରେ ଭିଟାମିନ ଓ ମିନେରାଲ ଥିବାରୁ କେଶ ପାଇଁ ଏହା ବେଶ୍ ଲାଭଦାୟୀ। କେଶ ଝଡୁଥିଲେ ଜୀରା ପାଣିକୁ ନେଇ ମୂଳରେ ଦୈନନ୍ଦିନ ମସାଜ କରନ୍ତୁ। ଦେଖିବେ କେଶମୂଳ ମଜବୁତ୍ ରହିବ। ଏହାସହ ସୁନ୍ଦର କେଶ ପାଇ ପାରିବେ।

# ଏହି ପତ୍ରରେ ରହିଛି ଅନେକ ଔଷଧୀୟ ଗୁଣ : ସୌନ୍ଦର୍ଯ୍ୟ ବୃଦ୍ଧିରେ ବି ହୁଏ ସହାୟକ

*ଏମିତି ଅନେକ ପତ୍ର ଅଛି ଯାହାକୁ ଆମେ ଖାଇବାରେ ବ୍ୟବହାର କରିଥାଉ। ସେଥିମଧ୍ୟରୁ ପୋଦିନା ପତ୍ର ଅନ୍ୟତମ। ଏହାକୁ ଚଟଣି ସହ ସାଲାଡ୍, ରାଇତା ଓ ବିରିଆନି ଆଦି ଖାଦ୍ୟରେ ଆଗ ଖୋଜା ପଡ଼େ। ଏହାର ବାସ୍ନା ସହ ସ୍ୱାଦ ନିଶ୍ଚିତ ଭାବେ ନିଆରା। ପେଟର ବିଭିନ୍ନ ସମସ୍ୟାକୁ ଠିକ୍ କରୁଥିବା ଏହି ଉପକାରୀ ଉଦ୍ଭିଦର ଅନେକ ଔଷଧୀୟ ଗୁଣ ରହିଛି। ପୋଦିନା ଆଣ୍ଟିବାୟୋଟିକ୍ ଔଷଧର କାର୍ଯ୍ୟ ତୁଲାଇବା ସହ ସୌନ୍ଦର୍ଯ୍ୟ ବୃଦ୍ଧିରେ ମଧ ସହାୟକ ହୋଇଥାଏ।*



■ ଥଣ୍ଡା ରୋଗରେ ନିୟମିତ ପୀଡ଼ିତ ହେଉଥିଲେ ପୋଦିନା ରସରେ ଗୋଲମରିଚ ଏବଂ ବିଟ୍‌ଲୁଣ ପକାଇ ତାକୁ ଚା' ଭଳି ଫୁଟାଇ ପିଇବା ଦ୍ୱାରା ଏହି ରୋଗରୁ ଆରୋଗ୍ୟ ମିଳିଥାଏ। ଆପଣଙ୍କୁ ଯଦି ବାରମ୍ବାର ହାକୁଟି ଆସୁଥାଏ ତ ଏହାର ପତ୍ରକୁ ଚୋବାଇ ଖାଇବା ଦ୍ୱାରା ହାକୁଟିକୁ ନିୟନ୍ତ୍ରଣ କରାଯାଇପାରେ। ମହିଳାଙ୍କ ମାସିକଧର୍ମରେ ଅନିୟମିତତା ଦେଖାଦେଲେ ପୋଦିନାର ଶୁଖିଲାପତ୍ରକୁ ଗୁଣ୍ଡ କରି ଏହି ଗୁଣ୍ଡକୁ ଦିନକୁ ଦୁଇଥର ମହୁ ସହ ମିଶାଇ ପଇବା ଦ୍ୱାରା ସମସ୍ୟା ଦୂର ହୋଇଥାଏ।

■ ଏହା ଛଡ଼ା ଖଣ୍ଡିଆଖାପରାରେ ବି ଏହି ପତ୍ରକୁ ବ୍ୟବହାର କରାଯାଇପାରେ। କୌଣସି ସ୍ଥାନ ମାଡ଼ ହେଇ କ୍ଷତ ସୃଷ୍ଟି ହୋଇଥିଲେ ସେହି ସ୍ଥାନରେ ତାଜା ପୋଦିନା ପତ୍ରକୁ ଦଳି ତା'ର ରସ ଲଗାଇଦେଲେ ତାହା ତୁରନ୍ତ ଶୁଖିଯାଏ। ସେହିପରି ଶରୀର କୁଣ୍ଡେଇ ହେଇ ଫଳି ଯାଉଥିଲେ କିମ୍ବା ଅନ୍ୟାନ୍ୟ ଚର୍ମରୋଗ ଥିଲେ ତାଜା ପୋଦିନା ପତ୍ରକୁ ନେଇ ତାକୁ ଭଲ ଭାବେ ଛେଚି ଦିଅନ୍ତୁ, ଏହାକୁ ପ୍ରଭାବିତ ତ୍ୱଚାରେ ଲଗାନ୍ତୁ। ପୋଦିନା ରସକୁ ମିଶାଇ ସେଥିରେ କୁଳି କରିବା ଦ୍ୱାରା ସ୍ୱରରେ ସ୍ୱଚ୍ଛତା ଆସେ। ଗଳା ବସିଥିଲେ ତାହା ସାଧାରଣ ଅବସ୍ଥାକୁ ଫେରିଆସେ।

■ ଆପଣଙ୍କର ତ୍ୱଚା ଯଦି ତେଲିଆ ହୋଇଥାଏ ତେବେ ପୋଦିନାରୁ ପ୍ରସ୍ତୁତ ଫେସିଆଲ୍ ଆପଣଙ୍କ ପାଇଁ ଖୁବ୍ ଭଲ ସାବ୍ୟସ୍ତ ହେବ। ଭଲ ଭାବେ ପେଷା ଯାଇଥିବା ଦୁଇ ବଡ଼ ଚାମଚ ପୋଦିନା ପତ୍ର ଦୁଇ ଚାମଚ ଦହି ଏବଂ ଗୋଟେ ବଡ଼ ଚାମଚ ଓଟ୍‌ମିଲ୍-ଏସବୁକୁ ନେଇ ଏକ ମିଶ୍ରଣ ପ୍ରସ୍ତୁତ କରନ୍ତୁ। ଏହି ମିଶ୍ରଣକୁ ନିଜ ଶରୀରରେ ଲଗାନ୍ତୁ। ପନ୍ଦର ମିନିଟ୍ ଛାଡ଼ି ଦିଅନ୍ତୁ। ଏହାପରେ ତାକୁ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ। ସପ୍ତାହରେ ଅତିକମ୍‌ରେ ଦୁଇଥର ଏପରି କରିବା ଦ୍ୱାରା ତେଲିଆ ତ୍ୱଚାର ସାଧାରଣ ଅବସ୍ଥା ଫେରିପାଏ। ତ୍ୱଚା ସୁସ୍ଥ ଓ ସୁନ୍ଦର ରହେ।





# ଶାନ୍ତ ରହିବା ସହ ଚା' ପିଇବା ଦ୍ୱାରା ହ୍ରାସ ପାଏ ମୃତ୍ୟୁ ଆଶଙ୍କା: ଗବେଷଣା



କଫି ପରିବର୍ତ୍ତେ ଆପଣ ଚା ପିଇବାକୁ ପସନ୍ଦ କରନ୍ତି କି ? ଏହି ଗରମ ପାନୀୟ ସଂପର୍କରେ ଏକ ନୂଆ ସର୍ଭେ ରିପୋର୍ଟ ହସ୍ତଗତ ହୋଇଛି। ସର୍ଭେ ରିପୋର୍ଟରୁ ଜାଣିବାକୁ ମିଳିଛି ଯେ କଫି ତୁଳନାରେ ଚା ପିଇବା ଭଲ। ଚା ପିଇବା ଦ୍ୱାରା ମୃତ୍ୟୁ ଆଶଙ୍କା ହ୍ରାସ ପାଇଥାଏ।

ଏ ନେଇ ନିକଟରେ ଇଂଲଣ୍ଡର ଗବେଷକମାନେ ଏକ ଗବେଷଣା କରିଥିଲେ। ଗବେଷଣାରୁ ଜାଣିବାକୁ ମିଳିଛି ଯେ ଚା ପିଉନଥିବା ଲୋକଙ୍କ ମଧ୍ୟରେ ୧୩ ପ୍ରତିଶତ ମୃତ୍ୟୁ ଆଶଙ୍କା ରହିଥିବା ବେଳେ ଦିନକୁ ୨-୩ କପ୍ ଚା ପିଉଥିବା ଲୋକଙ୍କ କ୍ଷେତ୍ରରେ ୯ ପ୍ରତିଶତ ମୃତ୍ୟୁ ସମ୍ଭାବନା ଥାଏ।

ଏହି ଗବଷେଣା କରିଥିଲେ ନେସ୍‌ନାଲ୍ କ୍ୟାନ୍‌ସର ଇନ୍‌ଷ୍ଟିଚ୍ୟୁଟ୍‌ର ଗବେଷକମାନେ। ପୂର୍ବରୁ ହୋଇଥିବା ଗବେଷଣାକୁଡ଼ିକୁ ଦେଖିରେ ସବୁଜ ଟି ବା ଗ୍ରୀନ୍ ଟି ଶରୀର ପାଇଁ ବେଶି ଲାଭଦାୟକ ବୋଲି ଜାଣିରଖନ୍ତୁ। ଅଧିକ ଚା ପିଉଥିବା ଲୋକଙ୍କ କ୍ଷେତ୍ରରେ ହୃଦ୍‌ରୋଗ ଓ ଷ୍ଟ୍ରୋକ୍ ଆଦି ସମସ୍ୟା ବି ହ୍ରାସ ପାଇଥାଏ।


ନିକଟରେ ହୋଇଥିବା ଏହି ଗବେଷଣାରେ ୪୦ରୁ ୬୭ ବର୍ଷ ବୟସ ମଧ୍ୟରେ ୪,୯୮,୦୪୩ ଜଣଙ୍କୁ ସାମିଲ୍ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୮୯ ପ୍ରତିଶତ ନାଲି ଚା' ପିଉଥିବା ଜାଣିବାକୁ ମିଳିଛି। ଆପଣ ନିଜର ସୁସ୍ଥକର ଡାଏଟ୍ ତାଲିକାରେ ବି ଚା'କୁ ସାମିଲ୍ କରିପାରିବେ ବୋଲି ଗବେଷକମାନେ ମତ ବ୍ୟକ୍ତ କରିଛନ୍ତି।

ନେସ୍‌ନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହେଲ୍‌ଥ(ଏନ୍‌ଆଇଏଚ୍) ପକ୍ଷରୁ ମିଳିଥିବା ସୂଚନା ମୁତାବକ, ଚା'ର ତାପମାତ୍ରାରୁ ନେଇ ଚିନି ଓ ପତିର ପରିମାଣରୁ ବି ଗୁଣରେ ପାର୍ଥକ୍ୟ ଦେଖିବାକୁ ମିଳିଛି।

# ଚଟପଟା ବ୍ରେଡ୍ ମସଲା

**ଆବଶ୍ୟକ ସାମଗ୍ରୀ:** ବ୍ରେଡ୍, ପିଆଜ, ଅଦା, ଧନିଆ ପତ୍ର, କଞ୍ଚାଲଙ୍କା, ଟମାଟୋ , ଜିରା, ଆମଚୁର ପାଉଡର, ହଳଦୀ ଗୁଣ୍ଡ, ଧନିଆ ଗୁଣ୍ଡ, ତେଲ ଓ ଲୁଣ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ବ୍ରେଡ୍ ଗୁଡିକୁ ଛୋଟ ଛୋଟ ଖଣ୍ଡ କରି ଏକ ପାତ୍ରରେ ରଖିନ୍ତୁ। ପରେ ତାକୁ କରେଇରେ ପକାଇ ଫ୍ରାଏ କରି ଦିଅନ୍ତୁ। ଏହାପରେ ପିଆଜ, ଧନିଆ, କଞ୍ଚାଲଙ୍କା, ଅଦା, ରସୁଣ ଓ ଟମାଟୋକୁ ଏକାଠି ବାଟିଦିଅନ୍ତୁ। କରେଇରେ ତେଲ ପକାଇ ଗରମ କରନ୍ତୁ। ତେଲ ଗରମ ହେବା ପରେ ସେଥିରେ ଜିରା ପକାନ୍ତୁ। ପରେ ମସଲାବଟାକୁ ପକାଇ ଭଲଭାବେ କଷି ଦିଅନ୍ତୁ। ମସଲା ଭଲଭାବେ କଷି ହୋଇଗଲେ ଅଳ୍ପ ପାଣି ଦେଇ ହଳଦୀ ଗୁଣ୍ଡ, ଧନିଆ ଗୁଣ୍ଡ ଓ ଆମଚୁର ପାଉଡର ମିଶାଇ ପୁଣି ଆଉଥରେ ଭଲଭାବେ କଷିଦିଅନ୍ତୁ। ସେଥିରେ ସ୍ୱାଦ ଅନୁସାରେ ଲୁଣ ପକାଇ ଦିଅନ୍ତୁ। ଏହାପରେ କାଟି ରଖିଥିବା ବ୍ରେଡ୍‌ଖଣ୍ଡ ଗୁଡ଼ିକୁ ମସଲାରେ ପକାଇ ଭଲଭାବେ ଗୋଳାଇ ଦିଅନ୍ତୁ। କିଛି ସମୟ ପରେ ଗ୍ୟାସକୁ ବନ୍ଦ କରିଦିଅନ୍ତୁ। ପ୍ରସ୍ତୁତ ହୋଇଗଲା 'ବ୍ରେଡ୍ ମସଲା'। ଏହାକୁ ଏକ ପ୍ଲେଟରେ କାଢ଼ି ତା' ଉପରେ କଟା ଧନିଆ ପତ୍ର ଓ କଟା ପିଆଜ ପକାଇ ଗରମ ଗରମ ପରଷନ୍ତୁ।



# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

ସେପ୍ଟେମ୍ବର ୦୬ ମଙ୍ଗଳବାର ୨୦୨୨,


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ମିଖାଇଲ ଗୋର୍ବାଚେଭ...

ଗତ ସପ୍ତାହରେ ଦୀର୍ଘ କାଳର ଅସୁସ୍ଥତା ଭୋଗି ପରପାରିକୁ ଚାଲି ଯାଇଛନ୍ତି ସୋଭିଏତ୍ ରାଷ୍ଟ୍ରସଂଘର ଶେଷ ନେତା ମିଖାଇଲ ଗୋର୍ବାଚେଭ୍। ଗୋର୍ବାଚେଭ୍ ଜଣେ ସାଧାରଣ ନେତା ନଥିଲେ, ଥିଲେ ଦୁନିଆକୁ ଅର୍ଥାତ ସମଗ୍ର ବିଶ୍ୱର ରାଜନୀତିକ ଏବଂ ଅର୍ଥନୀତିକ ଦୃଶ୍ୟପଟକୁ ବଦଳାଇ ଦେଇଥିବା ଜଣେ ନେତା/ବ୍ୟକ୍ତି। ଆଉ ଏଇଭଳି ନେତା ବା ବ୍ୟକ୍ତିଙ୍କୁ କଣ କୁହାଯିବ- ନାୟକ ନା ଖଳନାୟକ? ପାପୀ ନା ତପୀ? ଭାବୁକ ନା ପ୍ରେମିକ? ଏଇ ପ୍ରଶ୍ନସବୁର ଉତ୍ତର ପାଇଁ ଯଦି ଏକାଧିକ ବ୍ୟକ୍ତିଙ୍କୁ ନେଇ ଏକ ନିରପେକ୍ଷ ବିଚାରକ ମଣ୍ଡଳୀ ଦ୍ୱାରା ଗୋର୍ବାଚେଭଙ୍କ କାର୍ଯ୍ୟାବଳୀଗୁଡ଼ିକର ବିଚାର କରାଯାଏ, ତା'ହେଲେ ସେମାନେ ସ୍ୱାଭାବିକ ଭାବରେ ଦୁଇ ଭାଗରେ ବିଭକ୍ତ ହୋଇଯିବେ। କାରଣ, ଗୋର୍ବାଚେଭ୍ ଥିଲେ ଗୋଟିଏ ପଟେ ନାୟକ ତ ଅନ୍ୟ ପଟେ ଖଳନାୟକ ଏବଂ ସେହି ନିୟମାନୁଯାୟୀ ଅନ୍ୟସବୁ। ବିଶ୍ୱସ୍ତରର ଅଧିକାଂଶ ନେତା ସେମାନଙ୍କ ପଛରେ ଛାଡ଼ି ଯାଇଥାନ୍ତି ଜଟିଳ ଉତ୍ତରାଧିକାର। ଗୋର୍ବାଚେଭ ତହିଁରୁ କିଛି ଭିନ୍ନ ନୁହନ୍ତି। ମିଖାଇଲ ଗୋର୍ବାଚେଭ୍, ଯିଏକି ୧୯୮୫ରେ କ୍ଷମତାକୁ ଆସିଥିଲେ, ଏକା ସାଙ୍ଗରେ ଦୁଇଗୋଟି ନୀତିକୁ ପ୍ରଚଳନ କରଥିଲେ। ଗୋଟିଏ ହେଲା, 'ଗ୍ଲାସ୍‌ନସ୍ତ', ଯାହାର ସରଳ ଅର୍ଥ ଅତ୍ୟଧିକ ସ୍ୱଚ୍ଛତା; ନିଜକୁ ଅନ୍ୟମାନଙ୍କ ସାମ୍ନାରେ ଖୋଲାବହି ଭଳି ଉପସ୍ଥାପନ କରିବା ଏବଂ ଦ୍ୱିତୀୟଟି ହେଉଛି, 'ପେରେସ୍ତ୍ରୋଇକା'- ଯାହା ପରିବର୍ତ୍ତନ ଆଣିବା ଉଦ୍ଦେଶ୍ୟରେ କାର୍ଯ୍ୟକାରୀ କରାଯାଇଥିଲା। ଏହି ପରିବର୍ତ୍ତନ ଆଣିବା ପାଇଁ ଉଦ୍ୟମ କରାଯାଇଥିଲା ଅର୍ଥନୀତିକ ସ୍ଥାଣୁତା, ଆଫଗାନିସ୍ତାନରେ ଏକ ଭୟଙ୍କର ଯୁଦ୍ଧ, ଏବଂ ବେଳକୁ ବେଳ ବଢ଼ି ଚାଲିଥିବା ଜନ ଅସନ୍ତୋଷରେ ଭରା ଏକ ସାମ୍ରାଜ୍ୟରେ ଏବଂ ଚେଷ୍ଟା କରାଯାଇଥିଲା ଏହି ସାମ୍ରାଜ୍ୟକୁ ପୁନର୍ଜୀବନ ପ୍ରଦାନ କରିବାକୁ। ଏହାସତ୍ତ୍ୱେ ୧୯୯୧ର ସେହି ଅରାଜକତାପୂର୍ଣ୍ଣ ଦିନଗୁଡ଼ିକ ପାଇଁ ସେ ସର୍ବଦା ସ୍ମରଣ ରହିବେ, ଯାହାର ଶେଷ ଦୃଶ୍ୟ ଥିଲା କ୍ରେମଲିନରୁ ତାଙ୍କ ଦ୍ୱାରା ନିଜର ଇସ୍ତଫା ଘୋଷଣା, ଯେଉଁଠି ସୋଭିଏତ୍ ରାଷ୍ଟ୍ରସଂଘର ଉଜ୍ଜଳ ରକ୍ତବର୍ଣ୍ଣ ପତାକା/ବ୍ୟାନର ଶେଷଥର ପାଇଁ ଥରେ ତଳକୁ ଖସି ଆସିଥିଲା। ଗୋର୍ବାଚେଭ୍ ପ୍ରତିନିଧିତ୍ୱ କରିଥିବା ଦୃଷ୍ଟିକୋଣର ତିନିଗୋଟି ପ୍ରମୁଖ ଉପାଦାନ ରହିଛି। ପୃଥିବୀର କିଛି ଲୋକ ରହିଛନ୍ତି, ବିଶେଷକରି ପାଶ୍ଚାତ୍ୟ ଜଗତର, ଯେଉଁମାନଙ୍କ ପାଇଁ ଏହି ମେଳାପି କମ୍ୟୁନିଷ୍ଟ ବା ସାମ୍ୟବାଦୀ କ୍ଷମତାର ମୋହ ପରିତ୍ୟାଗ କରିବାକୁ, ସୋଭିଏତ୍ ରାଷ୍ଟ୍ରସଂଘକୁ ଭଙ୍ଗ କରିବାକୁ ଏବଂ ବହୁ-ଦଳୀୟ ଗଣତନ୍ତ୍ର ଶାସନର ପ୍ରଚଳନ ନିମନ୍ତେ ବାଟ ଛାଡ଼ି ଦେବାକୁ ଇଚ୍ଛୁକ ଥିଲେ। ତେବେ ବଲଟିକ୍ ରାଷ୍ଟ୍ରଗୁଡ଼ିକରେ ଗୋର୍ଭାଚେଭ୍‌ଙ୍କୁ ସ୍ମରଣ କରାଯାଇଥାଏ ପ୍ରତିବାଦକାରୀମାନଙ୍କ ଉପରେ ସୋଭିଏତ୍ ଟ୍ୟାଙ୍କ ଚଢ଼ାଇ ଦଳିଦେବା ନିମନ୍ତେ। ଶେଷରେ ଆସେ ସବୁଠୁ ବଡ଼ ବା ଅଧିକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଯେ ଏକ ମହାଶକ୍ତିର ଅବସାନକୁ ଦେଖିଥିବା ଏହି ବ୍ୟକ୍ତିଙ୍କ ସମ୍ପର୍କରେ ରୁଷିଆ ଅଧିବାସୀମାନେ କଣ ଭାବନ୍ତି। ରୁଷିଆର ଅଧିକାଂଶ ସାଧାରଣ ଲୋକଙ୍କ ପାଇଁ ସୋଭିଏତ୍ ରାଷ୍ଟ୍ରସଂଘର ପତନ ଅର୍ଥନୀତିକ ଦୁଃଖ ଯନ୍ତ୍ରଣାର ଏକ ଭୟଙ୍କର ଦଶନ୍ଧିକୁ ଆମନ୍ତ୍ରଣ କରି ଆଣିଥିଲା। ଆକାଶଛୁଆଁ ମୁଦ୍ରାସ୍ଫୀତି, ରାଷ୍ଟ୍ରର ସାମାଜିକ ସହାୟତା ପ୍ରଦାନର ଅକସ୍ମାତ୍ ପ୍ରତ୍ୟାହାର, ଏବଂ ଅଭିଜାତ ବର୍ଗଙ୍କ ମଧ୍ୟରେ ବିଭିନ୍ନ କମ୍ପାନୀଠାରୁ ଆରମ୍ଭ କରି ତୈଳ ଖଣି ପର୍ଯ୍ୟନ୍ତ ମୂଲ୍ୟବାନ ଜାତୀୟ ସମ୍ପଦଗୁଡ଼ିକୁ ଅକ୍ତିଆର କରିବାପାଇଁ ପାଗଳପ୍ରାୟ ଆତୁରତା ବିଶ୍ୱର ସର୍ବାଧିକ ଅସମାନ ସମାଜ ଗଠନ କରିବା ବ୍ୟତୀତ ଅନ୍ୟ କିଛି ଉପକାର ହେବାଭଳି କାର୍ଯ୍ୟ କରିନଥିଲା। ଗୋଟିଏ ପଟେ ଏକ ନୂତନ ଧନୀକ ଶ୍ରେଣୀଙ୍କର ଅଭ୍ୟୁଦୟ ଘଟିବା ବେଳେ ଅପର ପକ୍ଷରେ ଲକ୍ଷ ଲକ୍ଷ ଲୋକ ଉତ୍କଟ ଦାରିଦ୍ର୍ୟ ଭିତରକୁ ଠେଲି ହୋଇଗଲେ। ସେ ସମୟରେ ରୋମର ସମ୍ରାଟ ନିରୋଙ୍କ ଭଳି ବର୍ତ୍ତମାନର ବୃହତ୍ ଧରଣର ଲୁଇ ଭୁଇଟନ୍ ଏବଂ ପିଜ୍ଜା ହଟର ବିଜ୍ଞାପନରେ ଅଭିନୟ କରିବାରେ ଗୋର୍ବାଚେଭ୍ ବ୍ୟସ୍ତ ଥିଲେ ଏବଂ ଏହା ତାଙ୍କୁ ଆଦୌ ପ୍ରଭାବିତ କରିପାରିନଥିଲା, ଯେତେବେଳେ କି ଅଧିକାଂଶ ରୁଷ ଅଧିବାସୀଙ୍କ ପାଇଁ ଏସବୁ ସାମଗ୍ରୀ ଥିଲା ଦୂର ଆକାଶର ତାରା ଭଳି-କାରଣ, ମହାତ୍ମା ଗାନ୍ଧୀଙ୍କ ଭାଷାରେ, 'ଗରିବମାନଙ୍କ ପାଇଁ ପଟେ ରୁଟି ହିଁ ଈଶ୍ୱର।' ଏଥିରେ ତେଣୁ ଆଶ୍ଚର୍ଯ୍ୟ ହେବାର କ୍ୱଚିତ୍ କିଛି ରହିଛି ଯେ ରୁଷିଆରେ ତାଙ୍କୁ ନିଜ ଲୋକଙ୍କ ସହିତ ପ୍ରତାରଣା କରିଥିବା ବ୍ୟକ୍ତି ଭାବରେ ପରିଗଣିତ କରାଯାଉଥିଲା। କିନ୍ତୁ ଗୋର୍ବାଚେଭ୍ ବିଶ୍ୱ ବକ୍ଷରେ ଏମିତି ଏକ ଢ଼ଙ୍ଗରେ ନିଜର ସ୍ୱତନ୍ତ୍ର ଛାପ ଛାଡ଼ି ଯାଇଛନ୍ତି ଯାହା ଆଜି ବି ପ୍ରାସଙ୍ଗିକ। ଆଣବିକ ଅସ୍ତ୍ର ଏବଂ କ୍ଷେପଣାସ୍ତ୍ରଗୁଡ଼ିକର ବ୍ୟବହାର ଉପରେ ନିଷେଧାଦେଶ ଜାରି କରିବାପାଇଁ ତତ୍କାଳୀନ ଆମେରିକୀୟ ରାଷ୍ଟ୍ରପତି ରୋନାଲଡ୍ ରିଗାନଙ୍କ ସହିତ ତାଙ୍କର ଚୁକ୍ତିନାମା ଦର୍ଶାଇଥାଏ ଯେ ଉତ୍ତମ ରୂପେ ପ୍ରତିଷ୍ଠିତ ହୋଇ ସାରିଥିବା ବିଶ୍ୱର ଦୁଇଗୋଟି ମହାଶକ୍ତି ଆବଶ୍ୟକ ହେଲେ ବିଶ୍ୱର ମଙ୍ଗଳ ପାଇଁ ମଧ୍ୟ ହାତ ମିଳାଇ ପାରନ୍ତି, ପରସ୍ପରକୁ ସହଯୋଗ କରିପାରନ୍ତି।

## ଦଳୀୟ ନେତୃତ୍ୱ ବନାମ ଜାତୀୟ ନେତୃତ୍ୱ

ହରେକୃଷ୍ଣ ପଣ୍ଡା

ନିଜ ସଂସ୍କୃତି ଐତିହ୍ୟକୁ ନେଇ ଭାରତୀୟ ମାନେ ଗର୍ବ କରନ୍ତି। ସେଥିପାଇଁ ବିଶ୍ୱରେ ଭାରତୀୟ ସଂସ୍କୃତି ମହାନ ବୋଲି କୁହାଯାଇଥାଏ। କିନ୍ତୁ ବ୍ରିଟେନରେ ତାଙ୍କ ସରକାର ଯେପରି ତାଙ୍କ ସଂସ୍କୃତିକୁ ଶାସନ, ସମ୍ବିଧାନ ଓ ବିଚାର କ୍ଷେତ୍ରରେ ଉପଯୋଗ କରି ଆସିଛନ୍ତି ଭାରତରେ ତାହା ସେପରି ଦେଖା ଯାଏ ନାହିଁ। ଯାହାଫଳରେ ଭାରତ ଏବେ ପାଶ୍ଚାତ୍ୟ ସଂସ୍କୃତି କୁ ଆପଣେଇ ନିଜ ସଂସ୍କୃତିକୁ ଅଳିଆ କୁଣ୍ଡକୁ ଫୋପାଡି ଦେଇଛି। ଚଳିତ ଦଶନ୍ଧିରେ ଭାରତୀୟ ସଂସ୍କୃତିକୁ ପାଶ୍ଚାତ୍ୟ ସଂସ୍କୃତି ଓଲଟପାଲଟ କରିଦେଇଥିବା ଅନୁଭୂତ ହୁଏ। ଭାରତୀୟ ସଂସ୍କୃତି କୁହେ, ବିନା କର୍ମରେ ଖାଦ୍ୟ ଗ୍ରହଣ କରନାହିଁ। କର୍ମ ଏକ ମହାନ ସଂସ୍କୃତି। ଭାରତର ଏହି କର୍ମ ସଂସ୍କୃତି ବିଶ୍ୱରେ ବିରଳ। ଏହା ବ୍ୟତିତ ବିବାହ ସଂସ୍କୃତି ହେଉଛି ବୈଦିକ ଯୁଗର। ଏହା ବିଜ୍ଞାନ ସମ୍ମତ। ଏହା ବ୍ୟତିତ ଆତ୍ମ ସଂଯମ,ଜ୍ଞାନ ଆହରଣ,ପୂଜ୍ୟପୂଜା, ନାରୀକୁ ଲକ୍ଷ୍ମୀତୁଲ୍ୟ ମର୍ଯ୍ୟାଦା ଦେବା ହେଉଛି ଭାରତର ମୂଳ ସଂସ୍କୃତି। ତେବେ ଭାରତୀୟ ଶାସନ ଓ ଗଣତନ୍ତ୍ରରେ ଏହାକୁ ଉପେକ୍ଷା କରାଯାଇ କେତେକ ଲୋଭନୀୟ ନୀତି ଅନୁସରଣ କରାଯିବା ଦ୍ୱାରା ବୁଦ୍ଧିଜୀବୀ ମହଲରେ ଚିନ୍ତା ପ୍ରକଟ କରାଯାଇଛି।

ଦୀର୍ଘଦିନ ଧରି ଭାରତରେ କର୍ମ ସଂସ୍କୃତିକୁ ଲୋପ କରାଯାଇ ମାଗଣା ସଂସ୍କୃତିର ପ୍ରବର୍ତନ କରାଯାଇଥିଲା। ମାଗଣା ଚାଉଳ, ମାଗଣାରେ ଛାତ୍ର ମାନଙ୍କୁ ଜୋତା, ଛତା, ଲ୍ୟାପଟପ, ସାଇକେଲ, ପୋଷାକ, ବିଭିନ୍ନ ଦ୍ରବ୍ୟ ଉପରେ ସବସିଡ ଆଦି ଦିଆ ହୋଇ ଆସୁଥିଲା। କେତେକ ରାଜ୍ୟରେ ବିଦ୍ୟୁତ, ପାଣି ମଧ୍ୟ ମାଗଣା ଉପଲବ୍ଧ ହୋଇଥିଲା। ଯାହାଫଳରେ ମଧ୍ୟବିତ ବର୍ଗ ଅସନ୍ତୁଷ୍ଟ ହୋଇ ରହିଥିଲେ। ଏହା ବିରୋଧରେ ମଧ୍ୟ ପ୍ରତ୍ୟେକ ରାଜ୍ୟରୁ ସ୍ୱର ଉଠିଥିଲା। ତେବେ ମାନ୍ୟବର ସୁପ୍ରିମ କୋର୍ଟ ଏ ସମ୍ପର୍କରେ ମନ୍ତବ୍ୟ ଦେଇ କହିଛନ୍ତି ଯେ କେନ୍ଦ୍ର ସରକାର ଏକ କମିଟି ଗଠନ କରନ୍ତୁ ଏବଂ ସର୍ବଦଳୀୟ ବୈଠକ ଡାକି ଏହି ପ୍ରସଙ୍ଗରେ ଆଲୋଚନା କରନ୍ତୁ। ଭାରତରେ ଯେତେ ରାଜନୈତିକ ଦଳ ଅଛି ସେମାନେ ଏହି ମାଗଣା ସଂସ୍କୃତି ସମ୍ପର୍କରେ ମତାମତ ଦେବେ। ଏମାନଙ୍କ ନିଷ୍ପତି ଅନୁସାରେ ଏହି ପ୍ରଥା ଉଠିଯିବ ନଚେତ ରହିବ। ମାଗଣା ବଂଟନ ବ୍ୟବସ୍ଥା ଦ୍ୱାରା ମଧ୍ୟବିତ ମାନେ ଖୁବ ବ୍ୟତିବ୍ୟସ୍ତ ହୋଇ ପଡିଲେଣି। କାରଣ ରାଜକୋଷରୁ ବହୁ ଅର୍ଥ ବ୍ୟୟ କରାଯାଉଛି ଯାହାକୁ ମଧ୍ୟବିତମାନେ ଟିକସରେ ଦେଉଛନ୍ତି। ଏହା ଦ୍ୱାରା ଶ୍ରମିକ ଆଉ ଶ୍ରମ କରିବାକୁ ଚାହୁଁ ନାହାନ୍ତି। ଏବେ ଦେଶରେ ମାନବସମ୍ବଳର ଘୋର ଅଭାବ ଯୋଗୁ କୃଷି ଓ ଅନ୍ୟାନ୍ୟ କର୍ମ ପାଇଁ ସଙ୍କଟ ଦେଖା ଦେଇଛି। ତେବେ ମାନ୍ୟବର ସୁପ୍ରିମ କୋର୍ଟର ମନ୍ତବ୍ୟ ଜନସାଧାରଣଙ୍କ ପାଇଁ ଏକ ଆଶ୍ୱାସନା ବୋଲି କୁହାଯାଇପାରେ। ନିର୍ବାଚନ ସମୟରେ ମାଗଣା ଘୋଷଣା ସଂସ୍କୃତିକୁ ବନ୍ଦ କରିବା ପାଇଁ ହୋଇଥିବା ଆବେଦନ ଉପରେ ଶୁଣାଣୀ କରି ସୁପ୍ରିମକୋର୍ଟ କହିଛନ୍ତି ଯେ ଏହା ଉପରେ ଏକ ବିତର୍କ ହେବା ଉଚିତ। ମାଗଣା ବଂଟନ ଓ ଜନକଲ୍ୟାଣ ଯୋଜନା ଭିତରେ ପାର୍ଥକ୍ୟ ସ୍ପଷ୍ଟ ହେବାପାଇଁ ସରକାରଙ୍କଠାରୁ ଜାଣିବାକୁ ମାନ୍ୟବର କୋର୍ଟ ଚାହିଁଛନ୍ତି। ଅବଶ୍ୟ ସର୍ବଦଳୀୟ ବୈଠକରେ ଏବିଷୟରେ ମଧ୍ୟ ଆଲୋଚନା ହୋଇ ପାରିବ। ଏଠାରେ କୁହାଯାଇପାରେ ଯେ ଜନକଲ୍ୟାଣ ଯୋଜନା ଶିକ୍ଷା, ସ୍ୱାସ୍ଥ୍ୟ, ପ୍ରଶିକ୍ଷଣ, ଉଚ୍ଚତର ଶିକ୍ଷା, କୃଷି, ଉତ୍ପାଦନ ଆଦି କ୍ଷେତ୍ର ପାଇଁ ସରକାର ଯେଉଁ ଯୋଜନା କରିବେ ତାହା ସହଜ ଉପଲବ୍ଧ ହେବା ଆବଶ୍ୟକ। ଏପରିକି ମାଗଣା ହୋଇ ପାରେ। କିନ୍ତୁ ଏହା ବ୍ୟତିତ ଯେଉଁ ବିଭାଗ ରହିଲା ତାହା ମାଗଣା ହୋଇ ନପାରେ। ଏଠାରେ ମାଗଣାର ଦୁଇଟି ଅର୍ଥ ଅଛି। ଗୋଟିଏ ନିହାତି ଗରୀବ ଶ୍ରେଣୀ ପାଇଁ ସରକାରଙ୍କ ସାହାଯ୍ୟ ଓ ଅନ୍ୟଟି ମାଗଣା କହି ଭୋଟରଙ୍କୁ ପ୍ରଲୋଭିତ କରିବା । ଅତି ଗରିବ, ପଙ୍ଗୁ, ଅକର୍ମଣ୍ୟ କହିଲେ ବର୍ତମାନ ତାହା ୨୦ ଭାଗରୁ ୨୩ ଭାଗ ହେବ। କିନ୍ତୁ ମାଗଣା ଯୋଜନାରେ ୮୨ ଭାଗ ଲୋକଙ୍କୁ ସାମିଲ କରିବା ଅର୍ଥ ଭୋଟ ବ୍ୟାଙ୍କ ତିଆରି କରିବା। ବିଭିନ୍ନ ରାଜନୈତିକ ଦଳର ମୁଖିଆ ମାନେ ବିଚାର କରନ୍ତୁ ସେମାନେ ଦେଶର ସଂସ୍କୃତି ଓ ସମୃଦ୍ଧିକୁ କାମନା କରିବେ ନା ଭୋଟରଙ୍କୁ ସନ୍ତୁଷ୍ଟିକରଣ କରି ଭୋଟ ବ୍ୟାଙ୍କ ତିଆରି କରିବେ?

ଭାରତୀୟ ସଂସ୍କୃତି ସମ୍ପର୍କୀୟ ଆଉ ଏକ ଘଟଣାର ଆଇନ ସମୀକ୍ଷା କରାଯିବା ପାଇଁ ମାନ୍ୟବର ସୁପ୍ରିମ କୋର୍ଟ ଭାରତୀୟ ମାନଙ୍କୁ ଆଶ୍ୱାସନା ଦେଇଛନ୍ତି। ତାହା ହେଲା ମେଡିକାଲ ଟର୍ମିନେସନ ଅଫ ପ୍ରେଗନେନ୍ସି। ଏହି ଆଇନର ବିବାହିତା ଓ ଅବିବାହିତା ମହିଳାଙ୍କ କ୍ଷେତ୍ରରେ ରହିଥିବା ପକ୍ଷପାତିତାକୁ ଦୂର କରିବା ଲାଗି ସୁପ୍ରିମ କୋର୍ଟ ଏହାର ସମୀକ୍ଷା କରିବେ ବୋଲି କହିଛନ୍ତି। ନିକଟରେ ଜଣେ ୨୪ ବର୍ଷୀୟା ଅବିବାହିତା ମହିଳାଙ୍କୁ ୨୪ ସପ୍ତାହର ଭୃଣକୁ ଗର୍ଭପାତ ଅନୁମତି ଦେବା ସମରେ ଆଇନରେ ରହିଥିବା ବାଛବିଚାର ନଜରକୁ ଆସିଥିଲା। ଅନେକ ସମୟରେ ପ୍ରେମ ସମ୍ପର୍କ କିମ୍ବା ଏକାଠି ରହଣି ( ଲିଭ ଇନ ରିଲେସନସିପ) ଯୋଗୁ ଅବିବାହିତା ମାନେ ଗର୍ଭ ଧାରଣ କରୁଛନ୍ତି। ଏପରି କ୍ଷେତ୍ରରେ ସେମାନେ ଯେଉଁମାନେ ସନ୍ତାନ ଜନ୍ମ ଦେବାକୁ ଅନିଚ୍ଛୁକ ସେମାନେ ଅଦାଲତଙ୍କ ଅନୁମତି ଲୋଡିବେ। କିନ୍ତୁ ଯେଉଁ ମାନେ ସନ୍ତାନ ଜନ୍ମ ଦେବାକୁ ଚାହାଁନ୍ତି ସେମାନଙ୍କ ପାଇଁ ଆଇନ କଣ ଅଛି? ଅବଶ୍ୟ ପାଶ୍ଚାତ୍ୟ ଦେଶରେ ଏସବୁ ଅଛି। କିନ୍ତୁ ଭାରତରେ ବୈଦିକ ରୀତି ଏଯାବତ ଉଦ୍‌ଜିବୀତ ରହିଛି। ସଂଯମତା,ଚରିତ୍ର ଉପରେ ଯୋର ଦିଆ ଯାଉଛି। ମଣିଷ କେବଳ ଜନ୍ମ ହୋଇ ନାହିଁ ଲିଭ ଇନ ରିଲେସନସିପରେ ଜୀବନକୁ ଉପଭୋଗ କରିବା ପାଇଁ। ସେଥିପାଇଁ ଆମ ସଂସ୍କୃତି ଆମକୁ ଶିଖାଇଛି ସଂଯମତା ରକ୍ଷା କରିବାକୁ। ନିର୍ଦ୍ଧିଷ୍ଟ ବୟସରେ ବିବାହ କରି ଜୀବନ ନିର୍ବାହ କରିବେ। ଏଡସ୍ ରୋଗ ନିରାକରଣ ପାଇଁ ସ୍ଲୋଗାନ ଥିଲା ଗୋଟିଏ ପୁରୁଷକୁ ଗୋଟିଏ ନାରୀ। ସମ୍ପ୍ରତି ମଣିଷ ଅନିୟମିତ ଜଳବାୟୁ ନେଇ ଖୁବ ଯୌନ ପିପାସୁ ହୋଇ ପଡିଛି। ସମଗ୍ର ଦେଶରେ ଭ୍ରଷ୍ଟାଚାର ଦିନକୁ ଦିନ ବୃଦ୍ଧି ପାଇ ଚାଲିଛି। ତେବେ ଏମାନଙ୍କ ପାଇଁ ଯଦି ଆଇନର ବାଟ ଖୋଲା କରି ଦିଆଯାଏ ଆମେରିକା, ରଷିଆ ଭଳି ତେବେ ସାମାଜିକ ବିଧି ବ୍ୟବସ୍ଥା ରହିବ ତ? ଆମେ ଜାଣିଛୁଁ ଭୃଣ ହତ୍ୟା ମହାପାପ, ଗୋଟିଏ ଭୃଣ ଜାଗରୀତ ହୁଏ, ସେ କେତେ କେଉଁ ସମ୍ଭାବନା ନେଇ ଆସିଥାଏ ତାହାକୁ ଅବମାନନା କରିବା ନିହାତି ଅପରାଧ ବୋଲି ବିବେଚିତ ହୁଏ । ଏବେ ସମୟ ବଦଳି ଯାଇଥିବା ଯୋଗୁ ସବୁ କିଛି ସମ୍ଭବ ହୋଇ ପାରୁଛି। ଆଦିମ ମଣିଷ ବିବର୍ତନ ବାଦରେ ଆସି ସଭ୍ୟ ମାନବରେ ପହଁଚିଛି। ଏହି ମାନବ ତାର କ୍ରିୟା, କର୍ମ, ଚେତନା ଯୋଗୁ ସେ ଅତିମାନବହେବାକୁ ଚାହୁଁଛି। ତେଣୁ ମଣିଷର ଭବିଷ୍ୟତକୁ ଦୃଷ୍ଟିରେ ରଖି ଆଇନ ଓ ଯୋଜନା ମାନ ପ୍ରଣୟନ କରାଯିବା ଉଚିତ ବୋଲି ସୁପ୍ରିମ କୋର୍ଟ କହିଛି।ଏହି ପରିପ୍ରେକ୍ଷୀରେ ଭାରତର ରାଜନୈତିକ ଦଳ ଗୁଡିକର ନେତୃବୃନ୍ଦ ଚିନ୍ତା କରନ୍ତୁ । କେତେଦିନ ନିର୍ବାଚନ ପ୍ରତିଶ୍ରୁତୀ ଦେଇ ଭାରତୀୟ ମାନଙ୍କୁ ପ୍ରଲୋଭିତ କରି ଚାଲିଥିବେ। ଭାରତ ତାର ପ୍ରାଚୀନ ସଂସ୍କୃତିକୁ ନେଇ ସମଗ୍ର ବିଶ୍ୱରେ ଗୁରୁ ହେବାକୁ ଯାଉଛି। ତେଣୁ ସେହି ସଂସ୍କୃତିର ସୁରକ୍ଷା ଦେବେ ନା ଅତ୍ୟାଧୁନିକ ପନ୍ଥା ଆପଣେଇବେ? ମଣିଷ ଆଜି ଚାହୁଁଛି ବିଜ୍ଞାନ, ଜ୍ଞାନ, ଅଭିପ୍ସା ବଳରେ ପୁର୍ଣ୍ଣାଙ୍ଗ ମଣିଷଟିଏ ହେବାକୁ । ସେଥିପାଇଁ ସେମାନେ ଗ୍ୟାରେଂଟି ଦେବା ବଦଳରେ ମାଗଣାର ପ୍ରଲୋଭନ କାହିଁକି ସୃଷ୍ଟି କରୁଛନ୍ତି।


+ସମ୍ପାଦକ ଅଖିଳଚକ୍ର-ଓଡିଶା
ସୟଦପୁର,ଯାଜପୁର,
ମୋ- ୯୪୩୭୩୧୫୬୨୩


## ଆମ ମାନସିକତା ବଦଳିବ କେବେ ?

ବିଷ୍ଣୁ ପ୍ରସାଦ ଦାସ

ସନାତନ ଧର୍ମାବଲମ୍ବୀ ମାନଙ୍କର ପାର୍ବଣ ଋତୁ ଆରମ୍ଭ ହୋଇଗଲା, ଶ୍ରୀ ଶ୍ରୀ ଗଣନାଥଙ୍କ ପୂଜା ଠାରୁ ଆରମ୍ଭ ହୋଇ ବିଦ୍ୟାଦାୟିନୀ ମା' ସରସ୍ୱତୀଙ୍କ ପୂଜା ପର୍ଯ୍ୟନ୍ତ ହିନ୍ଦୁ ଧର୍ମାବଲମ୍ବୀ ମାନଙ୍କର ଅନେକ ପୂଜା, ପାର୍ବଣ ବେଶ ଜାକଜମକରେ ପାଳିତ ହୋଇ ଆସୁଛି , ତନ୍ମଧ୍ୟରୁ ଦୁର୍ଗାପୂଜା , କାଳୀପୂଜା ଏବଂ ଦୀପାବଳି , କାର୍ତ୍ତିକେଶ୍ୱର ପୂଜା ସହିତ ବାଲିଯାତ୍ରା ଇତ୍ୟାଦି ଅନେକ ଆଡମ୍ବର ସାଜସଜ୍ଜା ସହିତ ପାଳନ କରାଯାଏ ଓ ଏହାଦ୍ୱାରା ସ୍ନେହ, ସହାନୁଭୂତି ଏବଂ ଭାତୃଭାବ ବଢିଥାଏ, କର୍ମମୟ ଜଂଜାଳ ଭିତରେ ମନୁଷ୍ୟକୁ ଭକ୍ତି ଭାବନା ମାର୍ଗ ଦିଗକୁ ଆକର୍ଷିତ କରିଥାଏ ଓ ନିଷ୍ଠାର ସହିତ ପୂଜାର୍ଚନା କରିବା, ନିଜର ପରମ୍ପରାକୁ ଉଦ୍ଭୂବିତ କରିବା ସହିତ ନୂତନ ପିଢ଼ିକୁ ସତମାର୍ଗରେ ପରିଚାଳିତ କରିବା ପରି ଅନେକ କିଛି ସୁନ୍ଦର, ଯୁଗୋପଯୋଗୀ ସମାଜର କଲ୍ୟାଣ ନିମିତ୍ତ ପ୍ରାର୍ଥନା କରାଯାଇ ସନ୍ଦେଶ ଦିଆ ଯାଇଥାଏ ଓ ଆଦିମ କାଳରୁ ସନାତନ ଧର୍ମ ପ୍ରଚଳିତ, ସତ କହିବାକୁ ଗଲେ ପୃଥିବୀର ସର୍ବ ପୁରାତନ ଧର୍ମ ଏହି ସନାତନ ଧର୍ମ ଓ ଅନ୍ୟ ଯେତେ ସବୁ ଧର୍ମ ରହିଲା ସେଗୁଡିକର ଉତ୍ପତ୍ତି ମୂଳତଃ ସନାତନ ଧର୍ମରୁ ବୋଲି ବିଶ୍ୱାସ କରାଯାଏ ଓ ସନାତନ ଧର୍ମାବଲମ୍ବୀ ମାନେ ମୂର୍ତ୍ତି ପୂଜାକୁ ପ୍ରାଧାନ୍ୟ ଦେଇଥାନ୍ତି ଓ ନିଜର ଇପ୍ସିତ ଭକ୍ତି ଭାବନାକୁ ବିଭିନ୍ନ ଦେବାଦେବୀଙ୍କ ମୂର୍ତ୍ତି ମାଧ୍ୟମରେ ସେହି ପରମାତ୍ମାଙ୍କ ପାଖକୁ ପ୍ରେରିତ କରିଥାନ୍ତି, ବିଭିନ୍ନ ଦେବ, ଦେବୀଙ୍କ ମୂର୍ତ୍ତି ନିର୍ମାଣ ପରେ ନିଷ୍ଠାର ସହିତ ମୂର୍ତ୍ତିରେ ଉକ୍ତ ଦେବାଦେବୀଙ୍କୁ ଆବାହନ କରି ପ୍ରାଣପ୍ରତିଷ୍ଠା କରାଯାଏ ତତ୍ପରେ ବିଧି ବିଧାନ ସହିତ ପୂଜାର୍ଚନା ସମ୍ପନ୍ନ ହୁଏ , ନିର୍ଧାରିତ ସମୟରେ ବିସର୍ଜନ କରାହୁଏ ତତ୍ପରେ ଦେବାଦେବୀଙ୍କ ମୂର୍ତ୍ତିକୁ ନଦୀ ଜଳରେ ବିସର୍ଜନ କାର୍ଯ୍ୟ ଖୁବ ଧୁମ ଧାମରେ ଅନୁଷ୍ଠିତ ହୋଇଥାଏ ଓ ଭକ୍ତର ଧାର୍ମିକ ଭାବନା, ଅନ୍ତର୍ନିହିତ ଭାବାବେଗ ତଥା ବିସର୍ଜନ ହୋଇଥିବା ପ୍ରତିମାଙ୍କୁ ସସମ୍ମାନେ ଶୋଭାଯାତ୍ରାରେ ଜଳାଶୟ ପର୍ଯ୍ୟନ୍ତ ନିଆ ହୋଇଥାଏ, ଅତୀତ ଏବଂ ବର୍ତ୍ତମାନର ପୂଜାପଦ୍ଧତି କୁ ଯଦି ତର୍ଜମା କରିବା ତେବେ ଲୋକେ କହିବେ 'ଭାଇ ସେକାଳ ପଖାଳ ଆଉ ନାହିଁ ' ନୂଆ ଯୁଗ, ନୂଆ ଦୁନିଆ ଯାହା ଚାହୁଁଛି ତାକୁ ଆପଣାଇବା ଭଲ ନ' ହେଲେ ତୁମେ ଗୋଠ ଖଣ୍ଡିଆ ହୋଇ ରହିଥାଅ, ତୁମକୁ କେହି ପଚାରିବେ ନାହିଁ ଓ ବର୍ତ୍ତମାନ ସୃଷ୍ଟି ଛଡା ନିୟମ ଦେଖିବାକୁ ମିଳୁଛି , ଆମ ପରମ୍ପରାକୁ ସମ୍ମାନ ଦେଉଥିବା କେତେକ ନିର୍ଦ୍ଦିଷ୍ଟ ସଚେତନ ପୂଜା ମଣ୍ଡପକୁ ଛାଡିଦେଲେ ବାକି ସବୁ ଭକ୍ତି ବଦଳରେ ଶକ୍ତି ପ୍ରଦର୍ଶନ କରିବାରେ ଅତ୍ୟଧିକ ଯତ୍ନଶୀଳ , ସେମାନେ ସରକାରୀ ନିୟମ କାନୁନକୁ ଖୁଲମଖୁଲା ଉଲଂଘନ କରିବାର ସାହସ ଯୁଟାଇ ପାରିଛନ୍ତି , ଧର୍ମ ନାମରେ ପ୍ରଶାସନ ମଧ ଚୁପ , ସମସ୍ତଙ୍କର ଭୟ କାଳେ ଜନତାଙ୍କ ନଜରରେ 'ଧର୍ମଦ୍ରୋହୀ' ହୋଇଯିବେ ଓ ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ମାନିବାକୁ ମଧ କେହି ପ୍ରସ୍ତୁତ ନୁହନ୍ତି , ଖାଲି ଧର୍ମକୁ ଆଖିଠାର ମାରି ସବୁ 'ଯଥା ପୂର୍ବଂ ତଥା ପରଂ' ଧାରାରେ ଚାଲିଛି , ପ୍ରଦୂଷଣ ବୋର୍ଡ ଏକ ନିର୍ଜୀବ ସ୍ଥାଣୁ ସଂସ୍ଥା କହିଲେ ଅତ୍ୟୁକ୍ତି ହେବନାହିଁ , କାନଫଟା କର୍କଶ ଶବ୍ଦ , ଡିଜେ ସହିତ ଅଶ୍ଳୀଳ ସଂଗୀତ , ନିଶାସକ୍ତ ଯୁବକ ଯୁବତୀଙ୍କ ପରମ୍ପରା ବିହୀନ ନୃତ୍ୟ ସଂଗୀତ କ'ଣ ଆମ ପରମ୍ପରା ଆମେ ଶିକ୍ଷିତ, ନା ଶିକ୍ଷିତମୂର୍ଖ ମନୋରଞ୍ଜନର ଅର୍ଥକୁ ବିଭିନ୍ନ ଭାବେ ବିଭିନ୍ନ ବ୍ୟକ୍ତି ତର୍ଜମା କରିବାରେ କୌଣସି ଆପତ୍ତି ନାହିଁ, ତେବେ ସଂଖ୍ୟାଲଘୁ ବୟସ୍କ , ରୋଗୀ , ଶିଶୁ ମାନଙ୍କ ପାଇଁ ଏହି ପ୍ରକାର ଶବ୍ଦ ପ୍ରଦୂଷଣ ଅତ୍ୟନ୍ତ କ୍ଷତିକାରକ ଓ ସରକାଙ୍କ ନିର୍ଦ୍ଧାରିତ ୬୫ ଡେସିବିଲ ଧ୍ୱନି ବଦଳରେ କେତେ ଡେସିବିଲ ଧ୍ୱନି ନିର୍ଗତ ହେଉଛି ତାହା କ'ଣ କେହି ଅନୁଭବ କରିପାରୁନାହାନ୍ତି ? ଏହା କ'ଣ ଏକ ଅପରାଧ ନୁହେଁ ? ଯଦି ଆମେ ନିଜେ ସଚେତନ ନ' ହେବା ତେବେ ଆମ ଆଗାମୀ ପିଢିଙ୍କୁ କ'ଣ ଉପଦେଶ ଦେବା ଭାଇ ! ମୂର୍ତ୍ତିର ଉଚ୍ଚତା ବଡ଼ କରି କରି ଚାଲିଲେ କ'ଣ ଆପଣମାନଙ୍କୁ ବେଶୀ ବେଶୀ ଆଶୀର୍ବାଦ ମିଳିବ? ନା ଖାଲି ଲୋକଙ୍କୁ ଭୁଆଁ ବୁଲାଇବାର ଏକ ନିଛକ ପ୍ରୟାସ , ଏଥିରେ ତ' ଅହଙ୍କାରର ଗନ୍ଧ ବାରି ହୋଇ ଯାଉଛି 'ଆମେ ବଡ଼ ...ଆଉ ସବୁ ଛୋଟ' କହିଲେ ଦେଖି, ଯଦି ଭକ୍ତି ଭାବନାକୁ ନେଇ ଚିନ୍ତା କରିବା ତେବେ ୪୫' ଫୁଟ ଗଣେଶ ମୂର୍ତ୍ତିଙ୍କୁ ପୂଜା କରିବା ଏବଂ ଏକ ଫୁଟର ଗଣେଶଙ୍କୁ ପୂଜା କରିବାରେ ପାର୍ଥକ୍ୟ କ'ଣ ? ଏହି ମନୋବୃତି କେବଳ ପ୍ରତିଯୋଗିତା ଛଡା କିଛି ନୁହେଁ, ସର୍ବସାଧାରଣ ଏହାକୁ ବିରୋଧ କରିବା ଉଚିତ, କର୍ମକର୍ତ୍ତାଙ୍କ ଚିନ୍ତାଧାରା ମଧ ପରିବର୍ତ୍ତନ ହେବା ଉଚିତ , ଏବର୍ଷ ୪୫ ଫୁଟ, ଆସନ୍ତା ବର୍ଷ ୫୦ ଫୁଟ ଏହିପରି ଭାବେ ଦିନ ଆସିବ ଭକ୍ତ ଘରେ ଥାଇ ମଧ୍ୟ ଝରକା ବାଟେ ମଣ୍ଡପର ମୂର୍ତ୍ତି ଦେଖି ପାରିବେ ଓ ନୋଏଡାର ଟୁଇନ ଟାୱାରକୁ ଯେମିତ ଲୋକମାନେ ୧୦ କିଲୋମିଟର ଦୂରରୁ ଦେଖି ପାରୁଥିଲେ ଓ ମୁମ୍ବାଇରେ ଗଣେଶ ମୂର୍ତ୍ତିଙ୍କୁ କିଲୋ କିଲୋ ସୁନା ଅଳଙ୍କାରରେ ସଜାଇ ପ୍ରଦର୍ଶିତ କରାଯାଉଛି , ଠାକୁର କେବେବି କହିନାହାନ୍ତି ଯେ, ତୁମେ ମୋ'ର ଆକାର ବଡ଼ ରୁ ବଡ଼ କର, ମୋତେ କୁଇଣ୍ଟାଲ କୁଇଣ୍ଟାଲ ଅଳଙ୍କାରରେ ସଜାଇ ପୂଜାକର , ଏହା କେବଳ ଆମର ଅହଂ ଭାବ ଛଡା ଆଉ କିଛି ନୁହେଁ ଓ ଟିକେ ଭାବନ୍ତୁ ତ , ଏମିତି ସୁନାରେ ସଜାଇବାର ଶେଷ ସୀମା କେଉଁଠି ? ଯେତେବେଳେ ସମ୍ପୂର୍ଣ୍ଣ ଗଣପତି ମୂର୍ତ୍ତି ସୁନାରେ ପରିବର୍ତ୍ତିତ ହୋଇଯିବେ, ତା' ପରେ କଣ ? ହୀରା ? ପ୍ଲାଟିନମ ? ଏବଂ ତା' ପରେ ମହାଶୂନ୍ୟ ...ରାବଣ ଯେପରି ସ୍ୱର୍ଗକୁ ନିଶୁଣି ବାନ୍ଧିଥିଲା ଏବଂ ଶେଷରେ ଅସଫଳ ହୋଇଥିଲା ଓ ଈଶ୍ୱର କାହାରି ଗର୍ବ ଅହଂକାରକୁ ବେଶିଦିନ ତିଷ୍ଠିବାକୁ ଦିଅନ୍ତି ନାହିଁ ଏହା ବହୁପରୀକ୍ଷିତ ଓ ଏଠାରେ ଆମ ମାନସିକତା ବଦଳିବା ଜରୁରୀ ଓ ଭକ୍ତଙ୍କ ଦାନ , ଭକ୍ତଙ୍କ ଠାରୁ ଜୋର ଜବରଦସ୍ତ ଚାନ୍ଦା, ଭକ୍ତଙ୍କୁ କିଛି ମୁଷ୍ଟିମେୟ ବ୍ୟକ୍ତିଙ୍କ ଦୁର୍ବ୍ୟବହାର , ଧର୍ମ ନାମରେ ଅରାଜକତା ତଥା ଭ୍ରଷ୍ଟାଚାର ଆଜି ଆମ ସନାତନ ଧର୍ମକୁ ନିନ୍ଦିତ କରୁଛି ଓ ଖାଲି ଆମ ଧର୍ମ ନୁହେଁ ପୃଥିବୀର ଅନେକ ଧର୍ମର ଅବସ୍ଥା ମଧ ଏକାପରି ଓ ଅନେକ ମନ୍ଦିର , ମଠ, ଗୀର୍ଜା , ମସଜିଦ , ଗୁରୁଦ୍ୱାରା ପରି ଅନେକ ଛୋଟ ବଡ଼ ଧର୍ମର ଟ୍ରଷ୍ଟି ମାନେ ଆଜି ବିପୁଳ ସମ୍ପତ୍ତିର ଅଧିକାରୀ , ଗଚ୍ଛିତ ଥିବା ଅର୍ଥ ସିନ୍ଧୁକ ଭିତରେ ନ' ରଖି ଯଦି ଜନହିତକର କାର୍ଯ୍ୟରେ ନିୟୋଜିତ ହୋଇ ପାରନ୍ତା ତେବେ ଜନସାଧାରଙ୍କ ପାଇଁ ଅନେକ ଶୁଭଙ୍କର ହୁଅନ୍ତା , କଥାରେ ଅଛି ' ମାନବ ସେବା ହିଁ ମାଧବ ସେବା" ଓ ସଚେତନତାର ଅଭାବ ତଥା ଆମ ମାନଙ୍କ ଭିତରେ ଥିବା ଧାର୍ମିକ ଭୟ ଆମ ଗୋଡ଼ରେ ଶିକୁଳି ବାନ୍ଧି ରଖିଛି 'ଆମେ କାହିଁକି କହିବା ? ଆଉ ଚିହ୍ନା ପଡିବା' ଏହି ଭାବନା ଦୁଷ୍ଟ ଚରିତ୍ର ମାନଙ୍କୁ ଧର୍ମ ନାମରେ ଆମକୁ ଶୋଷଣ କରିବାର ଖୋରାକ ଯୋଗାଉଛି ଓ ସନାତନ ଧର୍ମର ମହତ୍ୱ ଏବଂ ତା'ର ପ୍ରଚାର ପ୍ରସାର ପାଇଁ କୌଣସି ମଣ୍ଡପ/ଟ୍ରଷ୍ଟି ତ' ନିଜଆଡୁ ଆଗ୍ରହ ଦେଖାଉ ନାହାନ୍ତି? ତେବେ ଖାଲି ଗୁଡ଼ାଏ ଚାନ୍ଦା ଆଦାୟ କରି ଝଲମଲ ଆଲୋକ, ସାଜସଜ୍ଜା, ଗୁଡ଼ାଏ ସୁନା ରୁପାର ଅଳଙ୍କାର , ମୌଜ ମଜଲିସରେ ବିସର୍ଜନ ସହିତ ମଦ୍ୟପାନ କରିଥିବା କିଛି ଉଦ୍ଭ୍ରାନ୍ତ ବ୍ୟକ୍ତି ବିଶେଷଙ୍କ ଦୃଷ୍ଟିକଟୂ ନୃତ୍ୟ ସହିତ ଅର୍ଧ ଉଲଗ୍ନ ଯୁବତୀଙ୍କ ଅଶ୍ଳୀଳ ସଂଗୀତ / ନୃତ୍ୟକୁ ଆବାଳ ବୃଦ୍ଧବନୀତାଙ୍କ ସମ୍ମୁଖରେ–ପରିବେଷଣ କରିବା କେତେଦୂର ଯଥାର୍ଥ ତାହା ସୁଧିଜନେ ବିଚାର କରନ୍ତୁ ଓ ଦିନକୁ ଦିନ ଆମେ ନିଜ ଧର୍ମକୁ ପରୋକ୍ଷରେ ନିମ୍ନ ସ୍ତରକୁ ନେଇ ଯାଉଛୁ , ଭାଇ ! ଏବେବି–ସମୟ ଅଛି ସନାତନ ଧର୍ମର ପ୍ରଚାର ପ୍ରସାର ଦିଗରେ ଧ୍ୟାନ ଦିଅନ୍ତୁ , ମିଥ୍ୟା ଅଭିଜାତ୍ୟ ଠାରୁ ଦୁରେଇ ରହିବାକୁ ଆପ୍ରଣେ ଚେଷ୍ଟା କରନ୍ତୁ ଓ ଲୋକଙ୍କୁ ସମ୍ମାନ ଦେବା ସହିତ ନିଜର ସଂସ୍କୃତି ଉପରେ ଧ୍ୟାନ ଦେବାର ପ୍ରକୃଷ୍ଟ ସମୟ ଉପନୀତ, ଏଠାରେ ଗର୍ବ, ଅହଂକାରର ସ୍ଥାନ ରହିବଓ ଅନୁଚିତ ଓ ଆମର ଶିକ୍ଷା ଆମର ନୈତିକତା , ଆମର ସଂସ୍କୃତି ,ଆମର ଜୀବନଶୈଳୀ ପୃଥିବୀରେ ଅନ୍ୟ ବିକାଶଶୀଳ ଦେଶ ମାନଙ୍କ ଠାରୁ କମ ନୁହେଁ ଓ ଜଂଜାଳ ମୟ ଜୀବନରେ ଆନନ୍ଦ ଅପରିହାର୍ଯ୍ୟ କିନ୍ତୁ ସବୁ ଗୁଡିକ ସୀମା ମଧରେ ସୀମିତ ହେବା ଉଚିତ, ଶେଷରେ ସବୁ ଧର୍ମକୁ ହୃଦୟରୁ ସମ୍ମାନ ଦେଉଛି ଏବଂ ବିନମ୍ର ଅନୁରୋଧ କରୁଛି କି ଆପଣମାନେ ହୃଦୟରୁ ଚିନ୍ତା କରନ୍ତୁ ଆମେ ଆଜି କେଉଁ ପଥର ପଥିକ ସାଜିଛୁ ଓ ଯଦି କୌଣସି ବ୍ୟକ୍ତି ବିଶେଷ କିମ୍ବା ଧାର୍ମିକ ଅନୁଷ୍ଠାନକୁ ଦୁଃଖ ଦେଲାଭଳି କିଛି ଲେଖି ଥାଏ ତେବେ ମୁଁ ହୃଦୟରୁ ନିଃସର୍ତ୍ତ କ୍ଷମା ପ୍ରାର୍ଥନା କରୁଛି ଓ ସମ୍ମାନସହ।


+ ସ୍ନେହ କୁଟୀର
ଝାଞ୍ଜିରୀ ମଙ୍ଗଳା,
କଟକ ୭୫୩୦୦୯
ମୋ: ୯୯୩୭୧୭୪୦୯୭


## କବିତା କୋଣାର୍କ

### କହଲୋ ଶେଫାଳି

ବେଣୁଧର ସୂତାର

କେଉଁ ଦୂର ତରୁ ବନେ
ଫୁଟି ଅଛୁ ଗୋପନେ
ଭୁରୁ ଭୁରୁ ବାସ ତୋର
ଭାସି ଆସେ ପବନେ
ତୋ ମିଠା ମହକ ଧାରା
ମନ କରେ ଆତ୍ମହରା
ଏଇ ଚାରୁ ଚନ୍ଦ୍ରିକାର
ଜ୍ୟୋତ୍ସ୍ନାମଧୁ ଲଗନେ ।

ଏ ଭବ ଶୟନେ ସିନା
କ୍ଷୀଣ ତୋର ଆୟୁଷ
ବିଧାତା ଦେଇଛି ଭରି
ତୋ ତନୁରେ ପୀୟୂଷ
ତୋ କ୍ଷୀଣ ଆୟୁଷ ନେଇ
ମହକିତ କରୁ ମହୀ
ଯଶ ପାଇଁ ଲୋଡା ନାହିଁ
ବଳ ଅବା ବୟସ ।

ଧୀର ସମୀରଣ ତାଳେ
ହସୁ ତରୁ ଡାଳରେ
ଛୁଇଁ ନପାରଇ ଭୃଙ୍ଗ
ତୋତେ ପ୍ରେମ ଭୋଳରେ
ଲୁଚିଗଲେ ନଭେ ଶଶୀ
ବିରହେ ପଡୁଛୁ ଖସି
ଧୂଳି ଧୂସରିତ ଶେଯେ
ଭୂମି ମାତା କୋଳରେ ।

ରଜନୀରେ ବିକଶି ତୁ
ଝରିଯାଉ ସକାଳେ
ଶିଶିର ମୁକୁତା ସ୍ନେହେ
ତନୁଶ୍ରୀ ତୋ ପଖାଳେ
ନବନୀତ ତନୁ ତୋର
ଅମିୟ ସୁଷମା ସାର
କହ କେଉଁ ଅବସୋସେ
ଝରିପଡୁ ଅକାଳେ ।

ବୁଝି ମୁଁ ପାରଇ ନାହିଁ
ବିଧାତାର ବିଧାନ
ଏ ସୁନ୍ଦର ଧରାତଳେ
ତାର ଚାରୁ ନିଧାନ
କାହାକୁ ସୁନ୍ଦର ଗୁଣ
କାହାପାଇଁ ଅବଗୁଣ
କାହାପାଇଁ କେତେ ଦିନ
ଭବ ମାୟା ବନ୍ଧନ ।

ଧରାରେ ଜନମ ନେଇ
କେହି ନୁହେଁ ଅମର
ଦୁନିଆଟା ସତେକିବା
ଜାଗତିକ ସମର
ମାୟାଭରା ଅଭିନୟ
ନିଜେ ନିଜ ପରିଚୟ
ସଂପର୍କର ସୂକ୍ଷ୍ମ ଡୋର
ମୋହ ମାୟା ଭ୍ରମର ।

କ୍ଷୁଦ୍ର ତୋର ତନୁ ସିନା
ବିରାଟ ତୁ ଅବଶ୍ୟ
ରୂପ ମହକରେ ମୋହୁ
କୋଟିଜନ ମାନସ
ସୁନ୍ଦର ତୃପ୍ତିର ଛଳେ
ବିଶ୍ୱ ଜିଣୁ ଅବହେଳେ
ଅଳିକ ଜୀବନେ ବାଣ୍ଟୁ
ସୁଧାମୟ ଆଦର୍ଶ ।

କହଲୋ ଶେଫାଳି କହ
କେଉଁ ପୁଣ୍ୟ ଫଳରେ
ତ୍ରିଗୁଣେ ତୁ ବିକଶିଲୁ
ଭବ ତରୁ ଡାଳରେ
ସ୍ୱର୍ଗୀୟ ସୁମନ ତୁହି
ତ୍ରିପୁର ପାରୁଛୁ ମୋହି
ମହକାଉ ମର୍ତ୍ତ୍ୟଭୂମି
ତୋ ଆଦର୍ଶ ବଳରେ ।


♥କେଶଦୁରାପାଳ
କେନ୍ଦୁଝର
ମୋ: ୯୧୭୮୫୬୮୨୪୬


### ଆମରି ଗାଆଁର ମାଧିଆ

ରମେଶ ଚନ୍ଦ୍ର ନାୟକ

ଆମରି ଗାଆଁର ମାଧିଆ
ଚାଟଶାଳୀ ବାଟ ମାଡିଛି କି ନାହିଁ
କଥା କହେ ସତେ ପାଠୁଆ ।

ଚେହେରା ତାହାର ବଢିଆ
ପ୍ୟାଣ୍ଟ କୋଟ୍ ଟାଏ ପିନ୍ଧି ଦେଖାଯାଏ
ଇଂରେଜ ସାହେବ ଭଳିଆ ।

ନାଳରୁ ଧରଇ ବାଳିଆ
ମାଛ ଧରିବାରେ ଏକ ନମ୍ବର ସେ
ଦେହତା' ହୁଏନି ଗୋଳିଆ ।

ବରଗଛ ମୂଳେ ଚାଳିଆ
ମଟର ଗ୍ୟାରେଜ ଦୋକାନ ଖୋଲିଛି
ବଡ଼ ମେକାନିକ୍ ଭଳିଆ ।

କାମରେ କୁଶଳୀ ବିରୁଆ
ଯେଉଁ କାମେ ସିଏ ହାତ ଦେଇଥାଏ
କରି ଥୋଇଥାଏ ଆଗୁଆ ।

ଗ୍ୟାରେଜେ ଖଟନ୍ତି ମୂଲିଆ
ଯା'ର ପ୍ରାପ୍ୟ ଯାହା ଦେଇଥାଏ ତାହା
ଗ୍ୟାରେଜ ମାଲିକ ମାଧିଆ ।

କାମେ ହୁଏ ଯଦି ହାଲିଆ
ଦେହପୀଡା ପାଇଁ ନାଲି ପାଣି ପିଏ
ସାଥିରେ ଚିକେନ ଫଡିଆ ।

ଯାତରା ପୂଜାରେ ମୁଖିଆ
ନାନା ଚରିତ୍ରରେ ଅଭିନୟ କରେ
ସତେକି ପୋଖତ ନାଟୁଆ ।

ବିପଦେ ଆପଦେ ମାଧିଆ
ସୁଖ ଦୁଃଖ ସ୍ଥାନେ ଅଥବା ଶ୍ମଶାନେ
ଥାଏ ଉପସ୍ଥିତ ଆଗୁଆ ।

ଚରିତ୍ର ନୁହେଁତା' ମଳିଆ
ସେହିଭଳି ପୁଅ ମିଳୁ ସମସ୍ତଙ୍କୁ
ପ୍ରାର୍ଥନା ପୟରେ କାଳିଆ ।


♥କେଶରପୁର ,
ବକ୍ସି ବଜାର , କଟକ
ମୋ : ୭୯୭୮୧୫୧୭୧୦


### ନିଜକୁ ଚିହ୍ନିବାର ସମୟ

ସୁଦର୍ଶନ ମହାପାତ୍ର

ଶବ୍ଦ ଭିତରେ ହସୁଥିବ ସମୟ
ଆଉ ତା ଭିତରେ ଲୁଚିଥିବ
ଚିନ୍ମୟ ଚେତନାରେ ଉଙ୍କି ମାରୁଥିବା
ନିର୍ଲିପ୍ତ ଜୀବନ
ସେଇଠି ଖୁସି ଖୋଜି ବସିବାଟା
ନୁହେଁ କି ସ୍ୱୀୟ ସ୍ୱାଭିମାନ !
ଜୀବିକା ପାଇଁ
ନିଜକୁ ସମର୍ପଣ ମୁଦ୍ରାରେ
ସଂସ୍ଥାପିତ କରିବା ପରେ
ଗ୍ରହ, ନକ୍ଷତ୍ର, ଭାଗ୍ୟ,ଭବିତବ୍ୟଙ୍କୁ
ନିନ୍ଦା କି ପ୍ରଶଂସା କରିବା
ପୌରୁଷର ରେଖାଚିତ୍ର ହୋଇ ନପାରେ
ବରଂ, ଆକସ୍ମିକ ସୁନାମି କୁ ଖାତିର ନକରି
ଯିଏ ସମୁଦ୍ରକୁ ଚିହ୍ନିବାକୁ ସମର୍ଥ ହୋଇଛି
ହୃଦୟ ଡାଏରୀରେ
ସନ୍ତର୍ପଣରେ ଲେଖାଥିବା
ଅତୀତ ଜୀବନର ଆତ୍ମସ୍ଥ ସତ୍ୟକୁ
ଆବଶ୍ୟକତା ନଥାଏ ପ୍ରକାଶିବାରେ !!
ଯେଉଁ ସାହସରେ
ମୋ ଚଲାପଥକୁ ଅନୁଭବ କରୁଛି
ସେ କଥା ସବୁ ମୋ ଭିତରେ ଥିବା
ସ୍ଫୁରୁନଥିବା ଶବ୍ଦଗୁଡିକର
ଅନ୍ତଃସ୍ଥ ଉଚ୍ଚାରଣ
ମୋ ଗୁମରର ଅସଲ ଛବି
ଦାଣ୍ଡ କୁ ଦୃଶ୍ୟ ହୋଇସାରିଛି
ତଥାପି, ଧୂଳି ମାଟିର ଦୁନିଆରେ
ସମୟର ଇତିହାସରେ
ବିଶ୍ୱାସର ବସାଘର ତୋଳିଛି
ପ୍ରତିଟି ପ୍ରତ୍ୟୟକୁ ସୁଖର ସଂଜ୍ଞା ଦେଇ
ମୁଁ ନିଜକୁ ଚିହ୍ନିଛି...!!!


♥କୁଞ୍ଜବିହାରୀ ଲେନ, କଟକ
ମୋ: ୯୪୩୮୧୭୫୫୪୨


### ଏସର୍ବ ନୁହଇ ସତ୍ୟ

ଯୋଗୀ କୃପାସିନ୍ଧୁ ମୁନି

ବିଚିତ୍ର ଏ ଜଗତର ପଥ
ସବୁତ ଅସତ୍ୟ।
ନିଜର ବୋଲି ତୁ ଯାହାକୁ ଭାବୁଛ
ସେ ତୋର କେହି ନୁହେଁତ।
ଦେଖୁଛୁ ଯାହାକୁ ନୟନେ ନିତ୍ୟ
ଯାହାତୁ ଶୁଣୁଛୁ କର୍ଣ୍ଣର ପଥ
ଅନିତ୍ୟ ସଂସାର ନୁହଇ କେକାର
ଏ ସର୍ବ ନୁହଇ ସତ୍ୟ।
କାହୁଁ ଆସିଥିଲୁ ଯିବୁତୁ କେଣେ
ନ ରହିବେ କେହି ବୋଲିତ ଜଣେ
ନିଜେ କିଏ ବୋଲି ନଜାଣିଲୁ ତୁହି
ଏ ଜନ୍ମ ହୋଇଲା ବ୍ୟର୍ଥ।
ବେଳଥାଉଁ ସଦ୍‌ଗୁରୁ ଆଶ୍ରିତ
ହୃଦେ ହାତଦେଇ କର ସପତ
ନିଜେ କିଏ ବୋଲି ଜାଣିନେବୁ ତୁହି
ସତ୍ୟରେ ବନ୍ଧା ହୋଇତ।
ନିଜର ସାଧନା ନିଜେତୁ ସାଧି
ସତ୍ୟ ତୋ ଜୀବନ ରଖିଣ ବଜୀ
ଯମ ନିୟମ କରି ସାଧୁ ସଙ୍ଗମ
ହୋଇଯିବୁ ତୁ ସ୍ୱତନ୍ତ୍ର।
ଆପକୁ ଆପେ ତୁ ସାଧିବୁ ନିତି
ମନ ସଙ୍ଗେ ପ୍ରାଣ ଦେଇ ଅହୁତି
ରୁଦ୍ଧି ନବଦ୍ୱାର ତ୍ରୀକୂଟ ମଧ୍ୟର
ଦଶଦ୍ୱାର ଉନ୍ମୋଚିତ।
ନିଷ୍ଠଳେ ଆନନ୍ଦ କନ୍ଦରେ ବସି
ନିଜ ସ୍ୱରୂପକୁ ନିତ୍ୟ ମନାସି
ହୋଇ କୃପାସିନ୍ଧୁ ଅନୁଭବେ ଧନ୍ୟ
ଅଭେ ଚିର ଅମରତ୍ୱ।


♥ଜୁଣବଳଦା, ଗୋଡ଼ିଖାଳ ଆଶ୍ରମ

# କବିତାମାଳା

## ପ୍ରେମ ଏକ ଶବ୍ଦହୀନ ଶବ୍ଦ

### ଅଧ୍ୟାପକ ଶରତ କୁମାର ଦାସ



ପ୍ରେମ ଏକ ଶବ୍ଦହୀନ ରୁଣୁଝୁଣୁ ଶବ୍ଦ
ଭାଷାହୀନ ସୁମଂଜୁଳ ଚୁପିଚୁପି ଭାଷା
ମଧୁର ଅନୁଭବର ଶେଷହୀନ ଅଭିବ୍ୟକ୍ତି
ସ୍ୱାର୍ଥ ଓ ପ୍ରତ୍ୟାଶାରହିତ ସର୍ତ୍ତହୀନ ସମର୍ପଣ
ଏକ ପ୍ରୀତିପୂର୍ଣ୍ଣ ମଧୁ ନିବେଦନ,
ହୃଦୟର ସିକ୍ତ ଶୀତଳ ଶାଶ୍ୱତ କମ୍ପନ।

ପ୍ରେମ ଏକ ଚିରନ୍ତନ ଦିବ୍ୟ ଅନୁଭୂତି
ନୈସର୍ଗିକ ମିଳନ ଦୁଇଟି ଆତ୍ମାର
ଈଶ୍ୱରଙ୍କ ଶ୍ରେଷ୍ଠ ଅବଦାନ
ସବୁ ଧର୍ମ, ଦର୍ଶନ ଓ ସଂସ୍କୃତିର
ମୌଳିକ ଆଧାର ଓ ସର୍ବୋଚ୍ଚ ଉପଲବ୍ଧି ।

ପ୍ରେମ ଏକ ଅସମାପ୍ତ ଅନୁରାଗ
ସ୍ୱାର୍ଥହୀନ ଓ କାମନାହୀନ ଅନୁରକ୍ତି
ପୂର୍ଣ୍ଣତାରେ ଭରିଦିଏ ଜୀବନ ପାତ୍ରକୁ
ଛାଇପରି ଘୂରୁଥାଏ ଚୌହଦି ।

ପ୍ରେମ ଏକ ଆକର୍ଷଣ, ମଧୁର ଯନ୍ତ୍ରଣା
ଉଡିପାରେ ଫଡ ଫଡ ଡେଣା ମେଲି
ଶୂନ୍ୟ ଆକାଶରେ ପକ୍ଷୀଟିଏ ହୋଇ,
ସ୍ମୃତି ଓ ବିସ୍ମୃତିର ଅନ୍ତରାଳେ ନୀଡ ତୋଳେ
ଅତିକ୍ରମ କରିପାରେ ପ୍ରତୀକ୍ଷାର ଦୀର୍ଘ ପଥ
ଆନନ୍ଦ ଓ ବିଷାଦର ଶେଷ ପାହାଚରେ
ଛୁଇଁ ପାରେ ମଧ୍ୟାହ୍ନର ଡହ ଡହ ସୂର୍ଯ୍ୟ ।

ପ୍ରେମ ହୁଏ କାଳଜୟୀ
ଯେଉଁଠି ପରାଜୟରେ ବି ଥାଏ
ବିଜୟର ଉଲ୍ଲାସ
ବିଷପୂର୍ଣ୍ଣ ପିଆଲାରେ ଭରିଥାଏ ଅମୃତର ସୁସ୍ୱାଦ
ଆଉ 'ମୁଁ' ଓ 'ତୁ' ପରିବର୍ତ୍ତେ
ଥାଏ 'ଆମେ'ର ସ୍ୱର୍ଗୀୟ ଅନୁଭବ ।

♥ ରାଜନୀତି ବିଜ୍ଞାନ ବିଭାଗ
ବଡବିଲ ମହାବିଦ୍ୟାଳୟ, ବଡବିଲ
ଜିଲ୍ଲା-କେନ୍ଦୁଝର
ମୋ-୮୧୪୯୧୩୭୦୯୧

## ଏବଂ ଏଇଠି

### ଆନନ୍ଦ କୁମାର ମାଇତି



ଫୁଲଟି ଫୁଟିବା ଆଗରୁ ମଉଳି ଗଲା।

ଏକଥା ହୁଏତ ଗଛଟି ଆଗରୁ ଜାଣିଥିଲା।
ଜାଣିଥିଲା ବୋଲି ତ ଏତେବଡ଼ ଘଟଣା
ଘଟିଗଲା
ତେଣୁ ଘଟଣା ବେଳେ ଗଛ ବାହୁନିଲା ଆଉ
ନିଜେ ଗୋଟେ ଘଟଣା ଘଟାଇଲା।
ଏକଥା ବି ଜାଣିଥିଲା
ତା ଗଛ ଫୁଲରେ ପୂଜା ପାଉଥିଲେ
ପୃଥିବୀ ର ଦୈତ୍ୟ ମାନେ ଆଉ
ଦେବତା ମାନେ ଫୁଲ କୁ ଚୁମ୍ବନ କରୁଥିଲେ
ଅନାଘ୍ରାତ।

କିନ୍ତୁ ଏଥିରେ ଗଛର କି ଅଭିଜ୍ଞତା ?
ସେ କି କେବେ ନାଲିସ୍ କରିଥିବ
ଅବଷୋଶ ମେଣ୍ଟେଇବାକୁ ଆସୁଥିବା
ଆଉ ଶୋଷ ମେଣ୍ଟିଗଲେ
ଘଡ଼ିକୁ ରହି ଫେରୁଥିବା ଭଦ୍ର ଭ୍ରମର ମାନଙ୍କ
ସହିତ।

ଏସବୁ ଘଟଣା ଗଣମାଧ୍ୟମ ଘଟଣା
ଘଟଣା ଘଟିଲେ ତାଙ୍କ କେମେରା ଆଖିରେ
ସମ୍ବାଦର ଭିଡ଼ ଛୁଟିଯାଏ।

ସେମାନେ କେବଳ ଖୋଜନ୍ତି
ଫୁଲଟି ଦେହରୁ କେତେ କରି ଉତାରି ପାରିଛି
ଭ୍ରମର ଦଳ !
କେତେ ପରିମାଣ ରକ୍ତ ନିଗାଡ଼ିଛି ଯାଇଛି
ସର୍ବାଙ୍ଗରୁ
ଆଉ ମଧୁ ନିଷ୍କାସନ ବେଳେ
ଫୁଲ କାହିଁକି ଅନେଇ ଦେଖୁଥିଲା ଆକାଶ !

ଫୁଲ ଆଉ ମାଳି ଭିତରେ କେତେ ଦୂରତ୍ୱ ଯେ
ଅଜରା ମାଳିଟା
କାଳ କାଳକୁ ଗବଗଣ୍ଡ
ଗଧ ଖଟଣି ଖଟି ବିଶ୍ୱାସର ପାଣି ଢାଳେ ନିଇତି
ନିଜ ପାଇଁ କେତେ ସଞ୍ଚେ
କୁଟୁମ୍ବ କୁ ସମୁଦ୍ର ସଂଖେ
ଏଇଟି ତା ଅଜରା ପଣର ମହାନତା।

ସେଇଥି ପାଇଁ ଫୁଲର ଦୁଃଖରେ ଦୁଃଖୀ ହୋଇ
ନିଜକୁ ଟାଙ୍ଗୀ ଦିଏ
ଫାଶରେ ମୁଣ୍ଡ ଗଳେଇ
ତା ପାଳିଲା ଗଛ ଡାଳରେ।

♥ ଏରସମା, ଜଗତସିଂହପୁର
ମୋ ୯୪୩୯୦୭୭୩୯୫

## ଆଲୋକ ଲିଭାଅ

### କବି ବିପ୍ଳବ

ମୋତେ ଏବେ
ବୃନ୍ତଚ୍ୟୁତ କରିବାର ଅଛି
ଦୁଃଖର କଢ଼ ସବୁ
ରଜନୀଗନ୍ଧା ଖୋସିବାର ଅଛି
ତା ସୁଉଚ୍ଚ ଗଭାରେ
ଆଲୁରୁ ବାଲୁରୁ କରିବାର ଅଛି
ସେଇ ସବୁ ସଜ୍ଜିତ ବିଛଣା
ଖୋଜିବାର ଅଛି ନିରୁଦ୍ଦିଷ୍ଟ କଳାକାଇ।
ହଜେଇବାର ଅଛି ପାଦର ପାଉଁଜି
ଭିଜେଇବାର ଅଛି ଭାଦ୍ରବ ପରି
ସଜେଇବାର ଅଛି
ଫୁଲଦାନୀ ପରି ସ୍ୱପ୍ନ ସବୁ
ଜୀବନ ଥାକରେ
ପ୍ରେମର ଦାଗ ସବୁ ଆଙ୍କିବାର ଅଛି
ବିଷୁବ ବୃତ୍ତଠୁଁ
ନାତିଶୀତୋଷ୍ଣ ଅଞ୍ଚଳ ଯାଏଁ ।
କେ ଅଛରେ
ଆଲୋକ ଲିଭାଅ ବାରେ
ଅନ୍ଧାର ଭିତରେ ମୋତେ
ଭ୍ରମିବାର ଅଛି ଚଉଦ ବ୍ରହ୍ମାଣ୍ଡ
ହଜିବାର ଅଛି ନିଜଠୁଁ ନିଜକୁ।

♥ ମକୁନ୍ଦପୁର, ବାଙ୍କୀ
ମୋ: ୯୪୩୭୪୬୮୦୧୬

## ମାୟାର ସହର

### ପ୍ର. ଗିରିଜା ଶଂକର ଶର୍ମା



ସେଠାରୁ ମୁଁ ଫେରି ଆସିଲି
ପାପୁଲିରେ ଧରିଥିବା ସୁନ୍ଦର ମୁହୂର୍ତ୍ତମାନଙ୍କୁ
ଫିଙ୍ଗିଦେଇ ବହଳ ଅଂଧାର ଭିତରେ ।
ମୁଁ ଫେରି ଆସିଲି ଖାଲି ହାତରେ ।
ସେଠୁ ଫେରିବା ଯଦିଓ ସହଜ ନଥିଲା
ତଥାପି ବାହାନାର ଘୋଡ଼ାରେ ସବାର ହୋଇ
ମୁଁ ପାର ହୋଇଥିଲି ସେ ଇଲାକା ।

ସେ ସହର ମାୟାର ସହର ।
ମିଥ୍ୟା, ମାୟା ଓ ପ୍ରବଂଚନାର କାୟା
ବ୍ୟାପି ଯାଇଛି ସବୁଆଡ଼େ ।
ସବୁଆଡ଼େ ନିରୀହର ହାହାକାର ।
ଆର୍ତ୍ତପକ୍ଷୀର କରୁଣ ଚିତ୍କାର ।
ସେଠାରୁ ଫେରିବା କେବେ ବି ସହଜ ନୁହେଁ ।
ତଥାପି ମୁଁ ଫେରିଛି ସେଠାରୁ ।


ଏବେ ଶାନ୍ତିର ସାମ୍ରାଜ୍ୟରେ ମୋର ପାଦ
ପଛକୁ ଅନେଇ ଦେଖିଲେ
କଦାକାର ଇତିହାସର
କୁତ୍ସିତ ମୁହଁ ଦିଶେ ।
ସେଠାକୁ ଫେରିବାକୁ ମୁଁ ଚାହେଁନା
ମୋ ସାମ୍ନାରେ ସବୁଜ ଘାସର ସୁନ୍ଦର ଗାଲିଚା ।
ପାଖରେ ରମଣୀୟ ପୁଷ୍ପର ଉଦ୍ୟାନ ।
ପକ୍ଷୀଙ୍କର ସୁମଧୁର ଗାନ ।

ଜୀବନର ଆବୁଡ଼ା ଖାବୁଡ଼ା ରାସ୍ତାରେ
ବାଟ ଚାଲୁଚାଲୁ, କିଏ କେବେ ଖସିଯାଏ ତଳକୁ
ସମୁଦ୍ରର ଚୋରାବାଲିରେ ଯେମିତି
ଲୀନ ହୋଇଯାଏ ପଥଚାରୀଟିଏ ।
ଅବା ଯେମିତି କୃଷ୍ଣଗର୍ତ୍ତ
ଶୋଷିନିଏ ନିଏ ନଉଚାରୀଙ୍କୁ
ଆଉ ତାଙ୍କର ପତ୍ତାଇ ନଥାଏ
ସେମିତି ଏ ମାୟାର ସହରରେ
ଯିଏ ଥରେ ପଡ଼ିଯାଏ
ତାର ମୁକୁଳିବା ମୁସ୍କିଲ ହୁଏ ।

ସମୟ ଭଲଥିଲେ, ଅସଂଭବ ସଂଭବ ହୁଏ
ମୁକ୍ତିର ରାସ୍ତା ମିଳିଯାଏ ।
ଅସ୍ଥିର ପକ୍ଷୀ ବାହାରି ଆସେ ପିଂଜରା ଭିତରୁ ।
ଏବେ ସମଗ୍ର ଆକାଶ ଥାଏ
ତା' ନିଜ ଆୟତ୍ତରେ ।
ସେ ଉଡ଼ିବୁଲେ ସାରା ଆକାଶ
ମୁକ୍ତିର ଆନନ୍ଦରେ
ତା ନିଜ ଇଚ୍ଛାରେ ।

♥ ସୋନାପାଲି, ଧନକଉଡ଼ା
ସଂବଲପୁର-୭୬୮୦୦୬
ମୋ: ୯୪୩୭୦୮୮୬୦୨

## ସମାପ୍ତି ପରେ



ମୂଳ ହିନ୍ଦୀ - ଅଶୋକ ବାଜପେୟୀ



ଅନୁସୃଜନ -ସୌମ୍ୟ ରଞ୍ଜନ ଭୂୟାଁ

ସମାପ୍ତି ପରେ
ମୁଁ ଚୁପଚାପ ବସିବିନି ।

ପୁଣି ଝଗଡା କରିବି,
ପୁଣି ଖୋଜିବି, ପୁଣି ସୀମା ଲଙ୍ଘିବି ।

ସ୍ଥଳ, ଜଳ, ଅଗ୍ନି
ଆକାଶ ଓ ସମୀରକୁ
ପୁଣି କହିବି, ଚାଲ
ମୋତେ ରୂପ ଦିଅ,
ମୋତେ ଆକାର ଦିଅ ।
ତାହା ଯାହା ଆଗରୁଥିଲା
ତାହା, ଯାହା ସଂପର୍କରେ
'ସମାପ୍ତି'ର ଭ୍ରମ ରହିଛି ଯେ
ସେ ସବୁଦିନ ପାଇଁ ଲୋପ କରିଦେଇଛି ।

ସମାପ୍ତି ପରେ
ମୁଁ ଶେଷ ହେବି ନାହିଁ ।
ଏଇଠି ଜୀବନର ପାଖାପାଖି
ଚକ୍କର କାଟୁଥିବୀ ।
ଆଉ ଏଇଠି ମହକିବି ବାସ୍ନା ହୋଇ,
ବହିବି ମଳୟ ହୋଇ
ବ୍ୟାପିଯିବି ସ୍ମୃତି ହୋଇ ।

ଅନ୍ତତଃ
ମୁଁ ସମାପ୍ତିକୁ ଅଣଦେଖା କରି
ପୁଣି ଥରେ ଏଠାକୁ ଆସିବି,
ସମାପ୍ତି ପରେ
ମୁଁ ଚୁପଚାପ ବସି ଯିବିନି ।

♥ ପୂରଣ, ମହଣ, ରାମେଶ୍ୱର,
କଟକ- ୭୫୪୨୦୧

## ନିଷ୍ଫଳ ପ୍ରେମ

### ଦୀପକ କୁମାର ମିଶ୍ର



ପହିଲି ଦରଶନେ ଯେ ତୁମେ କିଣିଲ ମନ
ଭାବିଲି ତୁମେ ଗୋ ମୋର ଜୀବନ ଧନ
ଦେଖାହେଲା ଯେ ଅକସ୍ମାତ୍ ସମୟତୀରେ
ତୁମେ ବି ହେଇଥିଲା ବିଭୋର ପ୍ରାୟ ।

ହିଆ ମୋ ଫୁଟିଥିଲା ମଗ୍ନେ ହୋଇ ଅଧୀର
ତୁମେ ବି ଚାହିଁଥିଲ ହୋଇ ଆର୍ତ୍ତେ ଆତୁର
ହେଉଥିଲା ଗୋ ବୃଷ୍ଟି ପୁଷ୍ପ ପାଦରୁ ତୁମ
ତୁମ ଗ୍ରୀବା ସୁନ୍ଦର ଥିଲା ହାୟ ହରିଣୀ ସମ ।

ସମୟ ବଢିଗଲା ସ୍ରୋତେ ଘଟଣା କ୍ରମେ
ତୁମକୁ ଦେଇଥିଲି ଗୋ ମନ ବିକଳ ଭ୍ରମେ
ଭାଷିବାକୁ ନଥିଲା ମନେ ସାହାସ ମୋର
ଭେଟିବାକୁ ତୁମ ସମ୍ମୁଖେ ପ୍ରଣୟ ଅର୍ଘ୍ୟ ।

ଲେଖିଥିଲ ପ୍ରୀତି ପତ୍ରଟେ ତୁମ ଅଭିପ୍ରାୟେ
ଦେଇଥିଲି ତାକୁ ମୋ ପ୍ରିୟ ବାହକ ହାତେ
ପାଇ ନଥିଲି ତୁରନ୍ତ କିଛି ବି ପ୍ରତି ପତର
ଘାଣ୍ଟିହେଇ ଯାଇଥିଲା ହୋଇ ମନ ଅଧୀର ।

ତଥାପି ହାରି ନଥିଲି ଦମ୍ଭ ହୃଦୟେ ମୋର
ଭାବିଥିଲି ବୋଧେ ଏହା ପରୀକ୍ଷା ପ୍ରେମର
କିଛି ଦିନ ପରେ ତୁମ ବାଙ୍କେ ଚାହିଁଲ ମତେ
ମୁଁ ଭାବିଲି ନିଶ୍ଚିତ ଏହା ତୁମ ସଙ୍କେତ ସତେ ।

ତୁମ ମଉନ ସହମତି ଲଭି ଗଲି ଏକ ପାଦ
ତୁମେ କିନ୍ତୁ ଟାଣିନେଲ ମୋର ସମଗ୍ର ହୃଦ
ଏହିପରି ରାସଲୀଳା ଚାଲିଲା ବହୁ ଦିନ
ନଈକୂଳ, ଝାଉଁବଣ, ପ୍ରାନ୍ତ, ବିଜନ ସ୍ଥାନ ।

ଦେଖିଲେ ଧୀରେ ଧୀରେ କେତେ ସପନ
ବୁଡି ଯାଇଥିଲେ ଦୁହେଁ ହୋଇ ପ୍ରୀତି ମଗନ
ସମୟ ବହିଗଲା କେତେ କଢ଼ ଲେଉଟାଇ
ଦୁରେଇ ଗଲେ ପରସ୍ପରେ ଦୋଷ ଦେଇ ।

ତଥାପି ନିରୋଳା ଦୁଃଖି ମୁହୂର୍ତ୍ତ ଆସିଲେ
ଭାବେ କି ସତେ ଅଭିଶାପ ତୁମରି ଫଳେ
ନିଷ୍ଫଳ ପ୍ରେମ ତ ଅଟେ ଏକ ପ୍ରେମ ସ୍ୱରୂପ
କ୍ଷମା ପ୍ରାର୍ଥନ କରି ହାରେ ପାପର ତାପ ।

♥ ଭୁବନେଶ୍ୱର
ମୋ: ୮୨୮୦୨୧୧୦୦୦

## ଅଟକିଥିବା ସମୟ

### ସଞ୍ଜିତା ପ୍ରଧାନ

ସେଦିନ ଅନିବ୍ୟସ୍ତ ବିଛଣାରେ
ତୁମେ ଅପଲକ ନୟନରେ
ମତେ ଦେଖୁଥିଲ,
ମୁଁ ପରିତୃପ୍ତିର ହସଟେ ଓଠରେ ଆଙ୍କି
ସଲ୍ଲଜ ଆଖିରେ ଅସମାପ୍ତ ପ୍ରେମର
ଉପସଂହାର ଲେଖିଥିଲି ।

ତୁମେ ହିଁ କହିଥିଲ
ପ୍ରେମର ସଂଜ୍ଞା କ'ଣ ?
'ମୁଁ' ଏବଂ 'ତୁମେ'ର ମାନେ କ'ଣ ?
ମୋ ଓଠରୁ କେବେ ବାହାରି ନ ଥିଲା
ତୁମ ପାଇଁ କୁହୁକ ଶବ୍ଦସବୁ,
ତୁମେ ଅଜାଣତରେ ପଢ଼ିନେଇଥିଲ
ହୃଦୟର ପରିଭାଷାକୁ,
ଏକାନ୍ତରେ କଟେଇଥିବା ସମୟ ଖୁବ୍ ଖାସ୍ ଥିଲା,
ନ ଥିଲା କିଛି ଅଭିଯୋଗ,
ନା କିଛି ମାଗିଥିଲ
ନା ଜିଦ କରିଥିଲ
କେବଳ ଯାଚିଥିଲ ଅସରନ୍ତି ପ୍ରେମର ଫୁଆର ।

ସବୁ ସେବେର କଥା
ଏବେ ତ ଜୀବନ ଖାଁ ଖାଁ ଲାଗୁଛି,
ସେ ଦଳକାଏ ସୁରଭିତ ମଳୟ
କେବେଠୁ ଇତିହାସ ହେଲାଣି,
ତନ୍ଦ୍ରା କଟିଯିବା ପରେ
ଆନତ ଦୃଷ୍ଟି ପଢିବାକୁ କେହି ନାହିଁ,
ବାସ୍ତବତାରେ ତୁମର ରାଜତ୍ୱ ନାହିଁ,
ଏକ ଅର୍ଥହୀନ ଷଡଯନ୍ତ୍ରର ଶିକାର
'ତୁମେ' ଏବଂ 'ମୁଁ'ର ପ୍ରେମ କାହାଣୀ ।
ଇଚ୍ଛା ବି ହୁଏନି
ଏବେ ତୁମ ଗଳି ଦେଇ ଯିବାକୁ,
କେବେ ଦିନେ ଅନେକ ବାହାନା ଖୋଜୁଥିଲି
ସେଇ ଗଳିର ବାସ୍ନାରେ ମହକିବାକୁ,
ଏବେ ଚା' ପିଇବା ବି ପସନ୍ଦ ନୁହେଁ ମୋର
ଯେଣୁ ଚା' ପ୍ରିୟ ତୁମର ।

ହେଲେବି......
ହେଲେବି ତୁମର ସ୍ମୃତିକୁ ଅପ୍ରେମରେ
ଏପର୍ଯ୍ୟନ୍ତ ସଜେଇ ପାରିନି,
ସମୟ ବାଟ ଭାଙ୍ଗି ଆଗକୁ ବଢିନି,
ଅନ୍ୟ କେହି ତୁମ ସ୍ଥାନରେ ଅଧିଷ୍ଠିତ ହୋଇନି,
ସମୟ ଅଟକି ଯାଇଛି
ମୋ କାହାଣୀ ତୁମ ବିନା
ପୂର୍ଣ୍ଣଛେଦ ଟାଣୁନି ।

♥ ମୋ: ୭୦୭୭୦୯୬୨୭୭

## ଅୟସ ରାଜ ନନ୍ଦିନୀ ମନ କଲେ ବୁଝାମଣା

### ତାରାପ୍ରସାଦ ଜେନା



ଅୟସ ରାଜ ନନ୍ଦିନୀ ମନ କଲେ ବୁଝାମଣା
ଭୁଲିଯିବ ବାଟ ଘାଟ ଯେତେ ସବୁ ଦୁର୍ଘଟଣା
ତୁ ଥାଟ ସାଜି ଆସିଥିଲୁ ଏତେ ମନୋହର
ମୁଁ ରହିଗଲି ତୋର ପଛେ ଆଜି ସାତ ପର
...ଅୟସ ରାଜ ନନ୍ଦିନୀ..... !

ମୁଁ ଯେବେ ଦେଖିଲି ପ୍ରୀତିର ସୁହାସ ଖାଲି
ତୁ ମାରିଦେଲୁ ସରାଗ
ବୁଝିବା ଲୋକ ତ ଅବୁଝା ରହିଲେ ବେଶି
ମୁଁ ହେଲି କାଳେ ବିରାଗ
ମୁଁ ଯଉବନ ରାଜାପୁଅ ବନ୍ଦୀ ଜଉଘର
ତୁ ବାହାନାର ନିଆଁ ଜାଳି କଲୁ ନାରଖାର
...ଅୟସ ରାଜ ନନ୍ଦିନୀ..... !

ଜୀବନେ ସାମନା ତତେ ମୁଁ କରିଛି ସିନା
ତୁ ପାଲଟିଲୁ ବିଷମ
ମମତା ମୌସୁମୀ ଦେଲୁନାହିଁ ଆହା ମତେ
ମୁଁ ଜଳିଗଲି ଗ୍ରୀଷମ
ମୁଁ ସମ୍ପର୍କର ଜାତକରେ ଦଶା ନୁହେଁ ଖେଳଘର
ମୁଁ ବୟସର କୁଞ୍ଜବନେ ବଇଁଶୀର ମିଠା ସ୍ୱର
....ଅୟସ ରାଜ ନନ୍ଦିନୀ..... !

♥ ରାଜ ରଣପୁର,
ଜିଲ୍ଲା-ନୟାଗଡ଼-୭୫୨୦୨୬,
ମୋ: ୯୩୪୮୦୫୪୩୦୦

## ମୁଁ ଗାଁଆରୁ କହୁଛି

### ସୁବ୍ରତ କୁମାର ଜେନା



ସାଙ୍ଗ ପଚାରିଥିଲୁନା କେମିତି ଅଛି ବୋଲି ?
ଦୁଃଖ ଲାଗୁଚି ଗାଁ ବିଷୟରେ କହିବାକୁ,
ଆଜି କାଲି ସମସ୍ତେ ସ୍ୱାର୍ଥୀ,
ଗାଁର ପବନରେ ବି ସହର ପରି ଅବିଶ୍ୱାସର ଗନ୍ଧ,
ଯେମିତି ସହରର ଗୋଟେ ଅଟ୍ଟାଳିକାରେ,
କିଏ ମଲା କିଏ ଗଲା,
କାହାର ହିସାବ କାହା ପାଖେ ନଥାଏ,
ଏମିତି ବ୍ୟାଧି ଏବେ ମୋ ଗାଁକୁ ଆସିଛି,
ନିଜେ ବଂଚିଲେ ବାପର ନାଁ ନୀତିରେ ସମସ୍ତେ ବ୍ୟସ୍ତ ।

ସେଦିନ କେତେ ଭଲଥିଲା ଭାବିଲୁ,
ବାପା, ଦାଦା, ଖୁଡି, ଜେଜେ, ଜେଜିମା, ଭାଇ ଓ ଭଉଣୀ,
ସମସ୍ତେ ଖୁସିରେ ରହୁଥିଲେ,
ଅବଶ୍ୟ ଗର୍ବ ଅଂହକାର ସେତ ଯୁଗ ଯୁଗରୁ ଅଛି,
ତଥାପି ସ୍ନେହ ଶ୍ରଦ୍ଧା ସମ୍ମାନ ଭିତରେ ସବୁକିଛିର ଥିଲା ନିୟନ୍ତ୍ରଣ,
ଏବେ ଦେଖୁନୁ ବିଚରା ମାଧ କଥା,
ରହିବାକୁ ଘର ଖଣ୍ଡେ ନାହିଁ ବୋଲି କେତେ କାକୁତି ମିନତୀ,
ହେଲେ କଣହବ ତା ଇନ୍ଦିରା ଆବାସ ଘରକୁ ନେଇଛି,
ଗାଁର ସବୁଠୁ ବଡ଼ ଧନୀ ବୋଲାଉଥିବା ବ୍ୟକ୍ତି,
ସମସ୍ତେ ଟାଣିଛନ୍ତି ଲକ୍ଷ୍ମଣରେଖା ନିଜ ନିଜ ସୀମାରେ,
ସତେ ଯେମିତି ଦୁଇଦେଶ ମଧ୍ୟରେ ଥିବା ସୀମାରେଖା,
ଯିଏ ଟପିଲା ଆରମ୍ଭ ହେଉଛି ରକ୍ତିମ ସଂଘର୍ଷ ।

ସାଙ୍ଗ ଗାଁର ଗଡୁ, ହେଁସ, ମସିଣା, ସପ, ଢ଼ିଙ୍କି, ପଖିଆ,
ଏ ସବୁ ଆଜି ସାତ ସ୍ୱପ୍ନ,
ଅବଶ୍ୟ ଗାଁଆରେ ଆଉ କାଦୁଅ ପଚ ପଚ ସଡକ ନାହିଁ,
ଗଳି ଗଳିରେ କଂକ୍ରିଟ ସଡକ ତାହା ପୁଣି ସତୁରି ଭାଗ ବାଲିରେ ତିରିଶ
ଭାଗ ସିମେଣ୍ଟ ମିଶାଇ,
ନହେଲେ ମୁଣ୍ଡିଆଳ ମାନଙ୍କ ପକେଟ କେମିତି ଗରମ ହେବ,
ଗାଁ ବିଦ୍ୟାଳୟ ପୁରା ଚକା ଚକ,
କିନ୍ତୁ ଉପସ୍ଥାନ ନଗଣ୍ୟ,
ସମସ୍ତେ ନିର୍ଭର ବେସରକାରୀ ବିଦ୍ୟାଳୟ ଉପରେ,
ଏଠି ଗଣ୍ଡା ଗଣ୍ଡା ମାଳ ମାଳ ସରସ୍ୱତୀ ବିଦ୍ୟାଳୟ, ଇଂରାଜୀ ବିଦ୍ୟାଳୟ
ପରି ଅନେକ ବ୍ୟବସାୟିକ ସଂସ୍ଥା,
ଆମେ ବି ଖୁସି ଆମ ଛୁଆ ଏଠି ପଢି,
ଖାଲି ମିଛରେ ମିଛରେ ସରକାରୀ ବିଦ୍ୟାଳୟରେ ନାଁ ଲେଖା,
ସରକାରଙ୍କ ଆଖିରେ କାଠି ଗେଂଜିବାକୁ,
ଏଠି ବର୍ଷା ଆସୁଛି ବର୍ଷୁଛି ହେଲେ ଆଗଭଳି ନୁହଁ,
ଆଗଭଳି ହେଉନି ଠାକୁର ପିଣ୍ଡାରେ ମୁଢ଼ି ନଡିଆ ଚନାଚୁର ଭୋଜି,
ହଁ ଜାଣିଛୁ ଗାଁଆରେ ଆଉ ପଙ୍ଗତ ପଡୁନି,
ଏବେ ଏବେ ଗାଁଆରେ ସମସ୍ତେ ମାଗିଖିଆ ବଫେରେ ଅଭ୍ୟସ୍ତ,
ଦେଖିବୁ ଯଦି ଥରେ ଆ ଗାଁ ଆଉ ସବୁଜ ଦିଶୁନି,
ବିଲ ମାଳ ଫାଟି ଆଁ, ଦୁବ ଘାସରେ ଭର୍ତ୍ତି,
ସରକାର ପରା ଟଂକାକିଆ ଚାଉଳ ଦଉଛି,
ଆଉ କାହିଁକି ଚାଷ ହେବ,
ଖାଲି ଯାହା ମରୁଛି ମୋ ଭଳି ଦରିଦ୍ର,
ଦିନକୁ ଦିନ ବଢୁଥିବା ତେଲ ଲୁଣ ଡାଲିର ଦରଦାମରେ ଅତିଷ୍ଠ ହୋଇ,
ଶେଷରେ ବାଛୁଛି ଗାଁ ଶେଷ ମୁଣ୍ଡ ବର ଓହଳକୁ ଫାଶୀ ଲଗେଇବାକୁ ।

କେବେ ଥରେ ଫେରି ଦେଖ ଗାଁର ଚିତ୍ର ପଟ୍ଟକୁ,
ସବୁ କିଛି କେମିତି ଅସ୍ତବ୍ୟସ୍ତ,
ଏଠି ଚାଲିଛି ନିଜ ନିଜ ଗୋଛି କାଟିବାର ପ୍ରତିଯୋଗିତା,
ସତେ ଅବା ଏ ସରୁନଥିବା ଗୋଟେ ଛାୟା ଯୁଦ୍ଧ,
ସନ୍ଦେହ ନିଆଁରେ ସମସ୍ତେ ଜଳୁଛନ୍ତି,
କିଛି ଆଉ ଫରକ ନାହିଁ ଗାଁ ଓ ସହର ଭିତରେ,
ଗାଁଆରେ ପାର୍କ ହେଇଛି, କ୍ଲବ ଘର ହେଇଛି,
ଗାଁ ଶେଷ ମୁଣ୍ଡକୁ ହେଇଛି ଠିପି ଖୋଲା ସରକାରୀ ମଦ ଦୋକାନ,
ସକାଳୁ ସକାଳୁ ଛୁଟୁଛି ମଦର ବନ୍ୟା,
ସେଇ ବନ୍ୟାରେ ବଳି ପଡୁଛନ୍ତି କେତେ କଅଁଳିଆ କନ୍ୟା,
ତଥାପି ସମସ୍ତେ ଚୁପ,
କାଳେ ବିପିଏଲ କଟିଯିବ, ଇନ୍ଦିରା ଆବାସ ମିଳିବନି,
କାଳିଆ ପଇସା ମିଳିବନି,
ଏଇତ ଅଟେ ଏବେ ମୋ ଗାଁର ଗୋଟେ ଛାୟା ଚିତ୍ର,
ଆହୁରି ଅନେକ ବାକି କେବେ ଥରେ ଆସି ଦେଖିଯା ।

♥ ଶୂରଡିହ, ନନ୍ଦିପୁର, ଯାଜପୁର
ମୋ: ୯୭୭୬୨୦୮୯୩୦

## ଅନୁବାଦ କବିତା



ମୂଳ ହିନ୍ଦୀ- ହରିବଂଶ ରାୟ ବଚ୍ଚନ

ଦିନେ ହଠାତ୍ ଆସିଲା ବତାଶ
ଅନ୍ଧାର ଦିଶିଲା ଆକାଶ
ଧୂଳି ଧୂସର ବାରିଦ
ଭୂମିକୁ ଘେରିଲା ତ୍ୱରିତ
ଦିନ ରାତି ସମ ହୋଇଲା ପ୍ରତୀତ
ରାତି ହେଲା ଘନ ଅନ୍ଧକାର ଗ୍ରସ୍ତ
ଲାଗୁଥିଲା ସତେକି ଅବା
ଏ ରାତି ହେବନି ସମାପ୍ତ

ବହି ଉଠିଲା ଭୀଷଣ ଝଡ
କମ୍ପି ଉଠିଲା ବିଶାଳ ଭୂଧର
ମୂଳ ସହ ଉପୁଡି ପଡଲେ
ଅନେକାନେକ ବିଟପ ବର
ହାୟ ! କଣ ନ ହୋଇଥିବ
କୁଟାରେ ନିର୍ମିତ ସେ ପକ୍ଷୀବସାର ?

ଏତିକି ବେଳେ ଗୋଟିଏ ଚଢେଇ
ଝଡ଼ ବତାସକୁ ତାର ଖାତିର ନାହିଁ
ଥଣ୍ଟରେ କୁଟା ଖଣ୍ଡେ ନେଇ
ନିର୍ଭୟେ ଆକାଶେ ଉଡଇ
ପୁଣି ନୀଡ଼ଟିଏ ଗଢ଼ିବା ପାଇଁ

ନାଶର ଦୁଃଖରେ ଦବେନା ନିର୍ମାଣର ସୁଖ
ପ୍ରଳୟର ନିସ୍ତବ୍ଧତାରେ ଶୁଭେ ନବ ସଂଗୀତ
ପୁଣି ସୃଷ୍ଟିର ନବ ସଂଗୀତ ।



ପଦ୍ୟାନୁବାଦ:ଲୋକନାଥ ମହାପାତ୍ର
ବ୍ରହ୍ମପୁର

## ଅନାବନା ସ୍ୱପ୍ନ

### ସୁବ୍ରତ ମଲିକ



ଗୋଲାପ ଫୁଲକୁ ଭଲପାଉ ବୋଲି
ଗୋଲାପ ଫୁଲଟେ ମୁଁ ଯେ ହେବି,
ଯେଉଁ ବାଟେ ବାଟେ ପାଦ ତୁ ରଖିବୁ
ସେ ବାଟେ ନିଜକୁ ବିଛାଇ ଦେବି,
ଲାଗିବନି ପାଦେ ଧୂଳି,
ଝିଅଙ୍କ ଭିଡ଼ରେ ତୋତେ ମୁଁ ପାଇଛି
ନିବୁଜ ହୃଦୟେ ତୋତେ ସାଇତିଛି
ରଖିବି ଦେବୀଟେ ଭଳି ।

♥ କୋରୁଆ, ଅସୁରାଳି,ଭଦ୍ରକ
ମୋ: ୭୦୦୮୩୧୫୯୧୬

# ମିଛ ପ୍ରଚାର ନକରି ସମସ୍ତ ଯୋଗ୍ୟଙ୍କୁ ବାର୍ଦ୍ଧକ୍ୟ ଭତ୍ତା ଦିଅନ୍ତୁ ରାଜ୍ୟ ସରକାର : ଦିଲୀପ ମଲ୍ଲିକ

ଭୁବନେଶ୍ୱର,୫/୦୯ (ନି.ପ୍ର): ରାଜ୍ୟର ଅଗଣିତ ବୃଦ୍ଧ ଓ ବୃଦ୍ଧା ତଥା ବରିଷ୍ଠ ନାଗରିକମାନେ ମଧ୍ୟ ରାଜ୍ୟ ସରକାରଙ୍କ ଅସମ୍ବେଦନଶୀଳତାର ଶିକାର ହେବା ସହ ବହୁ କଷ୍ଟରେ ଜୀବନ ଯାପନ କରୁଛନ୍ତି । ସ୍ୱାସ୍ଥ୍ୟ, ବସ୍ତ୍ର ଓ ବାସଗୃହ, ପାନୀୟ ଜଳ ଭଳି ମୌଳିକ ଆବଶ୍ୟକତା ଯୋଗାଇ ଦେବା ପାଇଁ ବହୁ ଜନକଲ୍ୟାଣ ଯୋଜନାର ରୂପାୟନ ହୋଇନପାରି କେବଳ କାଗଜ କଲମରେ ସୀମିତ ହୋଇ ରହିଯାଉଛି । ଫଳରେ ସାଧାରଣ ଗରିବ ଲୋକ ନିଜ ପରିବାର ପୋଷିବା ପାଇଁ ସକ୍ଷମ ନହୋଇ ଆତ୍ମହତ୍ୟା ବଳି ଜଘନ୍ୟ ରାସ୍ତାକୁ ବାଛିନେଉଥିବାର ସଦ୍ୟ ପ୍ରକାଶିତ ଏନସିଆରବି-୨୧ ରିପୋର୍ଟରେ ଉଲ୍ଲେଖ ହୋଇଛି । ରାଜ୍ୟ ସରକାର ବୃଦ୍ଧ, ବୃଦ୍ଧା, ଦିବ୍ୟାଙ୍ଗ, ବିଧବା, କଳାକାରଙ୍କୁ ଭତା ଦେଉଛନ୍ତି ବୋଲି ଗଣମାଧ୍ୟମରେ ପ୍ରଚାର କରି ଓଡିଶାବାସୀଙ୍କୁ ଭକୁଆ ବନାଉଛନ୍ତି । ଆଜି ବି ଉପାନ୍ତ ଅଂଚଳରେ ବୃଦ୍ଧ, ବୃଦ୍ଧା ଦିବ୍ୟାଙ୍ଗ, ବିଧବା, କଳାକାରମାନେ ଭତା ନପାଇ ଦୁଃଖ ଓ କଷ୍ଟରେ ଜୀବନ ବିତାଉଛନ୍ତି । ରାଜ୍ୟର ବରିଷ୍ଠ ଓ ନିସହାୟଙ୍କ ପ୍ରତି ରାଜ୍ୟ ସରକାରଙ୍କ ତାତ୍ସଲ୍ୟପୂର୍ଣ୍ଣ ଆଚରଣ ଓ ବ୍ୟବହାର ପ୍ରଦର୍ଶନ ଅତ୍ୟନ୍ତ ଲଜ୍ଜାଜନକ ବୋଲି ଗଣମାଧ୍ୟମ ମୁଖ୍ୟ ଶ୍ରୀମତୀ ଦିଲୀପ ମଲ୍ଲିକ କହିଛନ୍ତି ।

ଗରୀବ ବୃଦ୍ଧ, ବୃଦ୍ଧା ତଥା ବରିଷ୍ଠ ଲୋକଙ୍କ ପାଇଁ ସରକାରୀ ବାର୍ଦ୍ଧକ୍ୟ ଭତା ହେଉଛି ବଡ ସାହାରା । କିନ୍ତୁ ରାଜ୍ୟ ସରକାର ଜଣେ ମଲେ ଆଉ ଜଣଙ୍କୁ ଭତା ଦିଆଯିବ କହିବା ଅତ୍ୟନ୍ତ ଲଜ୍ଜା ଓ ଅମାନୁଷିକ କାର୍ଯ୍ୟ । ୨୨ବର୍ଷ ଶାସନ କରିବା ପରେ ମଧ୍ୟ ଅସହାୟ ବୃଦ୍ଧ, ବୃଦ୍ଧା, ବିଧବା ମହିଳା, ଦିବ୍ୟାଙ୍ଗ ଓ କଳାକାରମାନଙ୍କ ଭତା ଦେବାରେ ରାଜ୍ୟ ସରକାର ଅପାରଗ ସାବ୍ୟସ୍ତ ହୋଇଛନ୍ତି । ୨୦୧୯ରୁ ଏଯାଏଁ ଭତା ହିତାଧିକାରୀଙ୍କ ସଂଖ୍ୟା ବଢ଼ିନାହିଁ । କରୋନା ମହାମାରୀ ପରେ କଳାକାରମାନେ କାମ ପାଇଲେ ନାହିଁ । ଏନେଇ ରାଜ୍ୟ ସରକାର ବଡ ଘୋଷଣା ମଧ୍ୟ କଲେ ବୟସ୍କ କଳାକାରଙ୍କୁ ଭତା ଦେବେ ବୋଲି କିନ୍ତୁ ଏଯାଏଁ ଲକ୍ଷାଧିକ ଲୋକ ଭତାକୁ ବଂଚିତ ହେବା ସହ ହଜାର ହଜାର କଳାକାର, ବୃଦ୍ଧ/ବୃଦ୍ଧା ଫର୍ମ ଆବେଦନ କରି ସରକାରୀ ସହାୟତାକୁ ଚାତକ ପରି ଅନେଇ ବସିଛନ୍ତି । ରାଜ୍ୟ ସରକାରଙ୍କ ମିଥ୍ୟା ଅପ୍ରଚାର ଲକ୍ଷ ଲକ୍ଷ ବୃଦ୍ଧା, ବୃଦ୍ଧ ଓ ବିଧବା ଆର୍ଥିକ କଷ୍ଟ ମଧ୍ୟରେ କାଳାତିପାତ କରୁଛନ୍ତି ଏବଂ ନ୍ୟାୟରୁ ବଂଚିତ ହେଉଛନ୍ତି ବୋଲି ଶ୍ରୀ ମଲ୍ଲିକ କହିଛନ୍ତି ।

ସାମାଜିକ ସୁରକ୍ଷା ସମ୍ପର୍କରେ ନୀତି ପ୍ରଚାର କରୁଛନ୍ତି ସରକାର ଓ ମୁଖ୍ୟମନ୍ତ୍ରୀ । ବରିଷ୍ଠ ନାଗରିକ, ବିଧବା ଓ କଳାକାରଙ୍କ ଭତା ଦେବାର ଭୁଲି ଯାଇଛନ୍ତି ରାଜ୍ୟ ସରକାର । ବାର୍ଦ୍ଧକ୍ୟ ଭତା ନିମନ୍ତେ ସରକାରଙ୍କ ନୀତି ସ୍ପଷ୍ଟ ନାହିଁ । ପ୍ରତ୍ୟେକ ବର୍ଷ ରାଜ୍ୟ ସରକାର ଭତା ପାଇଁ ନୂଆ ଟାର୍ଗେଟ ଧାର୍ଯ୍ୟ କରିବା କଥା । କିନ୍ତୁ ତାହା କାହିଁକି କରୁନାହାନ୍ତି ବୋଲି ପ୍ରଶ୍ନ କରିଛନ୍ତି । କେବଳ କଟକରେ ୨୫ହଜାରରୁ ଊର୍ଦ୍ଧ୍ୱ ବାର୍ଦ୍ଧକ୍ୟ ଓ ବିଧବା ଭତା ଲାଗି ଫର୍ମ ଆବେଦନ କରି ଅପେକ୍ଷା ରତ ରହିଥିବାବେଳେ କଳାକାର ଭତା ପାଇବା ପାଇଁ ୮ହଜାର ୬୩୯ଜଣ କଳାକାର ଆବେଦନ କରିଥିଲେ । କିନ୍ତୁ ସେମାନଙ୍କ ମଧ୍ୟରୁ ଜିଲ୍ଲାର କୋଟା ଅନୁସାରେ ୯୨ଜଣଙ୍କୁ ଭତା ମିଳିବ । ସବୁଠୁ ଆଶ୍ଚର୍ଯ୍ୟର କଥା ହେଲା, ଜିଲ୍ଲା ପ୍ରଶାସନ ନୂତନ ହିତାଧିକାରୀଙ୍କୁ ଭତା ଦେବାଲାଗି କୌଣସି ସୁବିଧା ନାହିଁ କି ସରକାରଙ୍କ ନୀତି ନାହିଁ । ରାଜ୍ୟ ସରକାର କାହିଁକି କଟକର ୨୫ହଜାର ଓ ରାଜ୍ୟର ଲକ୍ଷ ଲକ୍ଷ ଲୋକଙ୍କ ଭତା ଦେଉନାହାନ୍ତି ଏହାର ଜବାବ ଦେବାକୁ ଭାରତୀୟ ଜନତା ପାର୍ଟି ଦାବି କରୁଛି ।

ରାଜ୍ୟ ସରକାର ଅସହାୟ ବୃଦ୍ଧ/ବୃଦ୍ଧାଙ୍କ ପ୍ରତି କଠୋର କିମ୍ବା ବୈମାତୃକ ମନୋଭାବ ନକରି ଯଥାଶୀଘ୍ର ନୀତିର ପରିବର୍ତ୍ତନ ଆଣିବା ସହ ଯୋଗ୍ୟ ହିତାଧିକାରୀଙ୍କୁ ଭତାଦେବାକୁ ଶ୍ରୀ ମଲ୍ଲିକ ଦାବି କରିଛନ୍ତି ।

# ଆବଶ୍ୟକୀୟ ୟୁରିଆ ମିଳୁନି : ଚଢ଼ା ଦର ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ

ସାଲେପୁର,୫/୦୯ (ନି.ପ୍ର): ନିଶ୍ଚିନ୍ତକୋଇଲି ବ୍ଲକ ଅଧିନରେ ଥିବା ୪୧ ଗୋଟି ପଂଚାୟତରେ ଖରିଫ ଧାନ ଚାଷ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଂଚିଛି । ପ୍ରଥମରୁ ରୁଆ-ପୋତା ହୋଇଥିବା ଧାନ କ୍ଷେତରେ ଏବେ ୟୁରିଆ ସାର ପ୍ରୟୋଗର ବ୍ୟାପକ ଆବଶ୍ୟକତା ରହିଥିଲେ ମଧ୍ୟ ସରକାରଙ୍କ ପକ୍ଷରୁ ସଠିକ୍ ଭାବେ ୟୁରିଆ ଯୋଗାଇ ଦିଆଯାଉନଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ଚଳିତ ବର୍ଷ ରୁଆ-ପୋତା ସମୟରେ ଗ୍ରୋମର, ପଟାସ, ଡିଏପି ସାର ଆବଶ୍ୟକ ମୁତାବକ ନମିଳିବାରୁ ଚାଷୀମାନେ ଚଢ଼ା ଦରରେ କିଣି କ୍ଷେତରେ ପକାଇଥିଲେ । ବର୍ତ୍ତମାନ ଦ୍ୱିତୀୟ ପର୍ଯ୍ୟାୟରେ କେବଳ ୟୁରିଆ କ୍ଷେତରେ ପକାଇବା ପାଇଁ ସମୟ ହୋଇଥିଲା ବେଳେ ଚାଷୀ ସମବାୟ ସମିତିରୁ ସଠିକ୍ ଭାବେ ୟୁରିଆ ନପାଇ ଖୋଲା ବଜାରରୁ ଚଢ଼ା ଦରରେ କିଣୁଥିବା ପ୍ରକାଶ କରିଛନ୍ତି । ସରକାରଙ୍କ ପକ୍ଷରୁ ସମବାୟ ସମିତି ଓ ସରକାରୀ ଡିଲର ମାଧ୍ୟମରେ ଚାଷୀମାନଙ୍କୁ ସାର ଯୋଗାଇ ଦେବା ପାଇଁ ବ୍ୟବସ୍ଥା ରହିଥିଲା ବେଳେ ଆବଶ୍ୟକ ମୁତାବକ ୟୁରିଆ ନମିଳିବାରୁ ବାଧ୍ୟ ହୋଇ ଅଧିକା ମୂଲ୍ୟରେ ଚାଷୀ ୟୁରିଆ କିଣୁଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି । ସରକାରଙ୍କ ସାର ଯୋଗାଣ ସଂସ୍ଥା ମାର୍କଫେଡ୍ ପକ୍ଷରୁ ଅଗ୍ରାଧିକାର ଭିତିରେ ପ୍ରଥମେ ସମବାୟ ସମିତି ଗୁଡିକୁ ସାର ଯୋଗାଇ ଦେଉଥିବା ବେଳେ ଅନେକ ସମିତିର ସାର ଗଚ୍ଛିତ ରଖିବା ପାଇଁ ଗୋଦାମ ଗୃହ ନଥିବାରୁ ସେମାନେ ସଠିକ୍ ଭାବେ ସାର ଉଠାଇ ପାରୁନାହାଁନ୍ତି । ଏହାଛଡା ପି.ଏସ୍.ଓ. ମେସିନ ଦ୍ୱାରା ଆଙ୍ଗୁଳି ଛାପ ଦେଇ ଚାଷୀମାନେ ସମିତିରୁ ସାର ନେବା ପାଇଁ ନିୟମ ରହିଥିଲା ବେଳେ ବହୁ ଚାଷୀ ଏହି ନିୟମରେ ସାର କିଣି ପାରୁ ନାହାଁନ୍ତି । ଏହି ବ୍ଲକ ଅଧିନରେ ଥିବା ୧୩ଟି ସମବାୟ ସମିତିକୁ ୨୭୬.୧୫୫ ଟନ୍ ୟୁରିଆ, ପଟାସ, ଡି.ଏ.ପି. ଓ ଅନ୍ୟାନ୍ୟ ସାର ଯୋଗାଇ ଦିଆଯାଇଥିଲା ବେଳେ ଚାଷୀମାନେ ମଧ୍ୟ ଏହାକୁ ବ୍ୟବହାର କରିଥିବା ମାର୍କଫେଡ୍ ଅଧିକାରୀ ପ୍ରକାଶ କରିଛନ୍ତି । ବର୍ତ୍ତମାନ ମାର୍କଫେଡ୍ ପକ୍ଷରୁ ଇଫକୋ କଂପାନୀର ନାନୋ ନାମକ ତରଳ ୟୁରିଆ ଜବରଦସ୍ତ ସମିତିକୁ ଦିଆଯାଉଥିଲା ବେଳେ ଚାଷୀମାନେ ଏହାକୁ ଧାନ କ୍ଷେତରେ ପ୍ରୟୋଗ କରିବା ପାଇଁ ଇଚ୍ଛା ପ୍ରକାଶ କରୁନଥିବାରୁ ଏହା ବିକ୍ରି ହୋଇ ପାରୁ ନାହିଁ । ସରକାରୀ ଭାବେ ସମିତି ଗୁଡିକରେ ୟୁରିଆ ୪୫ କେ.ଜି. ବସ୍ତା ପ୍ରତି ସର୍ବାଧିକ ୨୮୦ ରୁ ୩୦୦ ଟଙ୍କା ବିକ୍ରି ହେଉଥିଲା ବେଳେ ଖୋଲା ବଜାରରେ ବସ୍ତାପ୍ରତି ୧୦୦ ଟଙ୍କା ଅଧିକା ବିକ୍ରି ହେଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି ।

# ବେକରେ ଫାଶି ଲଗେଇ ଯୁବକଙ୍କ ଆତ୍ମହତ୍ୟା

ଭବାନୀପାଟଣା,୫/୦୯ (ନି.ପ୍ର): ଆଜି କଳାହାଣ୍ଡି ଜିଲ୍ଲାର ମଦନପୁର ରାମପୁର ଥାନା ଅନ୍ତର୍ଗତ ଭାଲୁପିଆ କାନ୍ଦୁଲ ଢୁଙ୍ଗୁରିରେ ଜଣେ ଯୁବକ ବେକରେ ଫାସି ଲଗେଇ ଆତ୍ମହତ୍ୟା କରିଛନ୍ତି । ସୂଚନା ଅନୁସାରେ, ଗଜବାହାଲ୍ ର ଦିଲିପ ସାହୁ ବୟସ ୩୨ ଗତ ମଙ୍ଗଳବାର ଦିନ ସକାଳ ପାହାନ୍ତିଆରୁ ଶୌଚ ପାଇଁ ଯାଉଛି ବୋଲି କହି ଯାଇଥିଲେ ହେଲେ ଆଉ ଫେରି ନ ଥିଲେ । ଆଜି କିଛି ଲୋକ ଗାଈ ଚରାଉ ଥିବା ବେଳେ ତାଙ୍କ ଝୁଲନ୍ତା ମୃତଦେହ ଦେଖିବାକୁ ପାଇଥିଲେ । ତାପରେ ସମସ୍ତଙ୍କୁ ଖବର ଦେବାପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ଗୋଟିଏ ପଳାସ ଗଛରେ ଶାଢି ଲଗାଇ ଝୁଲୁଥିବା ଦେଖିବାକୁ ମିଳିଛି । ଲୋକଙ୍କ କହିବା ଅନୁସାରେ, କିଛି ଆର୍ଥିକ କରଜ ଶୁଝିନପାରିବା ଭୟରେ ମାନସିକ ଭାରସାମ୍ୟ ହରାଇ ସେ ଆତ୍ମହତ୍ୟା କରିଛନ୍ତି । ଖବର ପାଇ ମଦନପୁର ରାମପୁର ଥାନା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କଲାପରେ ଶବ ଉଦ୍ଧାର କରି ବ୍ୟବଚ୍ଛେଦ ସକାଶେ ପଠାଇ ଥିବା ସୂଚନା ମିଳିଛି ।

# ନିଖିଳ ଓଡ଼ିଶା ବିଦ୍ୟୁତ ଶ୍ରମିକ ମହାସଂଘର ୧୮ ତମ ଦ୍ୱିବାର୍ଷିକ ରାଜ୍ୟସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ

ଭୁବନେଶ୍ୱର,୫/୦୯ (ନି.ପ୍ର): ନିଖିଳ ଓଡ଼ିଶା ବିଦ୍ୟୁତ ଶ୍ରମିକ ମହାସଂଘର ୧୮ତମ ଦ୍ୱିବାର୍ଷିକ ରାଜ୍ୟ ସ୍ତରୀୟ ସମ୍ମିଳନୀ ଉତ୍କଳ ଦୃଷ୍ଟିହୀନ ଅନ୍ଧ ମୂକ ସଂଘର ପ୍ରେକ୍ଷାଳୟରେ ସଭାପତି ତଥା ରାଷ୍ଟ୍ରୀୟ ମଜଦୁରକଂଗ୍ରେସ, ଓଡ଼ିଶା ଶାଖାର ଉପସଭାପତି ପ୍ରଶାନ୍ତ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଶ୍ରୀ ମହାପାତ୍ର ତାଙ୍କ ବକ୍ତବ୍ୟରେ କହିଛନ୍ତି ଯେ, ଯଦି ରାଜ୍ୟସରକାର ନିଯୁକ୍ତି ଉପରେ ପଦକ୍ଷେପ ନ ନିଅନ୍ତି ତେବେ ଟାଟା କମ୍ପାନୀ ଆଗାମୀ ଦିନରେ ରାଜ୍ୟ ସରକାରଙ୍କୁ ବ୍ଲାକମେଲିଙ୍ଗ କରିବା ପାଇଁ ସୁବର୍ଣ୍ଣସୁଯୋଗ ଆଣିଦେବ । ଉତ୍ସବରେ ମୁଖ୍ୟ ଅତିଥି ଭାବରେ ପୂର୍ବତନ ଅର୍ଥମନ୍ତ୍ରୀ ତଥା ବିଶିଷ୍ଟ ଶ୍ରମିକ ନେତା ପଂଚାନନ କାନୁନଗୋ ପ୍ରଦୀପ ପ୍ରଜୋଳନ କରି ସମ୍ମିଳନୀକୁ ଉଦ୍‌ଘାଟନ କରିବା ସହିତ ତାଙ୍କ ବକ୍ତବ୍ୟରେକହିଛନ୍ତି ଯେ, ବିଦ୍ୟୁତ କ୍ଷେତ୍ରକୁ ଘରୋଇକରଣ କରାଗଲେ ମଧ୍ୟ ସେଥିରେ କାର୍ଯ୍ୟ କରୁଥିବା ୨୪ ହଜାରରୁ ଊର୍ଦ୍ଧ୍ୱ ଠିକା କର୍ମଚାରୀଙ୍କ ଇ.ପି.ଏଫ. ଓ ଇ.ଏସ୍.ଆଇ କିପରି ଠିକ୍ ଭାବରେ ଡିପୋଜିଟ୍ ହେବା ସହ ସମସ୍ତ କର୍ମଚାରୀଙ୍କ କାର୍ଯ୍ୟକ୍ଷେତ୍ରରେ ସୁରକ୍ଷା ସାମଗ୍ରୀ ଟାଟା ତରଫରୁ ପ୍ରଦାନ କରିବା ପାଇଁ ତାଙ୍କବକ୍ତବ୍ୟରେ ଉଦ୍‌ବୋଧନ ଦେଇଥିଲେ ।

# ପୁଣି ୨ ଶହ ତଳକୁ ଖସିଲା ରାଜ୍ୟରେ ଦୈନିକ କରୋନା ସଂକ୍ରମଣ

ଭୁବନେଶ୍ୱର,୫/୦୯ (ନି.ପ୍ର): ଆଜି ରାଜ୍ୟରେ ଦୈନିକ କରୋନା ସଂକ୍ରମଣ ପୁଣି ୨ ଶହ ତଳକୁ ଖସିଛି । ଗତକାଲି ୨୨୧ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିବା ବେଳେ ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ୧୭୯ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ୧୦୫ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ୭୪ ଜଣ ପଜିଟିଭ ସ୍ଥାନୀୟ ସଂକ୍ରମଣରୁ ଚିହ୍ନଟ ହୋଇଛନ୍ତି । ଏଥିମଧ୍ୟରେ ୩୦ ଜଣ ୧୮ ବର୍ଷରୁ କମ୍ ବୟସର ଶିଶୁ- କିଶୋର ଥିବା ଜଣାଯାଇଛି । ଆଜି ରାଜ୍ୟର ୨୮ଟି ଜିଲ୍ଲାରୁ ୧୭୯ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଆଜି ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୩୬ ଜଣ ଚିହ୍ନଟ ହୋଇଛନ୍ତି । ଏନେଇ ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି । ଗତ ୨୪ ଘଣ୍ଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୧, ବାଲେଶ୍ୱର ଜିଲ୍ଲାରୁ ୪, ବରଗଡ଼ରୁ ୪, ଭଦ୍ରକରୁ ୧, ବଲାଙ୍ଗୀରରୁ ୨ ଜଣ, ବୌଦ୍ଧରୁ ୧, କଟକରୁ ୮ ଜଣ, ଦେବଗଡ଼ରୁ ୩, ଢେଙ୍କାନାଳରୁ ୧ ଜଣ, ଗଞ୍ଜାମରୁ ୧, ଜଗତସିଂହପୁରରୁ ୪ ଜଣ, ଯାଜପୁରରୁ ୬ ଜଣ, ଝାରସୁଗୁଡ଼ାରୁ ୪, କଳାହାଣ୍ଡି ଜିଲ୍ଲାରୁ ୧ ଜଣ, କନ୍ଧମାଳରୁ ୪ ଜଣ, କେନ୍ଦୁଝରରୁ ୧, ଖୋର୍ଦ୍ଧା ଜିଲ୍ଲାରୁ ୩୬, କୋରାପୁଟରୁ ୧, ମୟୂରଭଞ୍ଜରୁ ୬ ଜଣ, ନବରଙ୍ଗପୁରରୁ ୧୮ ଜଣ, ନୟାଗଡ଼ ଜିଲ୍ଲାରୁ ୧୪ ଜଣ, ନୂଆପଡ଼ାରୁ ୩, ପୁରୀରୁ ୬ ଜଣ, ରାୟଗଡ଼ାରୁ ୩, ସମ୍ବଲପୁରରୁ ୪ ଜଣ, ସୋନପୁରରୁ ୫, ସୁନ୍ଦରଗଡ଼ରୁ ୨୭ ଜଣ ଓ ଷ୍ଟେଟପୁଲରୁ ୮ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

# ମୁକ୍ତା ଯୋଜନାର କାର୍ଯ୍ୟକାରିତାରେ ତ୍ରୁଟି ପାଇଁ କଠୋର କାର୍ଯ୍ୟାନୁଷ୍ଠାନ

## ଦୁର୍ନୀତି ବିରୁଦ୍ଧରେ ସରକାରଙ୍କ ଶୂନ୍ୟ ସହନଶୀଳତା ନୀତି ଅନୁପାଳନ ଉପରେ ଗୁରୁତ୍ୱ

ଭୁବନେଶ୍ୱର,୫/୦୯ (ନି.ପ୍ର): ସହରାଂଚଳରେ ବସବାସ କରୁଥିବା ଆର୍ଥିକ ଅନଗ୍ରସର ବର୍ଗଙ୍କୁ ଜୀବିକା ସୁରକ୍ଷା ଯୋଗାଇଦେବା ସହ ଗୋଷ୍ଠୀ ନେତୃତ୍ୱରେ ସଂଚାଳିତ ସାମୂହିକ ଭିତି ନିର୍ମାଣ ତ୍ୱରାନ୍ୱିତ କରିବା ପାଇଁ ଓଡ଼ିଶା ସରକାରଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ କର୍ମ ତତ୍ପର ଅଭିଯାନ ବା 'ମୁକ୍ତା' ଯୋଜନାର ଶୁଭାରମ୍ଭ ୨୦୨୦ ମସିହାରେ କରାଯାଇଥିଲା । ଆରମ୍ଭରୁ ହିଁ ସମ୍ପୂର୍ଣ୍ଣ ସ୍ୱଚ୍ଛତା ତଥା ଉତର ଦାୟିତ୍ୱ ଜରିଆରେ ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ଗୋଷ୍ଠୀ ସମ୍ପଦ ସୃଷ୍ଟି ଉପରେ ଗୁରୁତ୍ୱ ଦିଆଯାଇ ଆସୁଅଛି । ମାତ୍ର 'ମୁକ୍ତା' ଯୋଜନାର କାର୍ଯ୍ୟକାରିତାରେ ସାମାନ୍ୟତାମ ଦୁର୍ନୀତି ବିରୁଦ୍ଧରେ ମଧ୍ୟ ସରକାରଙ୍କ ଶୂନ୍ୟ ସହନଶୀଳତା ନୀତିର ଅନୁପାଳନ କରାଯିବ ବୋଲି ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି ।

ନିକଟରେ ନୟାଗଡ ପୌରପାଳିକାର କିଛି ଅଂଚଳରେ ମୁକ୍ତା ଯୋଜନାର କାର୍ଯ୍ୟକାରିତା ସନ୍ଦେହ ଘେରକୁ ଆସିବା ପରେ ଇମ୍ପ୍ଲିମେଣ୍ଟେସନ୍ ଏକ୍ସପର୍ଟ ଗୁରୁଚରଣଙ୍କ ବିରୁଦ୍ଧରେ ଦୃଢ ଆଇନଗତ ପଦକ୍ଷେପ ନିଆଯାଇଛି । ପୌରପାଳିକାର ୭ ନମ୍ବର ୱାର୍ଡ଼ ସ୍ଥିତ ତାରକେଇ ମନ୍ଦିର ତଥା ଅଙ୍ଗନୱାଡ଼ି କେନ୍ଦ୍ରରେ ଛାତ ଉପର ଜଳ ସଂରକ୍ଷଣ ପ୍ରକଳ୍ପ ନିର୍ମାଣ ନକରାଯାଇ, ଜାଲ୍ ବିଲ୍ ପଇଠ କରି ଏଠି ପାଇଁ ଆସିଥିବା ଅର୍ଥ ହଡପ୍ କରାଯିବାର ଅଭିଯୋଗ ମିଳିବା ପରେ କ୍ଷେତ୍ର ସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିଲା । ପୁଙ୍ଖାନୁପୁଙ୍ଖ ତଦନ୍ତ ପରେ ଜଳ ସଂରକ୍ଷଣ ପ୍ରକଳ୍ପ ନିର୍ମାଣ ନକରାଯାଇ, ଇମ୍ପ୍ଲିମେଣ୍ଟେସନ୍ ଏକ୍ସପର୍ଟ ଗୁରୁଚରଣ ବେହେରାଙ୍କ ଦ୍ୱାରା ଫଟୋସପ୍ ଜରିଆରେ ଚଂଚକତା ଉପାୟରେ ନକଲି ଫଟୋ ତଥା ଜାଲ୍ ବିଲ୍ ପଇଠ କରି ଯୋଜନା ଅର୍ଥ ବାଟମାରଣା କରାଯାଇଥିବା ଜଣା ପଡିବା ପରେ ନୟାଗଡ ପୌରପାଳିକା ପକ୍ଷରୁ ଶ୍ରୀ ବେହେରାଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ଟାଉନ୍ ଥାନାରେ ଏତାଲା ଦାୟର୍ କରାଯାଇଛି । ସରକାରଙ୍କ ୫ଟି ଯୋଜନା ଅନୁପାଳନରେ ସହରାଂଚଳରେ ସ୍ୱଚ୍ଛତା ଆଧାରରେ ପ୍ରବର୍ତ୍ତିତ ମୁକ୍ତା ଯୋଜନାର କାର୍ଯ୍ୟକାରିତାକୁ ସରକାର ଅଗ୍ରାଧିକାର ଦେଉଥିବାରୁ ଏ କ୍ଷେତ୍ରରେ କୌଣସି ଖିଲାଫ୍ ବରଦାସ୍ତ କରାଯିବ ନାହିଁ ଓ ଆବଶ୍ୟକ ସ୍ଥଳେ ଦୁର୍ନୀତି ପ୍ରମାଣିତ ହେଲେ ଦୋଷୀ କର୍ମଚାରୀଙ୍କୁ ଅବିଳମ୍ବେ ଚାକିରୀରୁ ବହିଷ୍କାର କରାଯିବ ବୋଲି ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଚେତାବନୀ ଦିଆ ଯାଇଛି । ମୁକ୍ତା ଯୋଜନାର କାର୍ଯ୍ୟକାରିତାରେ କୌଣସି ଅବହେଳା କିମ୍ବା ତ୍ରୁଟି ବିଚ୍ୟୁତିକୁ ତୁରନ୍ତ ବିଭାଗ ନଜରକୁ ଆଣିବା ପାଇଁ ଜନସାଧାରଣଙ୍କୁ ସଚେତନ କରାଯିବା ସହ ଏ ଦିଗରେ ତୀକ୍ଷ୍ଣ ଦୃଷ୍ଟି ରଖିବା ପାଇଁ ବିଭାଗୀୟ ବରିଷ୍ଠ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

# ପୁଲିସ୍ ସେବା ଭବନରେ 'ଆତ୍ମହତ୍ୟା ଏବଂ ଆଇନ କାର୍ଯ୍ୟକାରୀ' କର୍ମଶାଳା




ଭୁବନେଶ୍ୱର : ରାଜ୍ୟରେ ଆତ୍ମହତ୍ୟାଜନିତ ମୃତ୍ୟୁ ମାମଲା ଉଦ୍‌ବେଗଜନକ ଭାବେ ବଢ଼ି ଚାଲିଛି । ବେଶି ଆତ୍ମହତ୍ୟା ଯୁବପିଢ଼ି କରୁଛନ୍ତି । ଏ କ୍ଷେତ୍ରରେ ଓଡ଼ିଶା ଦେଶରେ ଦ୍ୱିତୀୟ ସ୍ଥାନରେ ରହିଛି । ରାଜ୍ୟରେ ପ୍ରତିଦିନ ୧୫ଜଣ ଆତ୍ମହତ୍ୟା କରୁଥିବା ବେଳେ ଗତ ଅଗଷ୍ଟ ଶେଷ ସୁଦ୍ଧା ଦ୍ୱୈତନଗରୀରେ ୨୨୬ ଆତ୍ମହତ୍ୟା ମାମଲା ସାମ୍ନାକୁ ଆସିଛି । ପରକୀୟା ପ୍ରୀତି, ପ୍ରେମ ବ୍ୟାପାର ଯୋଗୁଁ ଅଧିକାଂଶ ଆତ୍ମହତ୍ୟା ଘଟୁଛି । ଏହି ପ୍ରସଙ୍ଗକୁ ନେଇ ରବିବାର ଦିନ ପୁଲିସ୍ ଭବନଠାରେ 'ଆତ୍ମହତ୍ୟା ଏବଂ ଆଇନ୍ କାର୍ଯ୍ୟକାରୀ' ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଆତ୍ମହତ୍ୟାର ବିଭିନ୍ନ ଦିଗ ଉପରେ ଆଲୋଚନା କରାଯିବା ସହ ଏହାକୁ କିପରି କମ୍ କିମ୍ବା ରୋକାଯାଇପାରିବ, ସେ ଉପରେ ଆଲୋଚନା ହୋଇଥିଲା । ଏନେଇ ସଚେତନତା ସୃଷ୍ଟି କରିବାକୁ କର୍ମଶାଳାରେ ଗୁରୁତ୍ୱ ଦିଆଯାଇଥିଲା ଓ ଏଥିପାଇଁ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଅତିଥିମାନେ କହିଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୁଲିସ ଡିଜି ସୁନୀଲ ବଂଶଲ ଯୋଗଦେଇ ସମସ୍ତ ଥାନାଗୁଡ଼ିକୁ ଅଧିକ ଯତ୍ନବାନ ହେବାକୁ କହିଥିଲେ । ଥାନାଗୁଡ଼ିକ ନିଜ ଅଞ୍ଚଳରେ ବିଭିନ୍ନ ସଚେତନତା ଶିବିର କରିବାକୁ କହିଥିଲେ । ପୁଲିସ କମିସନର ସୌମେନ୍ଦ୍ର ପ୍ରିୟଦର୍ଶୀ, ମନସ୍ତତ୍ତ୍ୱବିତ୍ ପ୍ରଫେସର ସୌମିତ୍ର ପଠାରେ, ଅତିରିକ୍ତ ପୁଲିସ କମିସନର ଉମାଶଙ୍କର ଦାଶ ଓ ଭୁବନେଶ୍ୱର ଡିସିପି ପ୍ରତୀକ ସିଂଙ୍କ ସମେତ ଜୋନ୍ ଏସିପି, ଆଇଆଇସି ଏବଂ ପୁଲିସ୍ କର୍ମଚାରୀ ଉପସ୍ଥିତ ରହି ମତ ରଖିଥିଲେ ।

# ଭୋଟର-ଆଧାର ସଂଯୋଗୀକରଣ ପାଇଁ ବୁଲିଲା ସଚେତନତା ରଥ

ଭୁବନେଶ୍ୱର ,୫/୦୯ (ନି.ପ୍ର): ନିର୍ଭୁଲ୍ ଭୋଟର ତାଲିକା ପ୍ରସ୍ତୁତ ଲକ୍ଷ୍ୟରେ ସରକାର ଆରମ୍ଭ କରିଥିବା ଆଧାର-ଭୋଟର ପରିଚୟପତ୍ର ସଂଯୋଗୀକରଣ କାର୍ଯ୍ୟକ୍ରମରେ ସହରୀ ଭୋଟର ସହଯୋଗ କରୁନାହାନ୍ତି । ତେଣୁ ଏନେଇ ଲୋକଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଆଜି ନିର୍ବାଚନ କମିସନଙ୍କ ନିର୍ଦ୍ଦେଶକ୍ରମେ ଏକ ସଚେତନତା ରଥ ଉଦ୍‌ଘାଟିତ ହୋଇଯାଇଛି । ଖୋର୍ଦ୍ଧା ଅତିରିକ୍ତ ଜିଲ୍ଲାପାଳ ମନୋଜ କୁମାର ପାଢ଼ୀ, ଭୁବନେଶ୍ୱର ଉପଜିଲ୍ଲାପାଳ ଦେବବ୍ରତ ସାହୁ ପତାକା ଦେଖାଇ ଏହି ରଥର ଶୁଭାରମ୍ଭ କରିଛନ୍ତି । ଏହାସହ ବିଭିନ୍ନ ଆପାର୍ଟମେଣ୍ଟର ଭୋଟରମାନଙ୍କୁ ସଚେତନ ଓ ଉତ୍ସାହିତ କରିବା ଜେଡ୍-୧ ରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରାଯାଇଥିଲା । ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ(ଗୃହ), ଶତ୍ରୁଘନ କରଙ୍କ ସମେତ ସୁପରଭାଇଜର, ବୁଥସ୍ତରୀୟ ଅଧିକାରୀ ଓ ଡାଟା ଏଣ୍ଟ୍ରି ଅପରେଟର ସାମିଲ ହୋଇଥିଲେ । ସୂଚନାଯୋଗ୍ୟ ଯେ ଏହି ରଥ ଭୁବନେଶ୍ୱର ଉପଖଣ୍ଡ ଅନ୍ତର୍ଗତ ୩ଟି ନିର୍ବାଚନ ମଣ୍ଡଳୀର ଭୋଟରମାନଙ୍କୁ ସ୍ୱେଚ୍ଛାକୃତ ଭାବେ ସେମାନଙ୍କର ଆଧାର ନମ୍ବରକୁ ଭୋଟର ତାଲିକାରେ ସଂଯୋଗୀକରଣ ପାଇଁ ସଚେତନତା ସୃଷ୍ଟି କରିବ । ମତଦାତାମାନେ ସଂପୃକ୍ତ ବୁଥସ୍ତରୀୟ ଅଧିକାରୀମାନଙ୍କୁ ଦେଇ ଏହା କରିପାରିବେ କିମ୍ବା ଅନ୍‌ଲାଇନ୍ ଜରିଆରେ ମଧ୍ୟ କରିପାରିବେ । nvsp.in କିମ୍ବା voterportal.eci.gov.in ରେ ଫର୍ମ ଦାଖଲ କରିପାରିବେ ବୋଲି କୁହାଯାଇଛି ।

# ବଲାଙ୍ଗିର ନାଗରିକ କମିଟିର ସାଧାରଣ ପରିଷଦ ବୈଠକ

ବଲାଙ୍ଗିର,୫/୦୯ (ନି.ପ୍ର): ସ୍ଥାନୀୟ ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟର ସମ୍ମେଳନୀ କକ୍ଷରେ ବଲାଙ୍ଗିର ନାଗରିକ କମିଟିର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି । ସଭାପତି ବେଲାର ସିଂ ଭୋଇଙ୍କ ସଭାପତିତ୍ୱରେ ବିଭିନ୍ନ ସମସ୍ୟା ଯଥା ମାଁ ପାଟଣେଶ୍ୱରୀ ଓ ସମଲେଶ୍ୱରୀ ମନ୍ଦିରର ଉନ୍ନତିକରଣ, ଉଭୟ ଆଗାମୀ ତା.୨୯ ରେ ଅନୁଷ୍ଠିତ ବଲାଙ୍ଗିର କ୍ରାନ୍ତି ଜାଗୃତି ସମାରୋହର ରାଲିରେ ତଥା ତା.୧୧ ରେ ବଲାଙ୍ଗିର ଖୋର୍ଦ୍ଧା ରେଲ ଲାଇନ ଆନ୍ଦୋଳନର ସମାରୋହରେ ସକ୍ରିୟ ଅଂଶଗ୍ରହଣ କରିବା ପାଇଁ ପ୍ରସ୍ତାବ ଗୃହିତ ହୋଇଥିଲା । ସେହିପରି ସେପ୍ଟେମ୍ବର ୫ ରେ କମିଟି ତରଫରୁ ପ୍ରଥମ କରି ଗୁରୁ ଦିବସ ପାଳନ କରିବା ପାଇଁ ସର୍ବସମ୍ମତି କ୍ରମେ ମତ ପ୍ରକାଶ ପାଇଥିଲା । ସଭା ପ୍ରାରମ୍ଭରେ ସାଧାରଣ ସଂପାଦକ ମନୋରଂଜନ ସାହୁ ପୂର୍ବ ବିବରଣୀ ପାଠ କରି ବିଭିନ୍ନ ପ୍ରସ୍ତାବ ଆଗତ କରିଥିଲେ । ସ୍ୱର୍ଗତ ନନ୍ଦ କୁମାର ବହିଦାର ଓ ଦେବବ୍ରତ ମିଶ୍ର ଦ୍ୱୟଙ୍କ ବିୟୋଗରେ ତାଙ୍କର ଅମର ଆତ୍ମାର ସଦଗତି ପାଇଁ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ଆଲୋଚନାରେ ଅନ୍ୟମାନଙ୍କ ମଧ୍ୟରୁ ଉପ-ସଭାପତି ନିତ୍ୟାନନ୍ଦ ମିଶ୍ର, ସହ-ସଂପାଦକ ଡା. ଚକ୍ରପାଣି ଦାଶ, କୋଷାଧ୍ୟକ୍ଷ ଗଜେନ୍ଦ୍ର ଭମର, ସଭ୍ୟ କିଶୋର ମୋହନ ମିଶ୍ର, ଗୋପବନ୍ଧୁ ପୁରୋହିତ, ଧର୍ମବ୍ରତ ରଥ, ଆର୍ତ୍ତତ୍ରାଣ ମିଶ୍ର, ଜୟରାମ ମିଶ୍ର, ଗୋପଭୂଷଣ ନାଥ, ପୀତବାସ ପଣ୍ଡା, ଅଶୋକ କୁମାର ମିଶ୍ର, ମନୋରଂଜନ ପୁରୋହିତ ଓ ନରେଶ କୁମାର ଦାଶ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

# ସ୍କୁଲ ରୂପାନ୍ତରୀକରଣ ଆଳରେ ଅର୍ଥ ହରିଲୁଟ ପାଇଁ ମସୁଧା

ସାଲେପୁର,୫/୦୯ (ନି.ପ୍ର): ପ୍ରଶାସନିକ ଅଧିକାରୀ ଓ ସରକାରୀ କର୍ମଚାରୀଙ୍କ ଦାୟିତ୍ୱହୀନତା କାର୍ଯ୍ୟ ଏବଂ ରାଜନୈତିକ ଜନ ପ୍ରତିନିଧିମାନଙ୍କ ବୃହତ୍ତ ସ୍ୱାର୍ଥ ପାଇଁ ଲକ୍ଷ ଲକ୍ଷ ଟଙ୍କା ସରକାରୀ ଅର୍ଥ ତୋଷାରପାତ କରାଯିବାକୁ ମସୁଧା ଚାଲିଥିବା ଜଣାଯାଇଛି । ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଅଧିକାରୀ କାର୍ଯ୍ୟାଳୟ ଅଧିନରେ ଥିବା ସରକାରୀ ବୋଧଙ୍ଗ ବାଳିକା ଉଚ୍ଚ ବିଦ୍ୟାଳୟକୁ ତୃତୀୟ ପର୍ଯ୍ୟାୟ ୫-ଟି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ରୂପାନ୍ତରୀକରଣ କାର୍ଯ୍ୟ ପାଇଁ ସମସ୍ତ ବ୍ୟବସ୍ଥା ହୋଇଛି । ତେବେ ବର୍ତ୍ତମାନ ଏହି ବିଦ୍ୟାଳୟର ସ୍ଥିତି ପରଖିଲେ ଏହା ୫-ଟି ଯୋଜନାରେ ଅନ୍ତର୍ଭୁକ୍ତ ହେବାର କୌଣସି ଯୋଗ୍ୟତା ନଥିବା କୁହାଯାଇଛି । ଏହି ବିଦ୍ୟାଳୟରେ ମାତ୍ର ୧୦ ଜଣ ଛାତ୍ରୀ ଅଧ୍ୟୟନ କରୁଥିଲା ବେଳେ ୫-ଟି ଯୋଜନାରେ ଖର୍ଚ୍ଚ ହେବାକୁ ଥିବା ଆନୁମାନିକ ୫୦ ଲକ୍ଷ ଟଙ୍କା କାହା ସ୍ୱାର୍ଥରେ ବିନିଯୋଗ କରାଯିବ ସେ ନେଇ ସାଧାରଣରେ ପ୍ରଶ୍ନ ଉଠିଛି । ଏହି ବିଦ୍ୟାଳୟରେ ୧୦ମ ଶ୍ରେଣୀରେ ଦୁଇ ଜଣ ଛାତ୍ରୀ ଅଧ୍ୟୟନ କରୁଥିଲା ବେଳେ ନବମ ଶ୍ରେଣୀରେ ୮ ଜଣ ଛାତ୍ରୀ ଅଧ୍ୟୟନ କରୁଛନ୍ତି । ଚଳିତ ମାଟ୍ରିକ ପରୀକ୍ଷାରେ ମଧ୍ୟ ଏହି ବିଦ୍ୟାଳୟରେ ମାତ୍ର ୭ ଜଣ ପରୀକ୍ଷା ଦେଇଥିଲେ । ଭବିଷ୍ୟତରେ ଏହି ସ୍କୁଲକୁ ଅଧିକ ଛାତ୍ର ଛାତ୍ରୀ ଆସି ଅଧ୍ୟୟନ କରିବାର ମଧ୍ୟ ସମ୍ଭାବନା କମ୍ ଥିବା ଆଶଙ୍କା ପ୍ରକାଶ ପାଇଛି । କାରଣ ଏହି ବିଦ୍ୟାଳୟ ପରିସରରେ ଥିବା ଅଷ୍ଟମ ଶ୍ରେଣୀରେ ୩ ଜଣ ଛାତ୍ରୀ, ସପ୍ତମ ଶ୍ରେଣୀରେ ୬ ଜଣ ଛାତ୍ର ଛାତ୍ରୀ, ଷଷ୍ଠ ଶ୍ରେଣୀରେ ୪ ଜଣ ଛାତ୍ର ଛାତ୍ରୀ, ପଂଚମ ଶ୍ରେଣୀରେ ୬ ଜଣ ଛାତ୍ର ଛାତ୍ରୀ, ଚତୁର୍ଥ ଶ୍ରେଣୀରେ ୫ଜଣ ଛାତ୍ର ଛାତ୍ରୀ, ତୃତୀୟ ଶ୍ରେଣୀରେ ୪ ଜଣ ଛାତ୍ର ଛାତ୍ରୀ, ଦ୍ୱିତୀୟ ଶ୍ରେଣୀରେ ୪ ଜଣ ଛାତ୍ର ଛାତ୍ରୀ ଏବଂ ପ୍ରଥମ ଶ୍ରେଣୀରେ ୩ ଜଣ ଛାତ୍ର ଛାତ୍ରୀ ଅଧ୍ୟୟନ କରୁଛନ୍ତି । ଏହାଛଡା ଏହି ବିଦ୍ୟାଳୟ ପରିଚାଳନା କମିଟିର କେତେକ ସଭ୍ୟ ସଭ୍ୟାମାନେ ମଧ୍ୟ ସେମାନଙ୍କର ପିଲାମାନଙ୍କୁ ଏହି ବିଦ୍ୟାଳୟରେ ନ ପଢାଇ ଅନ୍ୟ ଶିକ୍ଷାନୁଷ୍ଠାନରେ ପଢାଉଥିବା ଦେଖାଯାଇଛି ।

# ଗଣେଶ ପୂଜା ଭସାଣିରେ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ : ୭ ଆହତ, ଦୁଇ ଗୁରୁତର

କନ୍ଧମାଳ,୫/୦୯ (ନି.ପ୍ର): ନିକଟସ୍ଥ ରାମାଡି ଗ୍ରାମରେ ଗଣେଶ ମେଢ ଭସାଣିରେ ଦଡକୀ ଛକରେ ଗ୍ରାମର ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷରେ ଉଭୟ ଗୋଷ୍ଠୀର ୭ ଜଣ ଆହତ ହେବା ସହ ଦୁଇ ଜଣ ଗୁରୁତର ହୋଇଛନ୍ତି । ଆହତ ମାନଙ୍କୁ ଚିକିତ୍ସା ନିମନ୍ତେ ଫୁଲବାଣୀ ମେଡିକାଲରେ ଭର୍ତ୍ତି କରାଯାଇଛି । ଗଣ୍ଡଗୋଳରେ ସାମିଲ ଥିବା ସରପଂଚଙ୍କ ପୁଅ ସଞ୍ଜୀତ ମଲ୍ଲିକ ଓରଫ ପପୁଙ୍କ ସହ ଅନ୍ୟ ଅଭିଯୁକ୍ତ ମାନଙ୍କ ଗିରଫ ଦାବିରେ ଫୁଲବାଣୀ ଗୋଛାପଡା ରାସ୍ତାର ଦଡକୀ ଛକରେ ରାସ୍ତାରୋକ କରିଥିଲେ ଗ୍ରାମବାସୀ । ଗ୍ରାମର ଶତାଧିକ ଉତ୍ତ୍ୟକ୍ତ ମହିଳା ସରପଂଚଙ୍କୁ ଘରୁ ଟାଣି ନେଇ ଦଡ଼କୀ ଛକ ପର୍ଯ୍ୟନ୍ତ ଆଣିଥିଲେ । ପୁଅକୁ ଗିରଫ ଦାବିରେ ସରପଂଚଙ୍କୁ ରାସ୍ତାରେ ବସାଇଥିଲେ । ଖବର ପାଇ ଫୁଲବାଣୀ ସଦର ଥାନାଧିକାରୀ ସମୀର କୁମାର ରାଉତ ଘଟଣାସ୍ଥଳରେ ପହଂଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ସହିତ ଅଭିଯୁକ୍ତ ମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେଇ ପ୍ରତିଶୃତି ଦେବାପରେ ରାସ୍ତାରୁ ହଟିଥିଲେ ଗ୍ରାମବାସୀ । ସୂଚନା ପ୍ରକାରେ, ରାମାଡି ଗ୍ରାମର ଯୁବକ ମାନେ ଗତକାଲି ରାତିରେ ଗଣେଶ ଭଷାଣିରେ ଯାଉଥିବା ବେଳେ ଦଡକି ଛକରେ ଦଡକି ଗ୍ରାମର ସରପଂଚଙ୍କ ପୁଅ ପପୁ ଓ ତାର କିଛି ବନ୍ଧୁ ମାରଣାସ୍ତ୍ର ସାହାଯ୍ୟରେ ରାମାଡିର ଯୁବକ ମାନଙ୍କୁ ମାଡ଼ ମାରିବା ସହିତ ଛୁରୀରେ ଆଘାତ କରିଥିଲେ । ଯାହା ଫଳରେ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଥିଲା । ଏହା ସହିତ ଏକ ଟ୍ରାକ୍ଟରକୁ ଭଙ୍ଗାରୁଜା କରିବା ସହ ସାଉଣ୍ଡ ବକ୍ସକୁ ମଧ୍ୟ ଭାଙ୍ଗିଥିବା ନେଇ ସୂଚନା ମିଳିଛି । ତେବେ ଅଭିଯୁକ୍ତ ମାନଙ୍କୁ ତୁରନ୍ତ ଗିରଫ ନକଲେ ଆଗାମୀ ଦିନରେ ପୁନର୍ବାର ଆନ୍ଦୋଳନ ହେବ ବୋଲି ରାମାଡ଼ି ଗ୍ରାମବାସୀ ପୋଲିସ ପ୍ରଶାସନକୁ ଚେତାବନୀ ଦେଇଛନ୍ତି ।

# ଲହୁଣୀପଡ଼ା, କୋଇଡ଼ା ଏବଂ ବିଶ୍ରା ବ୍ଲକର ବିଭିନ୍ନ ଗ୍ରାମପଞ୍ଚାୟତ ବୁଲିଲା 'ଅହିଂସା ରଥ'



ରାଉରକେଲା, ୦୪/୦୯ (ନି.ପ୍ର): ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ ଅବସରରେ ମହାତ୍ମା ଗାନ୍ଧିଙ୍କ ଅହିଂସା ନୀତି ଏବଂ ଜନସାଧାରଣଙ୍କ ଭିତରେ ଦେଶପ୍ରେମର ଜାଗରଣ ସୃଷ୍ଟି କରିବା ପାଇଁ 'ଅହିଂସା ରଥ' ସୁନ୍ଦରଗଡ଼ ଜିଲ୍ଲାର ସମସ୍ତ ବ୍ଲକ ପରିକ୍ରମା କରିଛି। ସୋମବାର ଦିନ ଏହି ରଥ ରାଉରକେଲା ସହର ସହିତ ଲହୁଣୀପଡ଼ା, କୋଇଡ଼ା ଏବଂ ବିଶ୍ରା ବ୍ଲକର ବିଭିନ୍ନ ସ୍ଥାନକୁ ଯାଇ ଲୋକମାନଙ୍କ ଆଗରେ ସ୍ୱାଧୀନତା ସଂଗ୍ରାମୀମାନଙ୍କ ବଳିଦାନ ସମ୍ପର୍କିତ ବାର୍ତ୍ତା ପ୍ରଦାନ କରିଛି। ରାଜ୍ୟ ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଏହି 'ଅହିଂସା ରଥ' ସମଗ୍ର ରାଜ୍ୟ ପରିକ୍ରମା କରୁଛି। ଗତ ଅଗଷ୍ଟ ୧୫ ତାରିଖରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଏହି ରଥ ଶୁଭାରମ୍ଭ କରିବା ପରେ ପର୍ଯ୍ୟାୟକ୍ରମେ ଏହା ରାଜ୍ୟର ସମସ୍ତ ଜିଲ୍ଲାକୁ ଯାଉଛି। ଗତ ୨ ତାରିଖ ଦିନ ଦୁଇଟି ଅହିଂସା ରଥ ସୁନ୍ଦରଗଡ଼ ଜିଲ୍ଲାରେ ପ୍ରବେଶ କରିଥିଲା। ବିଭିନ୍ନ ବ୍ଲକରେ ଏହି ରଥକୁ ସ୍ଥାନୀୟ ଲୋକନୃତ୍ୟ, ସଂକୀର୍ତ୍ତନ ମାଧ୍ୟମରେ ଭବ୍ୟ ସ୍ୱାଗତ କରାଯାଇଥିଲା। ସୋମବାର ଦିନ ଏହି ଅହିଂସା ରଥ ରାଉରକେଲା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟଠାରେ ପହଞ୍ଚିଥିଲା। ସ୍ଥାନୀୟ ଜନସାଧାରଣ, ଛାତ୍ରଛାତ୍ରୀ, ବୁଦ୍ଧିଜୀବୀମାନେ ଏହି ରଥକୁ ସ୍ୱାଗତ କରିଥିଲେ। ଏହାପରେ ରଥ ରାଉରକେଲା ମହାନଗର ନିଗମ କାର୍ଯ୍ୟାଳୟ, ଛେଣ୍ଡସ୍ଥିତ ବୀର ସୁରେନ୍ଦ୍ର ସାଏ ମାର୍କେଟ କମ୍ପ୍ଲେକ୍ସ ଏବଂ କୋଏଲ ନଗରର ଏନଏସି ମାର୍କେଟ ପର୍ଯ୍ୟନ୍ତ ଆସିଥିଲା। ସ୍ଥାନୀୟ ଲୋକନୃତ୍ୟ ସହିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇ ରଥକୁ ଭବ୍ୟ ସ୍ୱାଗତ କରାଯାଇଥିଲା। ଏହି ଅବସରରେ ରାଉରକେଲାର 'ସମ୍ପର୍କ' ଅନୁଷ୍ଠାନର କଳାକାରମାନଙ୍କ ପକ୍ଷରୁ ଏକ ପଥପ୍ରାନ୍ତ ନାଟକ ପରିବେଷଣ କରାଯାଇ ସ୍ୱାଧୀନତା ସଂଗ୍ରାମ, ଗାନ୍ଧିଜୀଙ୍କ ଅହିଂସା ନୀତି ଏବଂ ପରିବେଶକୁ ସ୍ୱଚ୍ଛ ରଖିବା ଲାଗି ବାର୍ତ୍ତା ଦିଆଯାଇଥିଲା। ରାଉରକେଲାର ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ବଂଶୀଧର ଦ୍ୱିବେଦୀଙ୍କ ପତ୍ନୀ ଦମୟନ୍ତୀ ଦ୍ୱିବେଦୀ ଓ ପୁଅଙ୍କୁ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ତଥା ମହାନଗର ନିଗମ କମିଶନର ଡାକ୍ତର ଶୁଭଙ୍କର ମହାପାତ୍ର, ଡେପୁଟି କମିଶନର ସୁଧାଂଶୁ କୁମାର ଭୋଇ, ସୀତାଦେବୀ ମାଝି, ଡକ୍ଟର ଗୌରବମୟ ପ୍ରଧାନ, ରୋନିତ କୁମାର, ରାଉରକେଲା ତହସିଲଦାର ଚନ୍ଦ୍ରକାନ୍ତ ମଲ୍ଲିକ, ରାଉରକେଲା ମହାନଗର ନିଗମର ଆସିଷ୍ଟାଣ୍ଟ କମିଶନର ସୁଶାନ୍ତ କୁମାର ବେଉରା, ଆସିଷ୍ଟାଣ୍ଟ କମିଶନର ନରେନ୍ଦ୍ର ପ୍ରଧାନ ଏବଂ ରାଉରକେଲା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୀମା ଫାତିମା ଏକ୍କା ପ୍ରମୁଖ ଉପସ୍ଥିତ ରହି ରଥକୁ ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ। ଏହି ରଥରେ ଏଲଇଡି ସ୍କ୍ରିନ ରହିଛି। ଏହା ମାଧ୍ୟମରେ ଗାନ୍ଧିଜୀଙ୍କ ଓଡ଼ିଶା ଆଗମନ ଏବଂ ସ୍ୱାଧୀନତା ସଂଗ୍ରାମୀମାନଙ୍କ ବଳିଦାନର କାହାଣୀ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଯାଉଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ଗୁରୁଦିବସରେ ୪୬ ଜଣ....

କରିବା ସହ ନିଜ ଗାଁର ପିଲାମାନଙ୍କୁ ମାଗଣା କମ୍ପ୍ୟୁଟର ଶିକ୍ଷା ଦେବା ପାଇଁ ଏକ କେନ୍ଦ୍ର ଖୋଲିଛନ୍ତି । ଅନେକ ବହି ରଖିଛନ୍ତି । ଯାହା ତାଙ୍କୁ ଆଜି ସାରା ଦେଶରେ ନୂଆ ପରିଚୟ ଆଣି ଦେଇଛି । ସମ୍ମାନ ଆଣି ଦେଇଛି । ପୁରସ୍କାର ବିତରଣ ପରେ ଗୁରୁଦିବସ ଅବସରରେ ନିଜର ପିଲାଦିନ କଥା, ନିଜ ଜନ୍ମମାଟିର କଥା, ଛାତ୍ର ଜୀବନ କଥା ମନେ ପକାଇଥିଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ତାପରେ ଶିକ୍ଷକତା କରିବା ପାଇଁ କିଛି ଦିନ ପାଇଁ ସୁଯୋଗ ମିଳିଥିବାରୁ ନିଜକୁ ଗର୍ବିତ ବୋଲି କହିଥିଲେ । ସେହିପରି ପୁରସ୍କାର ବିତରଣ ଉତ୍ସବ ବେଳେ ଯେତେବେଳେ ଉତ୍ତରାଖଣ୍ଡର ଶିକ୍ଷକ ପ୍ରଦୀପ ନେଗୀଙ୍କ ନାଁ ଡକାଯାଇଥିଲା ସେତେବେଳେ ଦେଖିବାକୁ ମିଳିଥିଲା ବିରଳ ଦୃଶ୍ୟ । ପ୍ରଦୀପ ନେଗୀ ଆସନରୁ ଉଠି ଆଶାବାଡି ଧରି ମଞ୍ଚକୁ ଆସୁଥିବାବେଳେ ପୁରସ୍କୃତ କରିବା ପାଇଁ ମଞ୍ଚରୁ ତଳକୁ ଓହ୍ଲାଇ ଆସିଥିଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ଆଉ ସେହିଠାରେ ତାଙ୍କୁ ସମ୍ମାନିତ କରିଥିଲେ । ତେବେ ଗୁରୁଦିବସ ଅବସରେ ମନୋନୀତ ହୋଇଥିବା ଦେଶର ୪୬ ଜଣ ଶିକ୍ଷକଙ୍କୁ ସମ୍ମାନିତ କରାଯାଇଛି ।

### ପିପିଲି ଚନ୍ଦ୍ରାଦେଇପୁର....

ଜଣାଇବା ପରେ ପିମ୍ପୁଡ଼ିଙ୍କୁ ଘଉଡ଼ାଇବା ପାଇଁ ଆରମ୍ଭ ହୋଇଛି ଉଦ୍ୟମ । ଗାଁରେ ମେଡ଼ିକାଲ ଟିମ୍ ପହଞ୍ଚି ପିମ୍ପୁଡ଼ି ସ୍ପ୍ରେ ସହାୟତାରେ ମାରିବା କାମ ଆରମ୍ଭ ହୋଇଛି । ବିଡ଼ିଓ, ପେଷ୍ଟ କଂଟ୍ରୋଲର, ଓୟୁଏଟି ଟିମ୍ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି । ପରୀକ୍ଷା ପାଇଁ ପିମ୍ପୁଡ଼ିର ସାମ୍ପୁଲ ନେଇଛନ୍ତି ଓୟୁଏଟି ଟିମ୍ । ଆଉ ଓୟୁଏଟି ବିଶେଷଜ୍ଞ କହିଛନ୍ତି, ସଂପୃକ୍ତ ଅଞ୍ଚଳ ଜଙ୍ଗଲରେ ଭର୍ତି ହୋଇରହିଛି । ପିମ୍ପୁଡି ଗାତରୁ ବାହାରକୁ ଆସିବା ଫଳରେ ଏଭଳି ସ୍ଥିତି ସୃଷ୍ଟି ହୋଇଛି ।

### ୭ରେ ବଙ୍ଗୋପସାଗରରେ....

ଜଗତସିଂହପୁର, ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼ ଓ ଦେବଗଡ଼ ପ୍ରଭୃତି ୨୫ଟି ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବଜ୍ରପାତ ସହ ପ୍ରବଳ ବର୍ଷାର ସମ୍ଭାବନା ରହିଛି। ତେବେ ଗଜପତି, ରାୟଗଡା ଓ କୋରାପୁଟ ଜିଲ୍ଲାରେ ଅଧିକ ବର୍ଷା ହୋଇପାରେ । ଏହାକୁ ଦୃଷ୍ଟିରେ ରଖି ଏହି ସମସ୍ତ ଜିଲ୍ଲାଗୁଡ଼ିକୁ ୟେଲୋଓ୍ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ।

### ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରିବେ....

ବ୍ୟାରିକେଡ୍ ବ୍ୟବସ୍ଥା ହେବ। ଏହାସହ ବିମାନବନ୍ଦରରେ ପ୍ରବଳ ଜନସମାଗମ ହେବ। ବିଶେଷ କରି ସକାଳ ୮ରୁ ଅପରାହ୍ନ ୧ଘଟିକା ପର୍ଯ୍ୟନ୍ତ ଜନସମାଗମ ରହିବ। ତେଣୁ ବିମାନଯାତ୍ରା କରିବାକୁଥିବା ଯାତ୍ରୀମାନେ ନିର୍ଦ୍ଧାରିତ ସମୟର ୩ଘଂଟା ଆଗରୁ ବିମାନବନ୍ଦରରେ ପହଂଚିବାକୁ ଅନୁରୋଧ କରାଯାଇଛି।

## ବ୍ୟକ୍ତିଗତ ଆକ୍ରୋଶକୁ ନେଇ ନିଆଁ ଲଗାଇବା ଘଟଣାରେ ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ଅଟକ

ନୀଳଗିରି,୦୫/୦୯ (ନି.ପ୍ର): ଗତକାଲି ରାତିରେ ନୀଳଗିରି ଥାନା ଅଧିନସ୍ଥ କେପିଲାଖରାଜ ପଂଚାୟତର ଗୋବର୍ଦ୍ଧନପୁର ଗ୍ରାମରେ ଘଟିଛି ଏପରି ଅଘଟଣ । ପ୍ରାପ୍ତ ସୂଚନା ଅନୁସାରେ ଉକ୍ତ ଗ୍ରାମର ରମେଶଚନ୍ଦ୍ର ରଣାଙ୍କ ଦୋକାନ ସହିତ ବାସଭବନକୁ ବ୍ୟକ୍ତିଗତ ରାଗ ରଖି ନିଆଁ ଲଗାଇ ଦେଇଥିବାର ଅଭିଯୋଗ ହୋଇଛି । ଫଳରେ ତାଙ୍କର ସମସ୍ତ ଜିନିଷ ଗାଡ଼ି, ଗ୍ୟାସ ଦୋକାନ ସାମଗ୍ରୀ ପୋଡ଼ି ସବୁ ନଷ୍ଟ ହୋଇଯାଇଥିଲା । ଘଟଣାକୁ ନେଇ ଗାଁରେ ଉତେଜନା ଦେଖା ଦେଇଥିବା ବେଳେ ପୋଲିସ ହରେନ୍ଦ୍ର ପତିନାମକ ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀଙ୍କୁ ଅଟକ ରଖି ତଦନ୍ତ କରୁଥିବାର ଜଣାପଡ଼ିଛି । ବିଜୁ ଜନତା ଦଳର ରାଜ୍ୟ ଯୁଗ୍ମ ସମ୍ପାଦକ ତଥା ୧୩ନଂ. ଜୋନ୍ ର ଜିଲ୍ଲା ପରିଷଦ ସଭ୍ୟ ଗତିକୃଷ୍ଣ ନନ୍ଦ, ଯୁବ ବିଜେଡି ସଭାପତି ଧୀରେନ୍ଦ୍ର ଲେଙ୍କା, ଅସିତ୍ ଦାସ, ପ୍ରମୁଖ ପହଂଚି ପରିବାର ଲୋକଙ୍କୁ କିପରି ସରକାରୀ ସାହାଯ୍ୟ ମିଳିବ ସେ ବ୍ୟବସ୍ଥା କରିବେ ବୋଲି ପ୍ରତିଶୃତି ଦେଇଛନ୍ତି ।

## ଝାଡ଼ାବାନ୍ତି ୨ ଜୀବନ ନେଲାଣି

ଭବାନୀପାଟଣା,୦୫/୦୯ (ନି.ପ୍ର): କଳାହାଣ୍ଡି ଜିଲ୍ଲା ମଦନପୁର ରାମପୁର ବ୍ଲକ ଅନ୍ତର୍ଗତ ଗୁନଙ୍ଗବେଡ଼ା ଗ୍ରାମରେ ଝାଡ଼ାବାନ୍ତି ଥମିବାର ନାଁ ନେଉନାହିଁ। ଝାଡ଼ାବାନ୍ତିରେ ଅଦ୍ୟାବଧି ୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୭ ଜଣ ଗୁରୁତର ଥିବା ସୂଚନା ମିଳିଛି । ମେଡିକାଲ ଟିମ୍ ଗ୍ରାମରେ ପହଂଚି ଆକ୍ରାନ୍ତଙ୍କୁ ଚିକିତ୍ସା ସେବା ଯୋଗାଇ ଦେଉଛନ୍ତି ।

## ବାଲେଶ୍ୱର ଜିଲ୍ଲା ବିଉଟିପାର୍ଲର ସଂଘ ଗଠିତ

ଜଳେଶ୍ୱର, ୫/୯(ନି.ପ୍ର): ଆଜି ଜଳେଶ୍ୱରର ଦେବିକନ୍ୟା ମେକ୍ଅପ୍ ଷ୍ଟୁଡିଓ ଠାରେ ଓଡିଶା ବିଉଟିଫିକେସନ୍ ୱେଲଫେୟାର ଏସୋସିଏସନ୍‌ର ଏକ କର୍ମଶାଳା ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ରାଜ୍ୟ ସଭାପତି ସୁପ୍ରିୟା ମିଶ୍ର ସଭାପତିତ୍ୱ କରିଥିଲେ । ସଂଘୀୟ ଜୀବନ ଯାପନର ଆବଶ୍ୟକତା ଓ ଜନସାଧାରଣଙ୍କୁ ଅଧିକ ସୁବିଧା ସୁଯୋଗ ଦେବା ସଂପର୍କରେ ଆଲୋଚନା କରାଯାଇଥିଲା । ଏଥିରେ ବାଲେଶ୍ୱର ଜିଲାର ସଭାନେତ୍ରୀଭାବେ ନିବେଦିତା ପ୍ରଧାନଙ୍କୁ ମନୋନୀତ କରାଯାଇଛି । ଜିଲାରେ ଥିବା ବିଉଟିପାର୍ଲର ଗୁଡିକ ସରକାରୀ ନିତିନିୟମରେ ଚଳିବାକୁ ଶ୍ରୀମତୀ ପ୍ରଧାନ ଅନୁରୋଧ କରିଥିଲେ । ସାମାଜିକ କ୍ଷେତ୍ରରେ ଜନସାଧାରଣଙ୍କର ସେବା କରିବା ଉଚିତ୍ ବୋଲି ରାଜ୍ୟ ଉପସଭାପତି କୃଷ୍ଣ ପ୍ରିୟା ତ୍ରିପାଠୀ , ସଂପାଦିକା ସୁନିତା ରାୟ, କାର୍ଯ୍ୟକାରୀ ସଦସ୍ୟା ଲୋପାମୁଦ୍ରା ଦାସ ପ୍ରମୁଖ ବକ୍ତବ୍ୟ ରଖିଥିଲେ । ଆସନ୍ତା ୧୬ ତାରିଖରେ କଟକସ୍ଥିତ ସହିଦ୍ ଭବନଠାରେ ରାଜ୍ୟର କାର୍ଯ୍ୟକାରିଣୀ ବୈଠକ ହେବ ବୋଲି ସ୍ଥିର କରାଯାଇଥିବା ସଭାପତି ସୁପ୍ରିୟା ମିଶ୍ର କହିଛନ୍ତି ।

## ଡିଭାଇନ ଟ୍ୟୁଟୋରିଆଲରେ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ନୀଳଗିରି,୦୫/୦୯ (ନି.ପ୍ର): ନୀଳଗିରିର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଡିଭାଇନ ଟ୍ୟୁଟୋରିଆଲ ପକ୍ଷରୁ କୃତି ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଅଛି । ଏହି ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟ ଅତିଥି ଭାବେ ନୀଳଗିରି ଏସ.ଡି.ପି.ଓ. ରୀତେଶ କୁମାର ମହାପାତ୍ର ଉପସ୍ଥିତ ରହି କୃତି ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଶିକ୍ଷାନୁଷ୍ଠାନର ପରିଚାଳକ ତଥା ଅଧକ୍ଷ ସୁଶାନ୍ତ କୁମାର ମହାପାତ୍ର ସ୍ୱାଗତ ଭାଷଣ ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ । ଚଳିତ ବର୍ଷ +୨ କଳାରେ ନୀଳଗିରି ବ୍ଲକର ଦ୍ୱିତୀୟ ଟପର ତଥା ନୀଳଗିରି ମହିଳା ମହାବିଦ୍ୟାଳୟର ସୁବାସିନୀ ନାୟକଙ୍କୁ ପ୍ରଥମେ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ନୀଳଗିରି ମହାବିଦ୍ୟାଳୟର ତୃପ୍ତିମୟୀ ବେହେରା, ନିରୁପମା ଦାଶ, ସୁଭଦ୍ରା ମହାନ୍ତି, ଦୀପ୍ତିପ୍ରିୟ ଦର୍ଶନୀ ଭୂୟାଁ, ମହିମାମହୀ ରାଉତ, ରଶ୍ମିତା ନାୟକ, ୫୦୦ ରୁ ଉର୍ଦ୍ଧ୍ୱ ନମ୍ବର ରଖି ସମ୍ବର୍ଦ୍ଧିତ କରାଯାଇଅଛି । ମୋଟ ୭୮ଜଣ ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ସେହିପରି +୩ରେ ଦୀଜୀକୃଷ୍ଣ ମହାରଣା ୮୨.୩୬% ନମ୍ବର ରଖି ନୀଳଗିରି ମହାବିଦ୍ୟାଳୟର ଟପ୍ପର ହୋଇଥିବା ବେଳେ ତାଙ୍କୁ ମଧ୍ୟସମ୍ବର୍ଦ୍ଧିତ କରାଯାଇଥିଲା ।

## ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ



ବାସୁଦେବପୁର, ୦୫/୦୯ (ନି.ପ୍ର): ଜିଲ୍ଲା ପ୍ରଶାସନ ଭଦ୍ରକ ଓ ବ୍ଲକ ପ୍ରଶାସନ ବାସୁଦେବପୁର ର ମିଳିତ ସହଯୋଗରେ ପଂଚାୟତ ସମିତି ବାସୁଦେବପୁର ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ବ୍ଲକ ସ୍ତରୀୟ ଭୀମ ଭୋଇ ସାମର୍ଥ୍ୟ ଶିବିର ବିରସ ୟୁ ପି ଏମ ଇ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଉତ୍ସବ କୁ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ ବ୍ଲକ ଅଧକ୍ଷ ନଗେନ୍ଦ୍ର ବିଶ୍ୱାଳ, ସାଂସଦ ପ୍ରତିନିଧି ସୁରେଶ ଚନ୍ଦ୍ର ମହାନ୍ତି, ବିଧାୟକ ପ୍ରତିନିଧି ଅସିତ ଦାଶ, ସ୍ଥାନୀୟ ସରପଞ୍ଚ ରୁଚିସ୍ମିତା ବାରିକ,ସମିତି ସଭ୍ୟ ସଂଜୀବ ନାୟକ,ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁରେନ୍ଦ୍ର ଗମାଙ୍ଗ,ଜିଲ୍ଲା ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ସୁବାସ ଚନ୍ଦ୍ର ନାୟକ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଆଭା ରଂଜିତା ପୁହାଣ,ଡାକ୍ତର ସୁଶାନ୍ତ ସାମନ୍ତ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ବାସୁଦେବପୁର ବିଡ଼ିଓ ସତ୍ୟଜିତ ରାଉତ ଏହି ସଭା ରେ ସଭାପତିତ୍ୱ କରିଥିଲେ । ସମାଜସେବୀ ନିରଂଜନ ଦାସ ଅତିଥି ପରିଚୟ ଓ ଧନ୍ୟବାଦ ଦେଇଥିଲେ । ଏହି ଶିବିରରେ ୬୫୭ ଜଣ ଦିବ୍ୟାଙ୍ଗ ବିଭିନ୍ନ ବିଭାଗର ନାମ ପଂଜି କରଣ କରି ଚିକିତ୍ସିତ ହୋଇଥିଲେ । ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ ପଳିତା,କୃଷ୍ଣଚନ୍ଦ୍ର ଘଡେଇ, ପୂର୍ବତନ ସମିତି ସଭ୍ୟ ରତିକାନ୍ତ ବାରିକ,ସମାଜସେବୀ ବିଜୟ ନାୟକ, ପବିତ୍ର ରଞ୍ଜନ ପୁହାଣ,କନିଷ୍ଠ ଯନ୍ତ୍ରୀ ରାଜୀବ ସେଠୀ, ରମେଶ ସାମଲ,ସୂର୍ଯ୍ୟକାନ୍ତ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଶିବିରରେ ବିଭିନ୍ନ ପଂଚାୟତ ରୁ ଲୋକମାନେ ଆସି ଯୋଗ ଦେଇଥିଲେ ।

## ପ୍ରାଥମିକ- ନୂତନ ପେନ୍‌ସନ ଯୋଜନା ଶିକ୍ଷକଙ୍କ ବୈଠକ

ଜଳେଶ୍ୱର, ୦୫/୯(ନି.ପ୍ର): ଜଳେଶ୍ୱର ବ୍ଲକର ଝାଡେଶ୍ୱରପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଜଳେଶ୍ୱର ଶିକ୍ଷା ମଣ୍ଡଳର (୨୦୦୧-୨୦୧୫) ନୂଆ ପେନ୍‌ସନ ଯୋଜନା ଅଧିନରେ ଥିବା ୪୪୮ ଜଣ ଶିକ୍ଷକଙ୍କ ନେଇ ଏକ ଅଧିବେସନ ଓ କର୍ମଶାଳା ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ସତ୍ୟରଂଜନ ଦାସ ଓ ସରୋଜ କୁମାର ପ୍ରଧାନ ଯୁଗ୍ମ ସଭାପତିତ୍ୱ କରିଥିବା ବେଳେ ରାଜ୍ୟ ସଂପାଦକ ଖଗେନ୍ଦ୍ର ନାଥ ପାଳ ଏହି ଯୋଜନା ସଂପର୍କରେ ବିଷଦ ଆଲୋଚନା କରିଥିଲେ। ଏହି ଆଲୋଚନାରେ କାର୍ଯ୍ୟକାରୀ ସଭାପତି ଦିଲ୍ଲିପ କୁମାର ସେଠୀ, ସଂପାଦକ ଶ୍ୟାମସୁନ୍ଦର ଦେ, ଯୁଗ୍ମ ସଂପାଦକ ପ୍ରଦୀପ ସିଂ, ସଂଯୋଜକ ମାନସ କୁମାର ଦାସ ଓ ନିବେଦିତା ନାୟକ, ଉପସଭାପତି କୁର୍ଣ୍ଣଲତା ଟୁଡୁ, ଉତ୍ତମ ଦାସ, ନବକିଶୋର ଦତ୍ତ, ଚିତ୍ତରଂଜନ ଘୋଷ, ସମର ପରିଡା, ସୀତାରାମ ମୁର୍ମୁ, ଅଶ୍ୱିନୀ ଜେନା, ଗଜେନ୍ଦ୍ର ଜେନା ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରି ରାଜ୍ୟ ସଂଘ ସହିତ କାର୍ଯ୍ୟ କରିବେ ବୋଲି କହିଥିଲେ ।

## ଛାତ୍ର ଜୀବନର ଶିକ୍ଷକଙ୍କ ଠାରୁ ଆଶୀର୍ବାଦ ନେଲେ ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀ

ନୀଳଗିରି,୦୫/୦୯ (ନି.ପ୍ର): ଗୁରୁ ବ୍ରହ୍ମା, ଗୁରୁ ବିଷ୍ଣୁ, ଗୁରୁ ଦେବ ମହେଶ୍ୱର, ଗୁରୁ ସାକ୍ଷାତ ପରଂବ୍ରହ୍ମ, ତସ୍ମୈଶ୍ରୀ ଗୁରୋବେ ନମଃ । ଆଜି ଗୁରୁ ଦିବସରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ତାଙ୍କର ଛାତ୍ର ଜୀବନର ଶିକ୍ଷକ ସମ୍ମାନନୀୟ ତ୍ରିଲୋଚନ ସାହୁଙ୍କ ବାଲିଗୋହିରୀସ୍ଥିତ ବାସଭବନରେ ପହଂଚି ଶିକ୍ଷକଙ୍କ ଠାରୁ ଆଶୀର୍ବାଦ ଭିକ୍ଷା କରିବା ସହ ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥା ବିଷୟରେ ପଚାରି ବୁଝିଥିଲେ । ମାନ୍ୟବର ସାଂସଦ ଶ୍ରୀଯୁକ୍ତ ଷଡ଼ଙ୍ଗୀ ଶିକ୍ଷକଙ୍କ ପାଦଛୁଇଁ ଆଶିଷ ଭିକ୍ଷା ଗୁରୁଦିବସରେ ମାଗିଛନ୍ତି ।

## ସମ୍ମାନିତ ହେଲେ ଚିତ୍ରକୋଣ୍ଡା ବ୍ଲକର ତିନି ଶିକ୍ଷକ

ମାଲକାନଗିରି, ୦୫/୦୯ (ନି.ପ୍ର): ମାଲକାନଗିରି ଜିଲ୍ଲା ସ୍ତରୀୟ ଗୁରୁ ଦିବସ ପାଳନ ଉତ୍ସବରେ ପ୍ରଶାସନ ଦ୍ୱାରା ଆଦର୍ଶ ଶିକ୍ଷକ ରୂପେ ଜିଲ୍ଲାପାଳ ବିଶାଲ ସିଂ ଙ୍କ ଦ୍ୱାରା ସମ୍ମାନିତ ହୋଇଛନ୍ତି ଚିତ୍ରକୋଣ୍ଡା ବ୍ଲକର ତିନି ଜଣ ଶିକ୍ଷକ। ସମ୍ମାନିତ ହୋଇଥିବା ଶିକ୍ଷକ ମାନେ ହେଲେ ଟେମ୍ପୋରରୀ କଲୋନୀ ସ୍କୁଲର ପ୍ରଧାନ ଶିକ୍ଷକ ଦୁର୍ଯ୍ୟୋଧନ ସେଠି, ବଡ଼ପଡା ଏଜୁକେସନ କମ୍ପ୍ଲେକ୍ସ ର ଶିକ୍ଷୟତ୍ରୀ ସୁମିତ୍ରା ସରୁ ଓ ଯନ୍ତାପାଇ ବିଦ୍ୟାଳୟର ଶିକ୍ଷକ ହରି ବେହେରା।

## ନକଲି ଲୁଣ ଓ ଡିଟରଜେଂଟ ଫ୍ୟାକ୍ଟ୍ରି ଉପରେ ଚଢାଉ : ଜଣେ ଅଟକ

ଭୁବନେଶ୍ୱର,୦୫/୦୯ (ନି.ପ୍ର): ଭୁବନେଶ୍ୱର ପାହାଳ ଥାନା ଅନ୍ତର୍ଗତ ଶିବଶକ୍ତିନଗରରୁ ନକଲି ଲୁଣ ଓ ଡିଟରଜେଂଟ ପ୍ରସ୍ତୁତ କରୁଥିବା କାରଖାନା ଠାବ ହୋଇଛି। ଟାଟା ସଲ୍ଟ ଓ ସର୍ଫ ଏକ୍ସେଲ ଭଳି ନାମୀଦାମୀ କମ୍ପାନୀର ଲୋଗୋରେ ପ୍ୟାକେଜିଂ କରି ଭେଜାଲ ସାମଗ୍ରୀ ବିକ୍ରୀ କରାଯାଉଥିଲା। ଏହି ମାମଲାରେ ପାହାଳ ପୋଲିସ୍ ଜଣେ ଯୁବକଙ୍କୁ ଅଟକ ରଖି ପଚରାଉଚରା କରୁଛି। ସୋମବାର ଦିନ ବିଶେଷ ସୂତ୍ରରୁ ଖବର ପାଇବା ପରେ ବିଏମ୍‌ସି ଖାଦ୍ୟ ସୁରକ୍ଷା ଅଧିକାରୀଙ୍କୁ ଧରି ଏଠାରେ ଚଢ଼ାଉ ହୋଇଥିଲା। ଚଢ଼ାଉ କରିବା ବେଳେ ଏଠାରେ ବିପୁଳ ପରିମାଣର ନକଲି ଲୁଣ ପ୍ୟାକେଟ ଓ ଡିଟରଜେଂଟ ପ୍ୟାକେଟ୍ କୁ ଜବତ କରାଯାଇଛି। ଖାଦ୍ୟ ସୁରକ୍ଷା ଅଧିକାରୀ ଏହି ଗୋଦାମରେ ଉପସ୍ଥିତ କର୍ମଚାରୀଙ୍କୁ ଏହି ୟୁନିଟ୍ ଚଳାଇବା ନିମନ୍ତେ ଫୁଡ୍ ଲାଇସେନ୍ସ ଓ ପ୍ୟାକେଜିଂ ଲାଇସେନ୍ସ ମିଳିଛି ନା ନାହିଁ ପଚାରିଥିଲେ। ହେଲେ ଗୋଦାମରେ ଉପସ୍ଥିତ ବ୍ୟକ୍ତି ଏ ସବୁ ବିଷୟରେ କିଛି କହିପାରି ନ ଥିଲେ। ତେଣୁ ପୋଲିସ ଗୋଦାମକୁ ସିଜ୍ କରିଛି। ଖାଦ୍ୟ ସୁରକ୍ଷା ଅଧିକାରୀ ଲୁଣ ଓ ଡିଟରଜେଂଟ ନମୁନା ସଂଗ୍ରହ କରି ନେଇଛନ୍ତି। ଟାଟା ସଲ୍ଟ ପ୍ୟାକେଟରେ ନକଲି ଲୁଣ ଭର୍ତି ହୋଇଥିବା ବେଳେ ସର୍ଫ ଏକ୍ସେଲ୍ କମ୍ପାନୀ ପ୍ୟାକଟରେ ନିକଲି ଡିଟରଜେଂଟ ପଶିଥିଲା। ଖୋଲା ବଜାରରେ ମିଳୁଥିବା ସାଧାରଣ ଲୁଣକୁ କିଣି ଟାଟା ସଲ୍ଟ ଜରି ପ୍ୟାକେଟରେ ପ୍ୟାକିଂ କରାଯାଉଥିଲା। ଜରିକୁ ବ୍ରାଣ୍ଡିଂ ଓ ପ୍ୟାକିଂ କରାଯିବା ନିମନ୍ତେ ଏଠାରେ ଅନେକ ମେସିନ୍ ବ୍ୟବହୃତ ହେଉଥିଲା।

## ଲାୟନ୍ସ କ୍ଲବ ନୟାପଲ୍ଲୀର ଗୁରୁଦିବସ ପାଳିତ

ଭୁବନେଶ୍ୱର,୦୫/୦୯ (ନି.ପ୍ର): ଗୁରୁ ଦିବସ ଉପଲକ୍ଷେ ଲାୟନ୍ସ କ୍ଲବ ନୟାପଲ୍ଲୀର ସଭ୍ୟମାନେ ଭୁବନେଶ୍ୱରସ୍ଥିତ ୟୁଜି ଉଚ୍ଚ ବିଦ୍ୟାଳୟର ଶିକ୍ଷକମାନଙ୍କୁ ଏକ ବର୍ଣ୍ଣାଢ୍ୟ ସମାରୋହରେ ସମ୍ମାନିତ କରିଥିଲେ। କ୍ଲବର ସଭାପତି ଲାୟନ ଟି. ରବି କୁମାର ପାତ୍ର ତାଙ୍କର ଭାଷଣରେ ଶିକ୍ଷକମାନଙ୍କ କର୍ତବ୍ୟ, ଅବଦାନ ଓ ଛାତ୍ରଛାତ୍ରୀମାନଙ୍କର ଚରିତ୍ର ଗଠନ ବିଷୟରେ ବର୍ଣ୍ଣନା କରିବା ସଙ୍ଗେ ସଙ୍ଗେ ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ପାଇଁ ସହାୟତାର ହାତ ବଢାଇବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଅନିତା ପଣ୍ଡା କ୍ଲବର ଏପରି ପ୍ରତିଶ୍ରୁତି ପାଇଁ ଧନ୍ୟବାଦ ଜ୍ଞାପନ କରିଥିଲେ। ଉକ୍ତ ଉତ୍ସବରେ ନୟାପଲ୍ଲୀ କ୍ଲବର ସଭ୍ୟ ଲାୟନ ପ୍ରଦୀପ୍ତ ମହାନ୍ତି, କୋଷାଧକ୍ଷ ଲାୟନ ଦେବସ୍ମିତା ମିଶ୍ର, ଲାୟନ ନିକୁଞ୍ଜ ଷଡ଼ଙ୍ଗୀ, ଲାୟନ ପ୍ରମୋଦ ଜେନା, ଲାୟନ ସତ୍ୟେନ୍ଦ୍ର ନାରାୟଣ ପଟ୍ଟନାୟକ ଏବଂ ଲାୟନ ନିର୍ମଳ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଏହି ଉତ୍ସବରେ ୧୮ ଜଣ ଶିକ୍ଷକ ଶିକ୍ଷୟତ୍ରୀମାନଙ୍କୁ ଉତରୀୟ ଓ ଉପହାର ଦେଇ ସମ୍ମାନିତ କରାଯିବା ସହିତ ସମାଜର ମୁଖ୍ୟସ୍ରୋତର ପୁରୋଧା ବୋଲି ଆଖ୍ୟା ଦିଆଯାଇଥିଲା।

## ସରସ୍ୱତୀ ବିହାରରେ ବିଶ୍ୱ ସଂସ୍କୃତ ଦିବସ ସମାରୋହ

ଭଦ୍ରକ,୦୫/୦୯ (ନି.ପ୍ର): ବିଶ୍ୱ ବିଖ୍ୟାତ ଲୋକଭାଷା ପ୍ରଚାର ସମିତି ପକ୍ଷରୁ ସ୍ଥାନୀୟ ସରସ୍ୱତୀ ବିହାରରେ ଜିଲ୍ଲା ସଭାପତି ଡକ୍ଟର ପ୍ରମୋଦ କୁମାର ନାୟକଙ୍କ ସଭାପତିତ୍ୱରେ ସଂସ୍କୃତ ଦିବସ ସମାରୋହ ଅନୁଷ୍ଠିତ ହୋଇ ଯାଇଛି। ରାଷ୍ଟ୍ରୀୟ ସଂସ୍କୃତ ବିଦ୍ୱାନ ପଣ୍ଡିତ ଭାଗୀରଥି ନନ୍ଦଶର୍ମାଙ୍କ ଦ୍ୱାରା ଉଦ୍‌ଘାଟିତ ଏହି କାର୍ଯ୍ୟକ୍ରମରେ ଭଦ୍ରକ ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଯତୀନ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସଂସ୍କୃତ ଭାଷାର ଉପାଦେୟତା ଉପରେ ଗୁରୁତ୍ୱ ଆରୋପ କରିଥିଲେ। ବିଶିଷ୍ଟ ଶିଳ୍ପପତି ପୁରୁଷୋତ୍ତମ ଭାରତୀ ସଂସ୍କୃତ ଭାଷାର ବ୍ୟାପକ ପ୍ରଚାର ପ୍ରସାର ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ସମିତି ରାଷ୍ଟ୍ରୀୟ ଅଧକ୍ଷ ଡ. ସଦାନନ୍ଦ ଦୀକ୍ଷିତଃ ସଂସ୍କୃତର ବିଶ୍ୱବ୍ୟାପୀ ଆଗ୍ରହ ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରାରମ୍ଭରେ ବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସଂସ୍କୃତ ଭାଷଣ, ସଂସ୍କୃତ ନାଟକ, ସଂଗୀତ ଓ ଗୀତାବୃତ୍ତି ପ୍ରତିଯୋଗିତା ପଣ୍ଡିତ ଆଲୋକ କୁମାର ପ୍ରଧାନଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା। ସରସ୍ୱତୀ ଶୋଧ ସଂସ୍ଥାନ ପକ୍ଷରୁ ଡ. ବିଶ୍ୱରଂଜନ ପଣ୍ଡାଙ୍କ ସଂଯୋଜନାରେ ଏକ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। ସ୍ୱତନ୍ତ୍ରତା ସଂଗ୍ରାମରେ ସଂସ୍କୃତର ଅବଦାନ ଶୀର୍ଷକ ଆଲୋଚନାଚକ୍ରରେ ସଭାପତିତ୍ୱ କରିଥିଲେ ଗୁଜୁରାଟର ସର୍ବାଙ୍ଗୀ ଜୀବନ ବିଜ୍ଞାନ ସଂସ୍ଥାନର ନିର୍ଦ୍ଦେଶିକା ଡ. ଯଶୋଧାରା କର। ଅଧ୍ୟାପକଗଣ ଗବେଷଣା ପ୍ରବନ୍ଧ ପାଠ କରିଥିଲେ। ଏହି ଅବସରରେ ବିଶିଷ୍ଟ ସଂସ୍କୃତ ବିଦ୍ୱାନ ପଣ୍ଡିତ ନିତ୍ୟାନନ୍ଦ ମିଶ୍ର, ଡ. ଯଶୋଧାରା କର, ପଣ୍ଡିତ ବିଷ୍ଣୁମୋହନ ପ୍ରଧାନ, ଶୈଳେନ୍ଦ୍ର ନାରାୟଣ ପାଢୀଙ୍କୁ ଉପାଧି ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀଯୁକ୍ତ ପଣ୍ଡାଙ୍କୁ ମଧ୍ୟ ପଣ୍ଡିତ ମଣ୍ଡଳୀ ପକ୍ଷରୁ 'ସଂସ୍କୃତ ଭୂଷଣ' ଉପାଧି ବିମଣ୍ଡିତ କରାଯାଇଥିଲା। ମାସିକ ସଂସ୍କୃତ ପତ୍ରିକା 'ଲୋକଭାଷାସୁଶ୍ରୀଃ' ଲୋକାର୍ପିତ କରାଯାଇ ବଣ୍ଟନ କରାଯାଇଥିଲା। ସଭାରମ୍ଭରେ ପଣ୍ଡିତ କଳ୍ପତରୁ ଉଦ୍‌ଗାତା ସ୍ୱାଗତ ଅଭିଭାଷଣ ଓ ଶେଷର ପଣ୍ଡିତ ସମରେନ୍ଦ୍ର ଉଦ୍‌ଗାତା ଧନ୍ୟବାଦ ଅର୍ପଣ କରିଥିଲେ।

## ଶିକ୍ଷକ ସଙ୍ଘର ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଉତ୍ସବ




ବାରିପଦା, ୦୫/୦୯ (ନି.ପ୍ର): ବାରିପଦା ସହୀଦ ସ୍ମୃତି ଭବନ ପରିସରରେ ନିଖିଳ ଉତ୍କଳ କଲ୍ୟାଣ ଶିକ୍ଷକ ଓ ଶିକ୍ଷା ନିରୀକ୍ଷକ ସଙ୍ଘ ମୟୂରଭଂଜ ଜିଲ୍ଲା ଶାଖା ତରଫରୁ ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇ ଯାଇଛି । ଶିକ୍ଷା ମଣ୍ଡଳାଧିଶ ଚନ୍ଦ୍ରଭାନୁ ମହାପାତ୍ରଙ୍କ ଅଧ୍ୟକ୍ଷତାରେଆନୁଷ୍ଠିତ ସଭାରେ ବାରିପଦା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଶ୍ରୀଯୁକ୍ତ ବସନ୍ତ ସେଠୀ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିବା ବେଳେ ରାଜ୍ୟ ସଂଘର ଉପଦେଷ୍ଟା ଶ୍ରୀଯୁକ୍ତ ସ୍ୱପ୍ନେଶ୍ୱର ସାହୁ ମୁଖ୍ୟ ବକ୍ତା, ମୟୂରଭଂଜ ଜିଲ୍ଲାର ଭାରପ୍ରାପ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ସୁନାରାମ ସିଂହ, ଜିଲ୍ଲା ଶିକ୍ଷା ନିରୀକ୍ଷକ ମାନସ ରଂଜନ ତ୍ରିପାଠୀ ଏବଂ ନିଖିଳ ଉତ୍କଳ କଲ୍ୟାଣ ଶିକ୍ଷକ ଓ ଶିକ୍ଷା ନିରୀକ୍ଷକ ସଂଘର ରାଜ୍ୟ ସଭାପତି ଶ୍ରୀଯୁକ୍ତ ବିଶିକେଶନ ନାଗ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରଥମେ ଅକାଳ ବିୟୋଗ ଘଟିଥିବା ୧୨ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପାଇଁ ନିରବ ପ୍ରାର୍ଥନା କରାଯାଇଥିଲା । ମୟୂରଭଂଜ ଜିଲ୍ଲାରେ ଜିଲ୍ଲା ମଙ୍ଗଳ ଅଧିକାରୀ ରୂପେ ଉତମ କାର୍ଯ୍ୟସମ୍ପାଦନ କରି ଅବସର ଗ୍ରହଣ କରିଥିବା ଶ୍ରୀଯୁକ୍ତ ଚିତରଂଜନ ମହାପାତ୍ର, ମୟୂରଭଞ୍ଜ ଜିଲ୍ଲାରେ ଶିକ୍ଷକତା କାଳରେ ପଦନ୍ନତୀ ପାଇ ସୁନ୍ଦରଗଡ଼ ଜୋନର ଶିକ୍ଷା ମଣ୍ଡଳାଧିଶ ହୋଇଥିବା ରେବା ଦାସ ଏବଂ ଅବସର ଗ୍ରହଣ କରିଥିବା ମୋଟ ୫୬ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ମାନପତ୍ର ଓ ଉପଢୌକନ ଦେଇ ଜିଲ୍ଲା ଶିକ୍ଷକ ସଂଘ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅବସର ପ୍ରାପ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀଯୁକ୍ତ ମହାପାତ୍ର ତାଙ୍କ କାର୍ଯ୍ୟକାଳ ସମୟର ଅଭୁଲା ଅନୁଭୂତି ଓ ଭଞ୍ଜ ମାଟିର ଗୌରବ ଓ ମହାନତା ସମ୍ପର୍କରେ ସ୍ମୃତିଚାରଣ କରିଥିଲେ । ଉକ୍ତ ସଭାରେ ପୂର୍ବତନ ରାଜ୍ୟ ସଙ୍ଘ ସମ୍ପାଦକ ଶ୍ରୀଯୁକ୍ତ ଦୀପକ କୁମାର ଦଣ୍ଡପାଟ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଜିଲ୍ଲା ସଙ୍ଘ ସମ୍ପାଦକ ଦୀପ୍ତିକାନ୍ତ ଜେନା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ମୟୂରଭଂଜ ଜୋନର ନୋଡାଲ ସମ୍ପାଦକ ଦେବେନ୍ଦ୍ର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିବା ବେଳେ, ଜିଲ୍ଲା ସଙ୍ଘ ସଭାପତି ଧ୍ରୁବଚରଣ ମୁର୍ମୁଙ୍କ ନେତୃତ୍ୱରେ ଜୟନ୍ତ କୁମାର ପାଣିଗ୍ରାହୀ, ଦୀପକ ସେଠୀ, ପଦ୍ମଲୋଚନ ଆଚାର୍ଯ୍ୟ , ଉମା ଦେ ମଂଚ ପରିଚାଳନା ଏବଂ ଶିକ୍ଷକ ପ୍ରଦୀପ କୁମାର ଭୂୟାଁ, ବିଶ୍ୱନାଥ ସାହୁ, ପ୍ରଶାନ୍ତ ସାହୁ, ବଳରାମ ବାରିକ, ରୋହିନ କୁମାର ମହାନ୍ତ, ଭାବତୋଷ ଦାସ, ରଜତ ଦାସ ଏବଂ ବସନ୍ତ ବେହେରା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଜିଲ୍ଲାର ବିଭିନ୍ନ କୋଣ ଅନୁକୋଣରୁ ଅନେକ ଶିକ୍ଷକ ଶିକ୍ଷୟିତ୍ରୀ ଏଥିରେ ଅଂଶ ଗ୍ରହଣ କରିଥିଲେ ।


OFFICE OF THE SUPERINTENDING ENGINEER
BALASORE (ROADS & BUILDINGS) DIVISION-1
AT/PO-PADHUANPADA, BALASORE

CONTACT NO :- 06782262045
E Mail ID :-ee-blsrb@yahoo.co.in

BID INVITATION NO. SE (R and B) BLS-Divn-1-32/2022-23
Letter No 7623 Date 29.08.22

| | | | |
|---|---|---|---|
| 1 | The Superintending Engineer , Balasore (R & B) Division-I , Balasore on behalf of the Governor of Odisha invites Percentage rate bids to be received in **ONLINE MODE** only for road and Building works | | |
| 2 | No. of Work | : | 4 Nos |
| 3 | Nature of work : | : | Building & Road works of Balasore (R&B)Division-I |
| 4 | Class of Contractor : | : | "D"&"C"" Class |
| 5 | Approx. value of work | : | Rs. 6.32 Lakh & 19.03 Lakh |
| 6 | Tender Cost. : . | : | Rs. 4000/- & 6,000/- |
| 7 | Availability of Bid Documents in the website : | : | **From 10.00 Hours of dt. 06.09.2022 to 16:00 hours of dt. 15.09.2022** |
| 8 | Date of Opening of Bid : | : | Dt. **16.09.2022** at 11:00 Hours |
| 9 | Other details can be seen in the Bidding documents from the website : https://tendersorissa.gov.in. | | |

Superintending Engineer
Balasore (R&B) Division-1

OIPR : 34157/11/0008/2223

# ଭୀମପୁରର ଶୋଚନୀୟ ଆଇଟିଆର ରାସ୍ତା ନବୀକରଣ ଦାବି

ବାଲେଶ୍ୱର,୦୫/୦୯ (ନି.ପ୍ର): ଗ୍ରାମ୍ୟ ଉନ୍ନୟନ (ଆରଡି) ବିଭାଗର ତ୍ରୁଟିପୂର୍ଣ୍ଣ ରାସ୍ତା ନବୀକରଣ ଓ ମରଣଯନ୍ତା ପାଲଟିଥିବା ପ୍ରତିରକ୍ଷା ବିଭାଗ 'ଆଇଟିଆର' ରାସ୍ତା ମରାମତି ଦାବିରେ ସୋମବାର ଜିଲାପାଳଙ୍କଠାରେ ଫେରାଦ ହୋଇଛନ୍ତି ସଦର ବ୍ଲକ ଅନ୍ତର୍ଗତ ରସାଳପୁର ପଞ୍ଚାୟତର ଭୀମପୁର ଗ୍ରାମବାସୀ। ସେମାନଙ୍କ ଅଭିଯୋଗ ଅନୁସାରେ ଗତ ୬ମାସ ପୂର୍ବରୁ ରସାଳପୁରରୁ ଭୀମପୁରକୁ ସଂଯୋଗ କରୁଥିବା କଂକ୍ରିଟ ରାସ୍ତାର ମାତ୍ର ୪ଶହଫୁଟ ଆରଡି ବିଭାଗ ନବୀକରଣ କରିଥିଲା। ପୁରୁଣା ରାସ୍ତାର ସଂଯୋଗ ସ୍ଥଳରେ ଫୁଟେ ଉଚ୍ଚା କରିବା ଓ ତାହାର ଗଡ଼ାଣିକୁ ମାତ୍ର ୨ଫୁଟ ମଧ୍ୟରେ ଶେଷ କରିବା ଯୋଗୁଁ ଇତିମଧ୍ୟରେ ୧୫/୧୦ ଜଣ ବାଇକ ଆରୋହୀ ଦୁର୍ଘଟଣାଗ୍ରସ୍ତ ହୋଇଥିବା ବେଳେ ୨ ଜଣଙ୍କର ମୃତ୍ୟୁ ହୋଇଛି। ଏହାକୁ ତୁରନ୍ତ ମରାମତି କରିବା ପାଇଁ ଗ୍ରାମବାସୀମାନେ ଦାବି କରିଛନ୍ତି। ସେହିଭଳି ୧୯୮୯ ମସିହାରେ ଆଇଟିଆର ଦ୍ୱାରା ନିର୍ମାଣ କରାଯାଇଥିବା କ୍ୟାମେରା ହାଉସ ରାସ୍ତା ସମ୍ପୂର୍ଣ୍ଣ ନଷ୍ଟ ହୋଇ ଯାଇଥିବା ବେଳେ ଲୋକେ ଏହି ରାସ୍ତାରେ ଯା'ଆସ କରିବା ଛାଡ଼ି ଦେଲେଣି। ଏମିତିକି ଅଗ୍ନିଶମ ଗାଡ଼ି ହେଉ କି ଆମ୍ବୁଲାନ୍ସ ହେଉ ଭୀମପୁର ଗ୍ରାମକୁ କୌଣସି ଜରୁରୀକାଳୀନ ଗାଡ଼ି ଆସିପାରୁ ନାହିଁ। ଆଇଟିଆର ପ୍ରତିଷ୍ଠା ଠାରୁ ଆରମ୍ଭ କରି ଅଦ୍ୟାବଧି ପ୍ରତିଟି କ୍ଷେପଣାସ୍ତ୍ର ପରୀକ୍ଷା ବେଳେ ଭୀମପୁରବାସୀ ଜିଲା ପ୍ରଶାସନକୁ ସହଯୋଗ କରିଆସୁଛନ୍ତି। ମାତ୍ର ଆଇଟିଆର ଦ୍ୱାରା ତିଆରି ହୋଇଥିବା ରାସ୍ତା ସମ୍ପୂର୍ଣ୍ଣ ନଷ୍ଟ ହେବା ପରେ ବି ପ୍ରତିରକ୍ଷା ବିଭାଗ କିମ୍ବା ପ୍ରଶାସନ ପକ୍ଷରୁ ଏହାର ନିର୍ମାଣ ପାଇଁ କୌଣସି ପଦକ୍ଷେପ ନିଆ ନ ଯିବା ଦୁର୍ଭାଗ୍ୟର ବିଷୟ ବୋଲି ଗ୍ରାମବାସୀମାନେ କହିଛନ୍ତି। ତୁରନ୍ତ ଏ ବାବଦରେ ଉଚିତ ପଦକ୍ଷେପ ଗ୍ରହଣ କରାନଗଲେ ଆଗାମୀ ଦିନରେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି।ଏହି ଅବସରରେ ଗ୍ରାମବାସୀଙ୍କ ପକ୍ଷରୁ ଏକ ଦାବିପତ୍ର ଅତିରିକ୍ତ ଜିଲାପାଳ ଭବେଶ କୁମାର ନାୟକଙ୍କୁ ପ୍ରଦାନ କରାଯାଇଥିଲା।

# ଯୁଗ୍ମ ଜନଶୁଣାଣି ଶିବିରରେ ୧୩୦ଟି ଅଭିଯୋଗର ଶୁଣାଣି

ଭଦ୍ରକ, ୦୫/୦୯ (ନି.ପ୍ର): ଜିଲ୍ଲାପାଳ ଓ ଏସ୍.ପି.ଙ୍କ ଯୁଗ୍ମ ଜନ ଶୁଣାଣି ଶିବିର ଆୟୋଜନ ନେଇ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ମତେ ଆଜି ଚଳିତ ମାସର ପ୍ରଥମ ସୋମବାରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ଏହି ଶିବିର ଆୟୋଜିତ ହୋଇଯାଇଛି। ଭଦ୍ରକ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଏସ୍.ପି. ଚରଣ ସିଂ ମୀନା ଏହି ଶିବିରରେ ଯୋଗନେଇ ସମୁଦାୟ ୧୩୦ ଟି ଅଭିଯୋଗର ଶୁଣାଣି କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି, ଜିଲ୍ଲାପରିଷଦ, ଭଦ୍ରକର ନିର୍ବାହୀ ଅଧିକାରୀ ପ୍ରତାପ ପ୍ରୀତିମୟ, ଉପଜିଲ୍ଲାପାଳ ମନୋଜ ପାତ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ସନ୍ତୋଷ କୁମାର ପାତ୍ର ପ୍ରମୁଖ ଏହି ଶିବିରରେ ଯୋଗ ଦେଇ ଶୁଣାଣି କାର୍ଯ୍ୟରେ ଜିଲ୍ଲାପାଳଙ୍କୁ ସହଯୋଗ କରିଥିଲେ।




ଶୁଣାଣି କରାଯାଇଥିବା ସମୁଦାୟ ଅଭିଯୋଗ ମଧ୍ୟରେ ୧୦୬ଟି ବ୍ୟକ୍ତିଗତ ସମସ୍ୟା ଭିତ୍ତିକ ଥିଲାବେଳେ ୨୪ଟି ସାମୂହିକ ସମସ୍ୟା ସମ୍ବନ୍ଧୀୟ ଥିଲା। ଚିକିତ୍ସା ପାଇଁ ଦୁଇଜଣ ଆବେଦନ କାରୀଙ୍କୁ ରେଡ଼କ୍ରସ୍ ପାଣ୍ଠିରୁ ଜଣକୁ ୧୦ ହଜାର ଓ ଅନ୍ୟ ଜଣକୁ ୫ ହଜାର ସମୁଦାୟ ୧୫ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ ପାଇଁ ଜିଲ୍ଲାପାଳ ଏହି ଶିବିରରେ ମଞ୍ଜୁରି ପ୍ରଦାନ କରିଥିଲେ। ଆଗତ ଅଭିଯୋଗ ଗୁଡ଼ିକ ମଧ୍ୟରେ ସଂଖ୍ୟାଧିକ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ, ଜିଲ୍ଲା ଯୋଗାଣ ବିଭାଗ ଓ ଜିଲ୍ଲା ଶିକ୍ଷା ବିଭାଗ ସମ୍ବନ୍ଧୀୟ ଥିଲା। ଜିଲ୍ଲାର ସ୍ୱାସ୍ଥ୍ୟ, ରାଜସ୍ୱ, ଅବକାରୀ, କୃଷି, ପୋଲିସ୍, ସମାଜ ମଙ୍ଗଳ, ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଓ ପରିମଳ, ସଂସ୍କୃତି, ଆଦି ବିଭାଗ ସମ୍ବନ୍ଧରେ ମଧ ୨/୩ଟି ଲେଖାଏଁ ଅଭିଯୋଗ ଆଗତ ହୋଇଥିଲା। ଜମିଜମା, ଜବରଦଖଲ, ରାସ୍ତା, ଭତ୍ତା, ଦିବ୍ୟାଙ୍ଗ ପ୍ରମାଣ ପତ୍ର, ରେସନକାର୍ଡ଼ ଥାଇ ଖାଉଟି ସାମଗ୍ରୀ ନମିଳିବା, ରେସନ୍‌କାର୍ଡ଼ କଟିଯିବା, ଶିକ୍ଷକ ନିଯୁକ୍ତି, ବସୁଧା ଯୋଜନାରେ ପାଣିଟାଙ୍କି ନିର୍ମାଣରେ ଅନିୟମିତତା, ଗୃହାଳଘର ଯୋଜନାରେ ଘର ନିର୍ମାଣ ପରେ ବି ଟଙ୍କା ନମିଳିବା, ଫଳକ ଲଗାଇ ବିନା ଡ୍ରେନ୍‌କାମରେ ବିଲ ପାଶ୍ ହେବା, ଜାତୀୟ ପରିବାର ମଙ୍ଗଳ ଯୋଜନାରେ ଆର୍ଥିକ ସହାୟତା, ମାନସିକ ଦୁର୍ବଳତା ପିଲାଙ୍କ ଆବାସିକ ବିଦ୍ୟାଳୟରେ ଅଧ୍ୟୟନ ପାଇଁ ସୁଯୋଗ, ଭତ୍ତାବୃଦ୍ଧି, ବିଧବାଭତ୍ତା, ବାର୍ଦ୍ଧକ୍ୟ ଭତ୍ତା ମଞ୍ଜୁରି ଆଦି ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ଅଭିଯୋଗ ସବୁଥିଲା। ଚାନ୍ଦବାଲି ବ୍ଲକ୍ ଚଡ଼ଦିଆର ଶାରିରୀକ ଭିନ୍ନକ୍ଷମ ଲକ୍ଷ୍ମୀକାନ୍ତ ମହାଳିକ ଜଣେ ସ୍ୱାଭାବିକ ବା ସଂପୂର୍ଣ୍ଣ କ୍ଷମ ମହିଳାଙ୍କୁ ବିବାହ କରିଥିବାରୁ ସେଥିପାଇଁ ଉଦ୍ଦିଷ୍ଟ ପ୍ରୋତ୍ସାହନ ରାଶି ୨ ଲକ୍ଷ ୫୦ ହଜାର ଟଙ୍କାର ଚେକ୍ ଜିଲ୍ଲାପାଳ ଏହି ଶିବିରରେ ଉକ୍ତ ଦମ୍ପତିଙ୍କୁ ପ୍ରଦାନ କରିଥିଲେ। ଜିଲ୍ଲାପାଳ, ଏସ୍.ପି., ଅତିରିକ୍ତ ଜିଲ୍ଲାପାଳ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କ ଉପସ୍ଥିତିରେ ଦିବ୍ୟାଙ୍ଗ ମାନଙ୍କୁ ୩୬ଟି ବିଭିନ୍ନ ଉପକରଣ ବଣ୍ଟନ କରାଯାଇଥିଲା।

## ବ୍ରାହ୍ମଣ ସମିତି ପୌରପାଳିକା ଶାଖା କର୍ମକର୍ତ୍ତା ଚୟନ

ବାଲେଶ୍ୱର,୦୫/୦୯ (ନି.ପ୍ର): ଜିଲା ବ୍ରାହ୍ମଣ ସମିତିର ବାଲେଶ୍ୱର ପୌରପାଳିକା ଶାଖାର ପୂର୍ଣ୍ଣାଙ୍ଗ ପରିଚାଳନା କମିଟି ଗଠନ ପାଇଁ ନିର୍ବାଚନ ଦାମୋଦରପୁର ସ୍ଥିତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ନିର୍ବାଚନକୁ ଜିଲ୍ଲା ସମିତିର ଉପଦେଷ୍ଟା ଗୌରାଙ୍ଗ ପାଣିଗ୍ରାହୀ ପରିଚାଳନା କରିଥିଲେ। ପ୍ରାରମ୍ଭରେ ଡା. ଶ୍ରୀଶ କୁମାର ଦାଶ ଜିଲା ସମିତିର ସଭାପତି ପୌରପାଳିକା ଶାଖାର ସଭ୍ୟମାନଙ୍କୁ ସାଧୁବାଦ ଜଣାଇ ନିର୍ବାଚନକୁ ସହମତି ଭିତ୍ତିରେ କରିବାକୁ ପରାମର୍ଶ ଦେଇଥିଲେ। ସାଧରଣ ସଂପାଦକ ଗୌରଚନ୍ଦ୍ର ଦାଶ ଜିଲା ଓ ପୌରପାଳିକାର ସଦସ୍ୟଙ୍କ ସର୍ବ ସମର୍ଥନ କ୍ରମେ ଓ ସହମତି ଭିତ୍ତିରେ ଏକ ପୂର୍ଣ୍ଣ କାର୍ଯ୍ୟକାରିଣୀ କମିଟିର ନାମତାଲିକା ନିର୍ବାଚନ ଅଧିକାରୀଙ୍କ ନିକଟରେ ଉପସ୍ଥାପନ କରିଥିଲେ। ତାହା ନିର୍ବାଚନ ଅଧିକାରୀ ସର୍ବସମ୍ମୁଖରେ ପାଠ କରି ଶୁଣାଇଥିଲେ ଏବଂ ତାହା ଉପସ୍ଥିତମାନଙ୍କ ଦ୍ୱାରା ଅନୁମୋଦନ ଲାଭ କରିଥିଲା। ନବ ନିର୍ବାଚିତ କମିଟି ପୌରପାଳିକା ସମିତିର ଗୌର ସାଧନ ମିଶ୍ର ସଭାପତି, ଶାନ୍ତିସ୍ୱରୂପ ମିଶ୍ର ସଂପାଦକ, ବୀରେନ୍ଦ୍ର କୁମାର କର କୋଷାଧକ୍ଷ, ଚନ୍ଦ୍ରାଂଶୁ ବାନାର୍ଜୀ କାର୍ଯ୍ୟକାରୀ ସଭାପତି, ଗୌରଗଦାଧର ଶତପଥୀ ଉପସଭାପତି, ଜଗବନ୍ଧୁ ଦାଶ ସଂଗଠନ ସଂପାଦକ, କୃତ୍ତିବାସ ପଣ୍ଡା ସହ ସଂପାଦକ ଏବଂ କାର୍ଯ୍ୟକାରୀ ସଦସ୍ୟ ଭାବେ ଲୋକନାଥ ପଣ୍ଡା, ଦିଲ୍ଲୀପ କୁମାର ଶତପଥୀ, ହରିଶ୍ଚନ୍ଦ୍ର ପଣ୍ଡା, ଲକ୍ଷ୍ମୀକାନ୍ତ ପଣ୍ଡା, ଭରତ ଚନ୍ଦ୍ର ପଣ୍ଡାଙ୍କୁ ମନୋନୀତ କରାଯାଇଥିଲା।

# ଇଡିଦା ପଞ୍ଚାୟତରେ ଦୁଇ ବରିଷ୍ଠ ଯୁବନେତାଙ୍କୁ ସମ୍ବର୍ଦ୍ଧନା

ବସ୍ତା, ୦୫/୦୯ (ନି.ପ୍ର): ବସ୍ତା ବ୍ଲକ ଇଡିଦା ପଞ୍ଚାୟତ ବିଜୁ ଜନତା ଦଳ ତରଫରୁ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ବିଜୁଜନତା ଦଳ ସଭାପତି ସଞ୍ଜୟ ପ୍ରଧାନ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ଉକ୍ତ ସଭାରେ ନୂତନ ଭାବେ ମନୋନୀତ ହୋଇଥିବା ବସ୍ତା ନିର୍ବାଚନ ମଣ୍ଡଳୀର ଯୁବ ବିଜେଡ଼ି ସଭାପତି ଅଞ୍ଜନ କୁମାର ଦଣ୍ଡପାଟ ଏବଂ ବାଲେଶ୍ୱର ଜୋନ୍ ବିଜୁ ଯୁବ ଜନତା ଦଳ ଉପସଭାପତି ଦେବୀ ପ୍ରସାଦ ଭଞ୍ଜଙ୍କୁ ଇଡିଦା ଗ୍ରାମ ପଞ୍ଚାୟତ ତରଫରୁ ବିପୁଳ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇ ଥିବା ବେଳେ, ଦାଇତ୍ୱ ପାଇଥିବା



ନବ ନିଯୁକ୍ତ ନେତା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ବାଲେଶ୍ୱର ଜିଲ୍ଲା ସଭାପତି ରବୀନ୍ଦ୍ର କୁମାର ଜେନାଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହିତ, ଦଳଗତ ନିର୍ବିଶେଷରେ ସଭିଙ୍କ ନିକଟରେ ସରକାରୀ ଯୋଜନା ପହଞ୍ଚାଇବା ବେ ବୋଲି ସଂକଳ୍ପ ବଦ୍ଧ ବୋଲି କହିଥିଲେ। ଉକ୍ତ ସଭାରେ ଗ୍ରାମପଞ୍ଚାୟତର ବୟୋଜ୍ୟେଷ୍ଠ ବିଜୁ ଜନତାଦଳ ପ୍ରେମି ସତ୍ୟନାରାୟଣ ପ୍ରଧାନ,ପୂର୍ଣ୍ଣଚନ୍ଦ୍ର ରାଉଳ, ରାଜେନ୍ଦ୍ର ଆଦେକ, ଉକ୍ତ ସଭାକୁ ପରିଚାଳନା ରେ ସହଯୋଗ କରିଥିଲେ।

# ସୂର୍ଯ୍ୟକିରଣ ଏୟାର ସୋ ପାଇଁ ଆଜି ପହଂଚିବ ଇଣ୍ଡକ୍ସନ୍ ଟିମ୍

ଭୁବନେଶ୍ୱର,୦୫/୦୯ (ନି.ପ୍ର): ସୂର୍ଯ୍ୟକିରଣ ଏୟାର ସୋ ପାଇଁ ଆସନ୍ତାକାଲି ଇଣ୍ଡକ୍ସନ୍ ଟିମ୍ ଏନ୍ ୩୨ ବିମାନ ଯୋଗେ ଭୁବନେଶ୍ୱରରେ ପହଂଚିବ। ଭୁବନେଶ୍ୱର ବିମାନବନ୍ଦର ନିର୍ଦ୍ଦେଶକ ପ୍ରସନ୍ନ ପ୍ରଧାନ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ସେପ୍ଟେମ୍ବର ୮ ତାରିଖରେ ସି୧୭ ଗ୍ଲୋବମାଷ୍ଟର ବିମାନରେ ଉପକରଣ ଆସି ପହଂଚିବ। ୯ ତାରିଖରେ ସୋ'ରେ ଭାଗ ନେବାକୁ ଥିବା ୧୧ଟି ହକ୍ ବିମାନ ଆସିବ। ସୂର୍ଯ୍ୟକିରଣ ସୋ'ରେ ୯ଟି ହକ୍ ବିମାନ ଭାଗନେବ ଏବଂ ୨ଟି ଷ୍ଟାଣ୍ଡ ବାଏ ରହିବ। ଆସନ୍ତା ୧୦ ତାରିଖରେ ମ୍ୟାପିଂ ସର୍ଟ ବା ରିହରସଲ୍ ହେବ। ପାଣିପାଗ ସ୍ଥିତି ଦେଖି ପୂର୍ବାହ୍ନ ୧୦ଟାରୁ ୧୧ କିମ୍ବା ଅପରାହ୍ନ ୪.୧୫ରୁ ୫.୧୫ ଯାଏଁ ସୋ ଆୟୋଜିତ ହେବ। ପୁରୀ ଏୟାର ସୋ ସୁନିଶ୍ଚିତ ହୋଇଛି।

## ବିଭିନ୍ନ ଶିକ୍ଷାନୁଷ୍ଠାନରେ ପବିତ୍ର ଗୁରୁଦିବସ

ବାଲେଶ୍ୱର,୦୫/୦୯ (ନି.ପ୍ର): ମହାନ ଭାରତୀୟ ସଂସ୍କୃତିର ପବିତ୍ର ଗୁର-ଶିକ୍ଷ୍ୟ ପରମ୍ପରାକୁ ଉଜ୍ଜୀବିତ କରିଚାଲିଛି ସେପ୍ଟେମ୍ବର ୫ ତାରିଖ। ଦେଶର ପ୍ରଥମ ଉପ-ରାଷ୍ଟ୍ରପତି ଭୂତପୂର୍ବ ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ଜନ୍ମ ଦିବସକୁ ସମଗ୍ର ଦେଶରେ ଗୁରୁଦିବସ ଭାବେ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ସହର ସମେତ ବାଲେଶ୍ୱର ଜିଲାର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଶ୍ରଦ୍ଧା ଏବଂ ଭକ୍ତିର ସହିତ ଗୁରୁପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବାଲେଶ୍ୱର ସହରର ଅନ୍ୟତମ ପୁରାତନ ଶିକ୍ଷାନୁଷ୍ଠାନ 'ଟାଉନ ହାଇସ୍କୁଲ'ରେ ଗୁରୁଦିବସ ପାଳିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ନମିତା ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟତ୍ରୀମାନେ ଯୋଗଦେଇ ଗୁରୁ ଦିବସ ପାଳନର ଆଭିମୂଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ପ୍ରାରମ୍ଭରେ ସ୍ୱର୍ଗତଃ ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ଫଟୋଚିତ୍ରରେ ସାମୂହିକ ମାଲ୍ୟାର୍ପଣ କରାଯାଇଥିଲା । ପରେ ଛାତ୍ରଛାତ୍ରୀମାନେ ବିଦ୍ୟାଳୟ ଶିକ୍ଷକ ଓ ଶିକ୍ଷୟତ୍ରୀମାନଙ୍କୁ ପୂଜାର୍ଚ୍ଚନା ସହ ଗୁରୁବନ୍ଦନା ଗାନ କରିଥିଲେ।ଏହି ଅବସରରେ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟତ୍ରୀମାନେ ଗୁରୁ ଦିବସ ପାଳନ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ ।

# ଗୁରୁ ପୂଜନ ଉତ୍ସବ ଓ ସମ୍ବର୍ଦ୍ଧନା ପର୍ବ ଅନୁଷ୍ଠିତ

ବାସୁଦେବପୁର,୦୫/୦୯ (ନି.ପ୍ର): ବାସୁଦେବପୁର ବ୍ଲକ ର ନରେନ୍ଦ୍ରପୁର ନୀଳମଣି ରାଉତରାୟ ସରକାରୀ ଉ ପ୍ରା ବିଦ୍ୟାଳୟ ପରିସରରେ ପୁରାତନ ଛାତ୍ର ସଂସଦ ପକ୍ଷରୁ ଗୁରୁ ପୂଜନ ଉତ୍ସବ ଓ ସମ୍ବର୍ଦ୍ଧନା ପର୍ବ ପବିତ୍ର ଗୁରୁ ଦିବସ ଉପଲକ୍ଷେ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ପ୍ରଧାନ ଶିକ୍ଷକ ଶୈଳେନ୍ଦ୍ର ନାରାୟଣ ସାହୁ ସଭାପତିତ୍ୱ କରିଥିଲେ । ଅଟଳ ବିହାରୀ ମହାବିଦ୍ୟାଳୟ ର ପୂର୍ବତନ ଅଧକ୍ଷ ରବି ନାରାୟଣ ସେନାପତି, ଆଧାତ୍ମିକ ପ୍ରବକ୍ତା ଗୋପାଳ ପ୍ରସାଦ ବେଜ, ପ୍ରବଚକ ବଂଶୀଧର ପଣ୍ଡା, ରବର୍ଟ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅମୂଲ୍ୟ ବାରିକ ପ୍ରମୁଖ ଅତିଥି ଓ ବକ୍ତା ଭାବେ ଯୋଗଦେଇ ଗୁରୁ ଦିବସ ର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ଏହି ଅବସରରେ ପରମ ପୂଜ୍ୟ ଗୁରୁ ଗୌରବ ଶଙ୍କର୍ଷଣ ମଳିକ, ପୁରୁଷୋତ୍ତମ ପଣ୍ଡା, ପୁରୁଷୋତ୍ତମ ବେହେରା, ଭଗବାନ ନାୟକ, ଶୁକଦ୍ୱେ ପାଣିଗ୍ରାହୀ, ଲକ୍ଷ୍ମୀକାନ୍ତ ପଣ୍ଡା, ମାର୍କଣ୍ଡ ବେହେରା, ବାଇଧର ବନ୍ଧ, ଗିରିଧାରୀ ମହାରଣା, ଭାଗିରଥି ମହାନ୍ତି, କୃପାସିନ୍ଧୁ ମହାନ୍ତି, ଅନିରୁଦ୍ଧ ଲେଙ୍କା, ପରମାନନ୍ଦ ପାଣି, ଅଚ୍ୟୁତାନନ୍ଦ ପଣ୍ଡା, ସନାତନ ପାଣିଗ୍ରାହୀ, ରତ୍ନାକର ପଣ୍ଡା, ବିଚିତ୍ରନନ୍ଦ ପଲେଇ, ପଦ୍ମଲୋଚନ ପଣ୍ଡା ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅତିଥିଙ୍କୁ ମଞ୍ଚ ଆମନ୍ତ୍ରଣ ମଧୁସୂଦନ ପାଢ଼ୀ, ବେଦ ପାଠ ନାରାୟଣ ପାଣିଗ୍ରାହୀ, ଅତିଥି ପରିଚୟ ସୌମେନ୍ଦ୍ର ପଣ୍ଡୁଆ, ସ୍ୱାଗତ ଭାଷଣ ପରମାନନ୍ଦ ଓଝା ଓ ଚିତ୍ତ ରଞ୍ଜନ ପଣ୍ଡା ବିବରଣୀ ପାଠ କରିଥିଲେ । ଶେଷରେ ନୃସିଂହ ଚରଣ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଭିନ୍ନ କ୍ଷେତ୍ରରେ ଅନିୟମିତତାକୁ ନେଇ ରାଜ୍ୟ ସରକାରଙ୍କୁ ବିଜେପି ଯୁବ ମୋର୍ଚ୍ଚାର ପ୍ରଶ୍ନ

ବାଲେଶ୍ୱର,୦୫/୦୯ (ନି.ପ୍ର): ରାଜ୍ୟ ସରକାରଙ୍କ ୨୨ବର୍ଷର ଶାସନକାଳ ମଧ୍ୟରେ ଓଡ଼ିଶାରେ ଆଖିଦୃଶିଆ ବିକାଶ ହୋଇ ନଥିବା ବେଳେ ବିଜେଡିର ନେତାମନ୍ତ୍ରୀ ଓ ଛାମୁଆଙ୍କର ଆଶାତୀତ ଉନ୍ନତି ହୋଇଛି ବୋଲି ଅଭିଯୋଗ ଉଠାଇଛି ବିଜେପି ଯୁବମୋର୍ଚ୍ଚା।ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ଜିଲା ଯୁବମୋର୍ଚ୍ଚା ସଭାପତି ରାଜେଶ ମହାପାତ୍ରଙ୍କ ନେତୃତ୍ୱରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ-ଉପ ସଭାପତି ମାନସ ଦତ୍ତ, ରାଜ୍ୟ ସଂଯୋଜକ ବିକାଶ ପାଢ଼ୀ, ଜିଲା ସାଧାରଣ ସମ୍ପାଦକ ଖଗେନ୍ଦ୍ର ନାୟକ, ଜିଲା ସମ୍ପାଦକ ଅରୂପ ଜେନା ଓ ନାରାୟଣ ମହନ୍ତ, ଜିଲ୍ଲା ମିଡ଼ିଆ ସଂଯୋଜକ ଶୋଭାକର ସାହୁ ପ୍ରମୁଖ ଯୋଗଦେଇ ୨୨ ବର୍ଷର ବିଜେଡି ସରକାରଙ୍କ ଅପାରଗତା ଓ ଦୁର୍ନୀତି ବିରୋଧରେ ପ୍ରଶ୍ନ କରିଛନ୍ତି। ପ୍ରଚାର ସର୍ବସ୍ୱ ସରକାର ଭାବେ ଓଡ଼ିଶାରେ ୨୨ ବର୍ଷ ଧରି ଜଣେ ମୁଖ୍ୟମନ୍ତ୍ରୀ ଶାସନ ଦାୟିତ୍ୱରେ ଅଛନ୍ତି। ସମ୍ବଳ ଓ ସମ୍ଭାବନା ଥାଇ ମଧ୍ୟ ଅପାରଗ ସରକାରଙ୍କ ପାଇଁ ରାଜ୍ୟବାସୀ ଆଜି ଗରିବ ସୀମାରେଖା ତଳେ ରହିଛନ୍ତି ବୋଲି ସେମାନେ ଆରୋପ କରିଛନ୍ତି। ଏନେଇ ବିଜେପି ଯୁବମୋର୍ଚ୍ଚାର କର୍ମକର୍ତ୍ତାମାନେ ୨୨ ବର୍ଷର ଶାସନରେ ବିଜେଡ଼ି ସରକାରଙ୍କ ମୁଖ୍ୟଙ୍କୁ ଏହି ସାମ୍ବାଦିକ ସମ୍ମିଳନୀ ଜରିଆରେ ୨୨ଟି ପ୍ରଶ୍ନ ପଚାରିଛନ୍ତି। ବିଶେଷ କରି ବାଲେଶ୍ୱର ଜିଲ୍ଲାରେ ଡ୍ରଗ୍ସ ଓ ନିଶା କାରବାର ରେ ଏକ ନମ୍ବର ହୋଇଥିବା ବେଳେ ବନ୍ଦ ପଡିଥିବା ଶିଳ୍ପାୟନ ର ପୁନରୁଦ୍ଧାର କେବେ ହେବ, ସୁବର୍ଣ୍ଣରେଖା ଓ ବୁଢ଼ାବଳଙ୍ଗ ନଦୀ ବନ୍ୟାର ସ୍ଥାୟୀ ସମାଧାନ କେବେ ହେବ, ପ୍ରଧାନମନ୍ତ୍ରୀ ଆବାସରେ ହଜାର କୋଟି ଟଙ୍କାର ମହାଦୁର୍ନୀତି ପଛର ନାୟକ କିଏ, ସହରାଂଚଳ ଭୂମିହୀନଙ୍କ ପାଇଁ ଜମିପଟ୍ଟା ଓ ଆବାସ ବଂଟନ ପ୍ରହସନ ଆଉ କେତେ ଦିନ ଚାଲିବ, ରାଜ୍ୟବାସୀଙ୍କୁ ବିଶୁଦ୍ଧ ଜଳ ଯୋଗାଣର ରୂପାୟନ କେବେ ଶେଷ ହେବ, ଚାଷୀ ସମସ୍ୟା ଓ କୃଷି ବିକାଶ କେବେ ହେବ ଆଦି ୨୨ ଗୋଟି ପ୍ରଶ୍ନ ପଚାରିଛନ୍ତି ବିଜେପି ଯବମୋର୍ଚ୍ଚା କର୍ମକର୍ତ୍ତାମାନେ। ଉତର କ'ଣ ମିଳିବ ଓ ନ ମିଳିବ, ତାହାକୁ ଗୁରୁତ୍ୱ ନଦେଇ ଏହି ସମସ୍ତ ଇସ୍ୟୁକୁ ନେଇ ବାଲେଶ୍ୱର ଯୁବମୋର୍ଚ୍ଚା ଆଗାମୀ ଦିନରେ ଆନ୍ଦୋଳନମୁଖୀ ହେବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

# ଭାରତୀୟ ଗୁରୁ-ଶିଷ୍ୟ ପରମ୍ପରା ବିଶ୍ୱରେ ବିରଳ




ଜଳେଶ୍ୱର, ୫/୯(ନି.ପ୍ର): ଭାରତ ଏକ ସଂସ୍କୃତି ଓ ଐତିହ୍ୟପୂର୍ଣ୍ଣ ରାଷ୍ଟ୍ର । ଏହାର ଗୁରୁ-ଶିଷ୍ୟ ପରମ୍ପରା ଅନ୍ୟତ୍ର ବିରଳ ବୋଲି ଜଗନ୍ନାଥ ଡିଗ୍ରୀ କଲେଜରେ ଅନୁଷ୍ଠିତ ଉତ୍ସବରେ ମତପ୍ରକାଶ ପାଇଛି । କଲେଜ ଅଧ୍ୟକ୍ଷ ସରୋଜ କୁମାର ମହାନ୍ତି ଅଧ୍ୟକ୍ଷତା କରିଥିଲେ । ଅଧ୍ୟାପକ ଶ୍ରବଣ କୁମାର ନାଥ, ଅଶୋକ କୁମାର ରଥ, ଉଷାରାଣୀ ଦାସ, ନିରଞ୍ଜନ ପରିଡା, ନିଶ୍ଚଳ ଘଡେଇ, ସୌମ୍ୟରଂଜନ ମହାନ୍ତି, ଜ୍ଞାନ ରଂଜନ ଜେନା, ବିଜେସ୍ କୁମାର ସେନାପତି, ଇପ୍‌ସିତା ଦାସ, ଆଶୁତୋଷ ପାତ୍ର ପ୍ରମୁଖ ବକ୍ତବ୍ୟ ରଖିଥିଲେ । ପୂର୍ବତନ ମହାମହୀମ ରାଷ୍ଟ୍ରପତି, ବିଶିଷ୍ଟ ଦାର୍ଶନିକ ଡଃ ସର୍ବପଲ୍ଲି ରାଧାକୃଷ୍ଣନଙ୍କ ଫଟୋଚିତ୍ରରେ ପୁଷ୍ପାର୍ଘ୍ୟ ପ୍ରଦାନ କରାଯାଇଥିଲା । ସେହିପରି ଦୀନକୃଷ୍ଣ ଭିନ୍ନକ୍ଷମ ବିଦ୍ୟାଳୟ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଏହା ପାଳିତ ହୋଇଛି । ଆମ୍ବଳିଅଠା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଅବସରପ୍ରାପ୍ତ ବରିଷ୍ଠ ଶିକ୍ଷକ ଗୌରାଙ୍ଗ ପାତ୍ରଙ୍କୁ ଆଜି ଜଳେଶ୍ୱର, ବାଲିଆପାଳ ଓ ବସ୍ତା ବ୍ଲକର ବିଭିନ୍ନ ଅଂଚଳରୁ ତାଙ୍କର ଶିକ୍ଷ୍ୟମାନେ ଆସି ଗୁରୁ ବନ୍ଦନା କରିବା ସହିତ ଗୁରୁ-ଶିଷ୍ୟ ସଂପର୍କ କିପରି ଅତୁଟ ରହି ଆସିଛି ସେ ସଂପର୍କରେ କହିଥିଲେ । ଦୀର୍ଘ ଦୁଇବର୍ଷ ପରେ ବିଦ୍ୟାଳୟ ମାନଙ୍କରେ ଗୁରୁଦିବସ ପାଳନ କରାଯାଉଥିବାରୁ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ଉତ୍ସୁକତା ପ୍ରକାଶ ପାଇଥିଲା ।

# ବିଭିନ୍ନ ଦାବିରେ ଜୀବନବୀମା ଏଜେଣ୍ଟଙ୍କ ଧାରଣା

ଖଇରା, ୦୫/୦୯ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବଜାରସ୍ଥିତ ଭାରତୀୟ ଜୀବନ ବୀମା ନିଗମ କାର୍ଯ୍ୟାଳୟ ସମ୍ମୁଖରେ ସମସ୍ତ ବୀମା ଏଜେଣ୍ଟ ମାନଙ୍କ ତରଫରୁ ଧାରଣା ଦିଆଯାଇଥିଲା । ସୋମବାର ଦିବସବ୍ୟାପୀ ଧାରଣାରେ ବସିଥିବା ଏଜେଣ୍ଟ ମାନେ ୭ଦଫା ଦାବୀ ପୁରଣ ପାଇଁ ସ୍ଲୋଗାନ ଦେଇଥିଲେ । ବିଶେଷକରି ପଲିସଧାରୀଙ୍କ ବୋନସ ବୃଦ୍ଧି,ପଲିସ ଲୋନର ସୁଧ କମ କରିବା,ପଲିସି ଉପରୁ ଜିଏସଟି ଛାଡ,ଏଜେଣ୍ଟ ଗ୍ରାଚୁଇଟି ବୃଦ୍ଧି,ଏଜେଣ୍ଟ କମିଶନ



ବୃଦ୍ଧି, ପ୍ରିମିୟମ ପଏଣ୍ଟର ଟ୍ରାଜକ୍ସନ ବୃଦ୍ଧି,୫ବର୍ଷର ଅଚଳ ପଲିସିକୁ ସଚଳ କରିବା ନେଇ ସରକାରଙ୍କ ନିକଟରେ ଦାବୀ ଉପସ୍ଥାପନ କରିଥିଲେ । ଆନ୍ଦୋଳନକୁ ଅଧୀକ ମଜବୁଥ କରିବା ପାଇଁ କର୍ମକର୍ତ୍ତା ମନୋନୟନ କରାଯାଇଥିଲା । ଗୋବିନ୍ଦ ଚନ୍ଦ୍ର ପଣ୍ଡାଙ୍କୁ ସଭାପତି,ଲକ୍ଷ୍ମୀଧର ପଣ୍ଡା ସମ୍ପାଦକ,ଅନିରୁଦ୍ଧ ଜେନା ଉପସଭାପତି,ବରେନ୍ଦ୍ର କୁମାର ନାୟକ ସହ ସମ୍ପାଦକ,ବିଶ୍ୱନାଥ ଜେନା କୋଷାଧକ୍ଷ ଭାବେ ଦାୟିତ୍ୱ ଅର୍ପଣ କରାଯାଇଛି ।

## ଅଗ୍ନିକାଣ୍ଡରେ ଜଳିଗଲା ଦୋକାନ

ଭଦ୍ରକ, ୦୫/୦୯ (ନି.ପ୍ର): ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ମାଳଦା ହାଇସ୍କୁଲ ସମ୍ମୁଖ ଭରତ ଚନ୍ଦ୍ର ଦାସଙ୍କ ଦୋକାନ ଆଜି ସକାଳ ପ୍ରାୟ ୬.୩୦ ମିନିଟ ସମୟରେ ଜଳିଯାଇଥିବା ଜଣାଯାଇଛି। ବିଦ୍ୟୁତ ସର୍ଟସର୍କିଟରୁ ଅଗ୍ନିକାଣ୍ଡ ଘଟି ବିକ୍ରୀ ପାଇଁ ଥିବା ସମାଗ୍ରୀ ପୋଡି ପାଉଁଶ ହୋଇଯାଇଥିଲା। ଏପରିକି ଅଗ୍ନିରେ ଟିଣଛପର ଜଳିଉଠିଥିଲା। ଖବର ପାଇ ଭଣ୍ଡାରିପୋଖରୀରୁ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହ୍ଞ ଅଗ୍ନିକୁ ଆୟ କରିଥିଲା।

# ଦିନେ ପାଠ ଛାଡି ଶିଶୁ ଶ୍ରମିକ ଥିବା ପିଲାଙ୍କ ସଫଳତାକୁ ନେଇ ଚର୍ଚ୍ଚା

ବାରିପଦା, ୦୫/୦୯ (ନି.ପ୍ର): ସ୍ଥାନୀୟ ବାରିପଦା ମ୍ୟୁନିସିପାଲିଟି ପରିସରରେ ନିଖିଳ ଭାରତ ସ୍ୱାୟତ ଶାସନ ପାଳନ ଅବସରରେ ଆୟୋଜିତ ଗ୍ରୁପ ଡ୍ୟାନ୍ସ ପ୍ରତିଯୋଗିତାରେ ପୂର୍ଣ୍ଣଚନ୍ଦ୍ର ପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ର ଯେଉଁ ମାନେକି ଏକଦା ଶିଶୁ ଶ୍ରମିକ ଭାବେ କାର୍ଯ୍ୟରତ ଥିଲେ ମାତ୍ର ପରବର୍ତ୍ତୀ ସମୟରେ ଜିଲ୍ଲା ପ୍ରଶାସନ ଦ୍ୱାରା ଉଦ୍ଧାର କରାଯାଇ ବିଦ୍ୟାଳୟ ପରିସରରେ ଥିବା ହଷ୍ଟେଲରେ ରଖାଯାଇ ସେମାନଙ୍କୁ ମୁକ୍ତ ଶିକ୍ଷାଦାନ କରାଯାଉଥିଲା ସେହି ଛାତ୍ରମାନେ ଆଜାଦି କା ଅମୃତ ମହୋତ୍ସବ ବିଷୟବସ୍ତୁ ଉପରେ ନୃତ୍ୟ କରି ପ୍ରଥମ ସ୍ଥାନ ଅଧିକାର କରି ଅତିଥିଙ୍କ ହାତରୁ ପୁରସ୍କାର ଗ୍ରହଣ କରିବା ସହ ବେଶ ପ୍ରଶଂସିତ ହୋଇଛନ୍ତି । ସେହିପରି ଭଂଜପୁର ଜଗଦ୍ଧାତ୍ରୀ ପଡିଆରେ



ଗଣେଶ ପୂଜା ଅବସରରେ ଜେଡି ଫ୍ରେଣ୍ଡସ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ଗ୍ରୁପ ଡ୍ୟାନ୍ସ ପ୍ରତିଯୋଗିତାରେ ମଧ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି । ଦୁଇ ଦୁଇଟି ସଫଳତା ହାସଲ କରିବା ପରେ ପିଲାମାନେ ବେଶ ଉତ୍ସାହିତ ଥିବା ସହ ବିଦ୍ୟାଳୟରେ ଖୁସିର ଲହରୀ ଖେଳି ଯାଇଛି ଓ ପିଲାମାନଙ୍କର ଏହି ସଫଳତା ବିଦ୍ୟାଳୟ ତଥା ସ୍ଥାନୀୟ ଅଂଚଳ ପାଇଁ ସୁନାମ ଆଣିଦେଇଛି ବୋଲି ପ୍ରଧାନ ଶିକ୍ଷକ ସୋମନାଥ ସିଂହ ପ୍ରକାଶ କରିଛନ୍ତି । ପ୍ରକାଶ ଥାଉକି ଏହି ପିଲାମାନେ ନୃତ୍ୟ ଛଡା ଏମାନଙ୍କ ମଧ୍ୟରୁ ଅନେକେ ନିଜର ପ୍ରତିଭା ବଳରେ ବିଭିନ୍ନ କ୍ଷେତ୍ରରେ ରାଜ୍ୟ ଓ ଜାତୀୟ ସ୍ତରରେ ଅଂଶ ଗ୍ରହଣ କରି ବିଦ୍ୟାଳୟ ପାଇଁ ସଫଳତା ଆଣିଛନ୍ତି ।

# ଉନ୍ନୟନ କାର୍ଯ୍ୟ ଓ ବନ୍ୟା ପରବର୍ତ୍ତୀସ୍ଥିତି ସମୀକ୍ଷା କଲେ ସାଂସଦ

ଜଳେଶ୍ୱର, ୫/୯(ନି.ପ୍ର): ଜଳେଶ୍ୱର ପୂର୍ତ୍ତ ବିଭାଗ ଡାକବଂଗଳାଠାରେ ବାଲେଶ୍ୱର ସାଂସଦ ପ୍ରତାପଚନ୍ଦ୍ର ଷଡଙ୍ଗୀ ବନ୍ୟା ପରବର୍ତ୍ତୀ ସମୟର ସ୍ଥିତି ଓ କେତେକ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି । ବିଭିନ୍ନ ପଂଚାୟତର କ୍ଷତିଗ୍ରସ୍ତ ଅଂଚଳରେ ସରକାରୀ ସହାୟତା, କ୍ଷତିର ଆକଳନ ଓ ଆଗାମୀ ଦିନରେ ବିପନ୍ନଙ୍କୁ କିପରି ସହାୟତା ଦିଆଯିବ ସେ ସଂପର୍କରେ ସେ ଉପସ୍ଥିତ କର୍ମଚାରୀ ଓ ଦଳୀୟ ପ୍ରତିନିଧିଙ୍କ ସହ ଆଲୋଚନା କରିଥିଲେ । ବନ୍ୟାବେଳେ ବିଭିନ୍ନ ପଂଚାୟତରେ ଆଶ୍ରୟସ୍ଥଳୀ ହୋଇଥିବା ବେଳେ ଓଲମରା ପଂଚାୟତର ବ୍ରହ୍ମାପୁର ଓ ରାଜନଗରରେ ଆଶ୍ରୟସ୍ଥଳ ନ ହେବା ସଂପର୍କରେ ବିଡିଓଙ୍କ ଠାରୁ ଲିଖିତ ବିବରଣୀ ଚାହିଁଥିଲେ ।



ଚକସାହି ଶ୍ମଶାନ ଓ ଜଳାଶୟ, ସୁଗୋର ବିଶ୍ରାମାଗାର, କମାରଶାଳିଆର ଗ୍ରାମ୍ୟରାସ୍ତା, ନାମ୍ପୋର ନୟନଯୋଡିରୁ ଜବରଦଖଲ ଉଚ୍ଛେଦ ଓ ରାଇବଣିଆର ଶ୍ୟାମନଗର, ବରଡିହା, ଖୁଆଡ, ସର୍ଦ୍ଧାରବନ୍ଧ ଓ ରାଇବଣିଆ ପଂଚାୟତରୁ ହେଉଥିବା ମୋରମ ଚୋରି ରୋକିବାକୁ ସରକାରୀସ୍ତରରେ କହି ପ୍ରକାର ପଦକ୍ଷେପ ନିଆଯାଉଛି ପଚାରି ବୁଝିଥିଲେ । କୃଷି ସୂଚନାକେନ୍ଦ୍ର (ଆତ୍ମା)ର ନୂତନ କମିଟି ଗଠନ ଓ ପର୍ଯ୍ୟାପ୍ତ ପରିମାଣରେ ୟୁରିଆ ସାର ନ ମିଳିବା ସଂପର୍କରେ ସେ କୃଷି ଅଧିକାରୀ ପଚାରି ବୁଝିଥିଲେ। ପୌରପାଳିକାରେ ସଫେଇ, ପିଇବାପାଣି ସମସ୍ୟା ଦୂର କରିବାଲାଗି ସେ ସ୍ଥାନୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ନୂଆବଜାର ଓ ଚାଲନ୍ତିଠାରେ ନିର୍ମାଣାଧିନ ରେଳ ଉଡନ୍ତାପୋଲ କାର୍ଯ୍ୟ ଶୀଘ୍ର ଶେଷ କରିବାକୁ ବିଭାଗୀୟ କର୍ମକର୍ତ୍ତାଙ୍କୁ ନିର୍ଦ୍ଦେଶ ଦେବା ସହିତ ଜଳେଶ୍ୱର-ପଶ୍ଚିମବାର୍ଡ-କପାସିଆ ରାସ୍ତାର ମରାମତି ଶୀଘ୍ର ସାରିବାକୁ ପୂର୍ତ୍ତବିଭାଗକୁ ନିର୍ଦ୍ଦେଶ ଦେଇଥିଲେ । ଜଳେଶ୍ୱର ରଂ ରୋଡ ନିର୍ମାଣ ଓ ଅତଡା ଖସିଥିବା ସ୍ଥାନ ଗୁଡିକର ନିର୍ମାଣ ଓ ମରାମତି ପାଇଁ ଜଳ ସଂପଦ ବିଭାଗକୁ କହିଥିଲେ । ଖୁଆଡରେ ହରିଶ୍ଚନ୍ଦ୍ର ଯୋଜନାରେ ଅନିୟମିତତା ସଂପର୍କରେ ଜାଣିବାକୁ ଚାହିଁଥିଲେ । ବିଭାଗୀୟ କର୍ମକର୍ତ୍ତାଙ୍କ ସହିତ ବିଜେପି ଜିଲା ସଭାପତି ଉମାକାନ୍ତ ମହାପାତ୍ର, ସାଂସଦ ପ୍ରତିନିଧି ଶାନ୍ତନୁ ପଟ୍ଟନାୟକ, ଫାଲଗୁନୀ ପାଣିଗ୍ରାହୀ, ପୂର୍ବତନ ନଗରପାଳ ପ୍ରବୀର ପ୍ରଧାନ, ଅରୁଣ ବେଜ, ସାବିତ୍ରୀ ଜେନା ଓ ଜଗନ୍ନାଥ ଗୋଛାୟତଙ୍କ ସହିତ ବହୁ ନେତୃମଣ୍ଡଳୀ ଉପସ୍ଥିତ ଥିଲେ ।

## CHANGE OF SURNAME

By virtue of and Affidavit before the Executive Magistrate I, Brahmachari Mohan Chaitan, aged about 48 years, S/o. Swami Nigamananda Swaraswati, At- Tulasipalli Geredi, Po- Samarbandh, Dist- Ganjam, Declare that, I have taken Monasterly religious system and Brahmachari under Swami Nigamananda Saraswati. But my child hood name is Madhaba Chandra Pradhan and after accepting Monasterly my name has been changed from Madhaba Chandra Pradhan to Brahmachari Mohan Chaitan. But both the names are one and same person.

Henceforth I shall be known as Brahmachari Mohan Chaitan in all respect.

**Brahmachari Mohan Chaitan**

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

**Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704**

❒ Managing & Executive Editor : Srustidhar Parida
❒ Editor: Sairindhree Sahoo